# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୭/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 7/2026 Page 14 ₹ 7.00 | BERHAMPUR

୫୨ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 75 ମୂଲ୍ୟ₹୭/-


# ଇସ୍‌ଲାମାବାଦରେ ଆତ୍ମଘାତୀ ବିସ୍ଫୋରଣ: ୩୧ ମୃତ



ଇସ୍‌ଲାମାବାଦର ଶେହଜାଦ ସହରସ୍ଥିତ ତରଲାଇ ଇମାମବରଗାହ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ପରେ ଅର୍ଦ୍ଧସାମରିକ ସୁରକ୍ଷାବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛି।

**ପାକିସ୍ତାନର ଇସ୍‌ଲାମାବାଦରେ ଶୁକ୍ରବାର ଏକ ଆତ୍ମଘାତୀ ବିସ୍ଫୋରଣରେ ଅନ୍ୟୂନ ୩୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୯ ଆହତ ହୋଇଛନ୍ତି। ରାଜଧାନୀର ଶେହଜାଦ ଟାଉନ୍‌ରେ ଥିବା ତରଲାଇ ଇମାମବରଗାହରେ ସମୂହ ନମାଜ ପାଠ ପାଇଁ ଶିଆ ମୁସଲମାନମାନେ ଏକତ୍ରିତ ହୋଇଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟାଯାଇଥିବା କୁହାଯାଉଛି। କିଛିବର୍ଷ ମଧ୍ୟରେ ଏହାକୁ ପାକିସ୍ତାନରେ ଶିଆଙ୍କ ଉପରେ ଅନ୍ୟତମ ବୃହତ୍ ଘାତକ ବିସ୍ଫୋରଣ ବୋଲି କୁହାଯାଇଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହି ଆକ୍ରମଣ ପାଇଁ ଭାରତ ଓ ଆଫଗାନିସ୍ତାନକୁ ଦାୟୀ କରିଥିବାବେଳେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏହାର ଦୃଢ଼ ନିନ୍ଦା କରିଛନ୍ତି।**

## ▪ ଶିଆଙ୍କୁ ଟାର୍ଗେଟ୍, ମସ୍‌ଜିଦରେ ବିସ୍ଫୋରଣ: ୧୬୯ ଆହତ
## ▪ ଭାରତ, ଆଫ୍‌ଗାନିସ୍ତାନକୁ ଦାୟୀ କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

ଇସ୍‌ଲାମାବାଦ,୬।୨ (ରଏଟର୍ସ/ଡନ୍)

ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନକୁ କଠୋରପନ୍ଥୀଙ୍କ ପ୍ରତି ନରମ ଆଭିମୁଖ୍ୟ ମହଙ୍ଗା ପଡ଼ିଛି। ଇସ୍‌ଲାମାବାଦର ଶେହଜାଦ ସହରସ୍ଥିତ ତରଲାଇ ଇମାମବରଗାହ ମସ୍‌ଜିଦ ମୁଖ୍ୟ ପ୍ରବେଶପଥରେ ଶୁକ୍ରବାର ଅପରାହ୍ଣରେ ଜଣେ ଆତ୍ମଘାତୀ ବମ୍ବର ନିଜକୁ ଉଡ଼ାଇଦେଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ମସ୍‌ଜିଦ ସମେତ ଆଖପାଖ ଅଞ୍ଚଳର ଅନେକ କୋଠା ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ୩୧ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୧୬୯ ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନାନୁସାରେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଇମାମବରଗାହ ମସ୍‌ଜିଦ ଅଞ୍ଚଳରେ ସମୂହ ନମାଜପାଠ ପାଇଁ ଗହଳି ଲାଗିରହିଥିଲା। ମୁଖ୍ୟ ହଲ୍‌ରେ ଶିଆ ସମ୍ପ୍ରଦାୟର ମୁସଲମାନମାନେ ରୁଣ୍ଡ ହୋଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କଡ଼ା ନିୟମ**


This is an advertisement for information purpose and is not a prospectus announcement.

ICL FINCORP LIMITED

SECURED, REDEEMABLE NON-CONVERTIBLE DEBENTURES NCD

CREDIT RATING CRISIL BBB-/ STABLE

ICL Join ICL, Grow with us

ICL Fincorp

UP TO DOUBLE RETURNS* IN 72 MONTHS

*BASED ON AN EFFECTIVE YIELD OF 12.25% ON CUMULATIVE BASIS UNDER OPTION X, 72 MONTHS, TDS AS APPLICABLE.

ISSUE OPENS ON: FEBRUARY 05, 2026 (THURSDAY)
ISSUE CLOSES ON: FEBRUARY 18, 2026 (WEDNESDAY)*

*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or Debenture Issue Commitee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.

Issue Structure: (For detailed Issue Structure refer Prospectus dated January 29, 2026)

| | | |
|---|---|---|
| Face value | : ₹ 1,000 each | Minimum application size : ₹ 10,000 (10 NCDs) & in multiples of 1 NCD thereafter |
| Tenure (months) | : 13, 24, 36, 60 and 72 | |
| Schemes | : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE

PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| | OPTION IV | OPTION III | OPTION II | OPTION I |
|---|---|---|---|---|
| COUPON RATE: (MONTHLY OPTIONS) | 11.50*% PER ANNUM 60 MONTHS | 11.00*% PER ANNUM 36 MONTHS | 10.50*% PER ANNUM 24 MONTHS | 10.00*% PER ANNUM 13 MONTHS |

*T&C Apply

*Indicating coupon rates for monthly options only. Refer Prospectus dated January 29, 2026 to view effective yield for monthly, annually and cumulative options.

To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186

(please scan this QR code to view the Prospectus)

Reg. Office: Plot No. C308, Door No. 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal | Goa | Delhi @iclfincorp



13001/38/2026



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଗ୍ରୋଥ୍ ହବ୍ ପଦକ୍ଷେପ ଅଧୀନରେ
ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ପାଇଁ
ବିସିପିପିଇଆର୍ ଅର୍ଥନୈତିକ ଯୋଜନାର
ଶୁଭାରମ୍ଭ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


୦୭ ଫେବୃଆରୀ ୨୦୨୬ | କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

୮୦+ ପ୍ରସ୍ତାବିତ ପ୍ରକଳ୍ପ

୩୦+ ନୀତିଗତ ପ୍ରସ୍ତାବନା

ବିଶେଷତ୍ୱ

- ବିସିପିପିଇଆର୍ ଅଞ୍ଚଳକୁ ପର୍ଯ୍ୟଟନ-ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତି ଭାବେ ପ୍ରୋତ୍ସାହିତ କରିବା
- ଜ୍ଞାନ, ନବସୃଜନ ଓ ପ୍ରତିଭା କ୍ଷେତ୍ରରେ ବିସିପିପିଇଆର୍‌କୁ ଜାତୀୟସ୍ତରରେ ହବ୍ ଭାବେ ଗଢ଼ିବା
- ବିସିପିପିଇଆର୍‌କୁ ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର-ଭିତ୍ତିକ ଶିଳ୍ପ ଏବଂ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରିବା
- ପ୍ରାଥମିକସ୍ତରରେ ଥିବା ବିକାଶର ସୁଯୋଗକୁ କାର୍ଯ୍ୟକାରୀ କରିବା




ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

OIPR-13001/13001/2/25-26/0038


ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଦାଲ୍ ମଣ୍ଡି ଅଞ୍ଚଳରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।


# ପରୀକ୍ଷାକୁ ଉତ୍ସବ ଭଳି ମନାଅ

## ପରୀକ୍ଷା ପେ' ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୬।୨(ପି.ଟି.)

ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ନବମ ସଂସ୍କରଣ ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେଇଛନ୍ତି। ପ୍ରତ୍ୟେକଙ୍କ ଉପଦେଶ ଶୁଣିବା ସହ ଯେତେବେଳେ ଚାହୁଁଛ ନିଜ ଜୀବନଶୈଳୀ ଢାଞ୍ଚା ବଦଳାଇବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଶିକ୍ଷାକୁ କଦାପି ଏକ ବୋଝ ଭଳି ଅନୁଭବ କରିବା ଉଚିତ ନୁହେଁ। କେବଳ ନମ୍ବର ଉପରେ ଗୁରୁତ୍ୱ ନ ଦେଇ ଜୀବନକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପରୀକ୍ଷା ଉତ୍ସବ ଭଳି ଏବଂ ଏହାକୁ ମନାଇବା ଆବଶ୍ୟକ। ଆରାମଦାୟକ ପରିସର ନୁହେଁ ଜୀବନଶୈଳୀ ହିଁ ଜୀବନକୁ ଗଢ଼ିଥାଏ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷାକୁ ବୋଝ ଅନୁଭବ ନ କରି ଏଥିରେ ସମ୍ପୂର୍ଣ୍ଣ ସମ୍ପୃକ୍ତ ହେବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଶିକ୍ଷା ସଫଳତାକୁ ସୁନିଶ୍ଚିତ କରେ ନାହିଁ। ତେଣୁ ମାର୍କ ଉପରେ ଗୁରୁତ୍ୱ ନ ଦେଇ ଜୀବନରେ ସେମାନେ କେଉଁଠାରେ ପହଞ୍ଚିଛନ୍ତି ସେ ବିଷୟରେ ଚିନ୍ତା କରିବା ଉଚିତ। ଆମର ଲକ୍ଷ୍ୟ ଏପରି ହେବା ଉଚିତ ଯେଉଁଠି ଆମେ ପହଞ୍ଚିପାରିବା କିନ୍ତୁ ପାଇବା ସହଜ ହୋଇ ନ ଥିବ। ମନକୁ



କାବୁ କରନ୍ତୁ ଓ ସଂଯୋଗ କରନ୍ତୁ ଏବଂ ପଢ଼ିବା ଆବଶ୍ୟକ ବିଷୟକୁ ରଖନ୍ତୁ। ତାହା ହେଲେ ସବୁବେଳେ ସଫଳତା ପାଇବ ବୋଲି ମୋଦି ଦେଶର ବିଭିନ୍ନ ଭାଗରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ କହିଥିଲେ। ମାର୍କ ଉପରେ ଆସକ୍ତ ନ ହେବାକୁ ସେ ସତର୍କ କରାଇ ଦେଇଛନ୍ତି। ଗତବର୍ଷ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ପିଲାଙ୍କ ନାମ କେହି ମନେରଖିଛି କି ବୋଲି ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ନା' କହିଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ କିଛି ସମୟ ପାଇଁ ପ୍ରଶଂସା କରାଯାଏ ଓ ପରେ ଏହାକୁ ସମସ୍ତେ ଭୁଲିଯାଆନ୍ତି। ତେଣୁ ନମ୍ବର ରଖିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଟ୍ରେଡ୍ ନୁହେଁ, ଟ୍ରାପ୍ ଡିଲ୍: କଂଗ୍ରେସ

## ପାର୍ଲାମେଣ୍ଟ ପରିସରରେ ବିରୋଧୀ ଏମ୍‌ପିଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୬।୨(ପି.ଟି.)

ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା, ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକର ବିବାଦୀୟ ପ୍ରସଙ୍ଗ ଏବଂ ବିରୋଧୀ ଦଳର ୮ ଏମ୍‌ପିଙ୍କ ନିଲମ୍ବନକୁ ବିରୋଧ କରି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ଜୋର୍‌ଦାର ବିକ୍ଷୋଭ କରିଛନ୍ତି।

ଲୋକ ସଭାକୁ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯିବା ପରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟର ମକର ଦ୍ୱାର ନିକଟରେ ଏକାଠି ହୋଇ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ଏକଛତ୍ରବାଦ ଆଉ ଚଳିବ ନାହିଁ, ଗଣତନ୍ତ୍ରର ହତ୍ୟାକୁ ବନ୍ଦକର ଆଦି ସ୍ଲୋଗାନ ଦିଆଯାଇଥିଲା। ବିକ୍ଷୋଭରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ନିଲମ୍ବିତ




ଏମ୍‌ପିଙ୍କ ସମେତ ଅନେକ ବିରୋଧୀ ଦଳ ସଦସ୍ୟ ସାମିଲ ହୋଇଥିଲେ। ଭାରତ–ଆମେରିକା ଟ୍ରେଡ୍ ଡିଲ୍‌କୁ ସେମାନେ ବ୍ୟାନରରେ 'ଟ୍ରାପ୍ ଡିଲ୍' ଲେଖିଥିଲେ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପୂର୍ବତନ ସେନାମୁଖ୍ୟ ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକରେ ଉଲ୍ଲେଖ ଥିବା ୨୦୨୦ର ଭାରତ–ଚାଇନା ସଂଘର୍ଷ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉତ୍ତରଦାୟୀ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଫଳତା ପ୍ରସଙ୍ଗକୁ ନେଇ ଲଢ଼େଇ ଜାରି ରହିବ ବୋଲି ଲୋକ ସଭାରେ କଂଗ୍ରେସର ମୁଖ୍ୟ ହ୍ୱିପ୍ ତଥା ନିଲମ୍ବିତ ଏମ୍‌ପି ମନିକମ୍ ଟାଗୋର କହିଥିଲେ। ଅନ୍ୟ ଦେଶର ଚାପରେ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଁଇଛନ୍ତି ଓ ପାର୍ଲାମେଣ୍ଟକୁ ଆସିବା ପାଇଁ ଭୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବା ଏବଂ ବିଶୃଙ୍ଖଳିତ ଆଚରଣ ପାଇଁ ୮ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରାଯିବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ସୋମବାରଠାରୁ କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାରୁ ଗୃହରେ ଅଚଳାବସ୍ଥା ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ବିନା ଗୁରୁବାର ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଲୋକଙ୍କ ପ୍ରତ୍ୟାଖ୍ୟାନ ସତ୍ତ୍ୱେ ପ୍ରଚାର ଚାହୁଁଛ

## ପ୍ରଶାନ୍ତ କିଶୋରଙ୍କ ଦଳକୁ ପ୍ରଧାନ ବିଚାରପତିଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୬।୨

ଗତବର୍ଷ ବିହାର ବିଧାନସଭା ନିର୍ବାଚନର ଫଳାଫଳକୁ ନିର୍ବାଚନ ରଣନୀତିକାର ତଥା ରାଜନେତା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଚ୍ୟାଲେଞ୍ଜ କରିଥିବାବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଜନସୁରାଜ ପାର୍ଟି ୨୩୮ଟି ଆସନରେ ଲଢ଼ିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲା। ଶାସକ ଜେଡିୟୁ ଏବଂ ଭାଜପା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ଜନସୁରାଜ ପାର୍ଟି ଆବେଦନ କରିଥିବାବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାକୁ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଆପଣଙ୍କ ଦଳ କେତେଖଣ୍ଡ ଭୋଟ ପାଇଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଲୋକେ ଆପଣମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ସତ୍ତ୍ୱେ ପ୍ରଚାର ପାଇଁ ନ୍ୟାୟିକ ମଞ୍ଚର ଉପଯୋଗ କରୁଛ କି ବୋଲି ସେ ପଚାରିଥିଲେ। ହାଇକୋର୍ଟ ନ ଯାଇ ଏଠାକୁ କାହିଁକି ଆସିଲ ବୋଲି ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଜନସୁରାଜ ପାର୍ଟି ଓକିଲଙ୍କୁ ପ୍ରଶ୍ନ କରିଥିଲେ। ବିହାର ହାଇକୋର୍ଟକୁ ଯିବା ପାଇଁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

# ଜଳନ୍ଧରରେ ଆପ୍ ନେତାଙ୍କୁ ଗୁଳିକରି ହତ୍ୟା

ଚଣ୍ଡିଗଡ଼,୬।୨(ପି.ଟି.)

ଜଳନ୍ଧର ଅନ୍ତର୍ଗତ ମଡେଲ ଟାଉନ୍‌ସ୍ଥିତ ଗୁରୁଦ୍ୱାରା ବାହାରେ ଶୁକ୍ରବାର ପଞ୍ଜାବ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଲକି ଓବେରୟଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଲକି ସକାଳ ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ନିଜ ଏସ୍‌ୟୁଭିରେ ଗୁରୁଦ୍ୱାରାରୁ ବାହାରୁଥିବାବେଳେ କଳାମୁଖା ପରିହିତ ଆତତାୟୀ ତାଙ୍କ ଗାଡ଼ି ନିକଟରେ ପହଞ୍ଚି ଆଖିବୁଜା ଗୁଳି ଚଳାଇଥିଲେ। କିଛି ଦୂରରେ ସ୍କୁଟରରେ ଅପେକ୍ଷାରତ ଜଣେ ସହଯୋଗୀଙ୍କ ସହ ଆତତାୟୀ ଫେରାର ହୋଇଯାଉଥିବାର ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ବହୁ ଗୁଳିଚୋଟ ବାଜିଥିବା ଲକିଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିମାଡ଼ରେ ଲକିଙ୍କ ଗାଡ଼ି ସମେତ ସେଠାରେ ଥିବା ଅନ୍ୟ କେତେକ ଗାଡ଼ିର ଝରକା କାଚ ଭାଙ୍ଗିଯାଇଛି। ଲକି ଓରଫ ସତ୍‌ୱିନ୍ଦର ସିଂ ଜଳନ୍ଧର କ୍ୟାଣ୍ଟନମେଣ୍ଟ ଦାୟିତ୍ୱରେ ଥିଲେ।

# ବାଂଲାଦେଶ ନିର୍ବାଚନ ପୂର୍ବରୁ ୟୁନୁସ୍‌ଙ୍କ ଘର ବାହାରେ ବିକ୍ଷୋଭ

ଢାକା,୬।୨

ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନ ପୂର୍ବରୁ ଶୁକ୍ରବାର ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ସରକାରୀ ବାସଭବନ ବାହାରେ ଜୋର୍‌ଦାର ବିକ୍ଷୋଭ ହୋଇଛି। ୯ମ ଜାତୀୟ ବେତନ ହାର ତୁରନ୍ତ ଲାଗୁକରିବା ଦାବିରେ ସରକାରୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜଧାନୀ ଢାକାର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ ସୁରକ୍ଷାବଳ ଓ ପୋଲିସ ମୁତୟନ କରାଯାଇଥିଲା। ତେବେ ଶହୀଦ ମୀନାରଠାରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା ପୋଲିସ ବ୍ୟାରିକେଡ୍ ଭାଙ୍ଗି ୟୁନୁସ୍‌ଙ୍କ ବାସଭବନ ଦିଗରେ ଅଗ୍ରସର ହେବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପାଣିମାଡ଼ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା ଏବଂ ସାଉଣ୍ଡ ଗ୍ରେନେଡ୍ ମାଡ଼ କରିଥିଲା। ୬ ପ୍ଲାଟୁନ୍ ବାଂଲାଦେଶ ସୀମା ସୁରକ୍ଷା ବଳ ଉକ୍ତ ଅଞ୍ଚଳରେ ନିୟୋଜିତ ହୋଇଥିଲେ। କେତେଜଣ ବିକ୍ଷୋଭକାରୀ ଆହତ ହୋଇଥିବାବେଳେ ପୋଲିସ ଅନେକଙ୍କୁ ଉଠାଇ ନେଇଛି।

# ଖାତରେ ପଡ଼ି ବାଇକ୍ ଆରୋହୀଙ୍କ ମୃତ୍ୟୁ

## ରାସ୍ତାରେ ଖୋଳିଥିଲା ଦିଲ୍ଲୀ ଜଳ ବୋର୍ଡ

ନୂଆଦିଲ୍ଲୀ,୬।୨

ଦିଲ୍ଲୀର ଜନକପୁରୀ ଅଞ୍ଚଳରେ ଖୋଳାଯାଇଥିବା ଏକ ଖାତରେ ଜଣେ ବାଇକ୍ ଆରୋହୀ ଖସିପଡ଼ି ପ୍ରାଣ ହରାଇଛନ୍ତି। ଖାତର ନିମ୍ନ ଭାଗରେ ଉକ୍ତ ଯୁବକଙ୍କ ମୃତଦେହ ପାଖରେ ତାଙ୍କ ବାଇକ୍ ପଡ଼ିଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦିଲ୍ଲୀ ଜଳ ବୋର୍ଡ ପକ୍ଷରୁ ନିର୍ମାଣ କାର୍ଯ୍ୟ ଲାଗି ରାସ୍ତାରେ ଖାତ ଖୋଳାଯାଇଥିବାବେଳେ କମଳ ନାମକ ୨୫ ବର୍ଷୀୟ ବାଇକ୍ ଆରୋହୀ ସେଥିରେ ଖସିପଡ଼ିଥିଲେ। ସେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରୋହିଣୀ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ




କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ସେ ଘରକୁ ଫେରୁଥିବାବେଳେ ଖାତରେ ଖସିପଡ଼ିଥିଲେ। ତାଙ୍କ ଫୋନ୍ ରିଙ୍ଗ୍ ହେଉଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। କିଛି ସମୟ ପରେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଖାତରେ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ମିଳିଥିଲା। ଦିଲ୍ଲୀ ସହର ବିକାଶ ମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଜିଲାପାଳ, ଟ୍ରାଫିକ୍ ପୋଲିସ ଯୁଗ୍ମ କମିଶନର, ପୋଲିସ ଉପକମିଶନର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଫିସର ଦୁର୍ଘଟଣାସ୍ଥଳ ଅନୁଧ୍ୟାନକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ଦିଲ୍ଲୀ ଜଳ ବୋର୍ଡ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ତଦନ୍ତ ପାଇଁ କମିଟି ଗଠନ କରିଛି। କୌଣସି ସ୍ଥଳରେ ଅବହେଳା ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଳବୋର୍ଡ କହିଛି। ପ୍ରାଥମିକ ଅନୁଧ୍ୟାନ ପରେ ଜଳ ବୋର୍ଡ ଏହାର ୩ ଜଣ ଅଫିସରଙ୍କୁ ନିଲମ୍ବନ କରିଛି।

# ସହମତ ପ୍ରାପ୍ତବୟସ୍କଙ୍କ ସାମ୍ବିଧାନିକ ଅଧିକାର ବିବାହ

## ମା'ବାପା ହସ୍ତକ୍ଷେପ କରିପାରିବେ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୬।୨(ପି.ଟି.)

ସହମତରେ ପହଞ୍ଚିଥିବା ପ୍ରାପ୍ତବୟସ୍କ ପରସ୍ପରକୁ ବିବାହ କରିବା ଏକ ସାମ୍ବିଧାନିକ ଅଧିକାର। ସେମାନଙ୍କ ନିଷ୍ପତ୍ତି ଉପରେ ନା ସମାଜ, ନା ରାଜ୍ୟ ଶାସନ କଳ କିମ୍ବା ମା'ବାପା ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଝିଅର ପସନ୍ଦକୁ ତାଙ୍କ ବାପା ଗ୍ରହଣ କରୁ ନ ଥିବାର ସୁରକ୍ଷା ପାଇଁ ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ପିଟିଶନ୍‌ର ଶୁଣାଣି ବେଳେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦମ୍ପତିଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବାକୁ ଜଷ୍ଟିସ୍ ସୌରଭ ବାନାର୍ଜୀ ନିର୍ଦ୍ଦେଶ ଦେବା ସହ କହିଛନ୍ତି, ବିବାହ ଅଧିକାର ମାନବୀୟ ସ୍ୱାଧୀନତା ଓ ପସନ୍ଦର ବିଷୟ। ଏହା ସମ୍ବିଧାନର ଅନୁଚ୍ଛେଦ ୨୧ ଏବଂ ମାନବାଧିକାର ସାର୍ବଜନିକ ଘୋଷଣାର ଅବିଚ୍ଛେଦ୍ୟ ଅଙ୍ଗ। ଉଭୟ ଆବେଦନକାରୀ ସାବାଳକ ଏବଂ ପରସ୍ପରକୁ ବିବାହ କରିବା ପାଇଁ ସହମତ ଥିବାରୁ ସେମାନଙ୍କ ନିଷ୍ପତ୍ତିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।

# ଗର୍ଭଧାରଣ ପାଇଁ ବାଧ କରାଯାଇପାରିବ ନାହିଁ

## ୩୦ ସପ୍ତାହର ଗର୍ଭପାତ ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୨

ଗର୍ଭଧାରଣ ପାଇଁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ୧୭ ବର୍ଷୀୟା ନାବାଳିକା ୩୦ ସପ୍ତାହ ଧରି ଗର୍ଭବତୀ ରହିଥିଲା ବେଳେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ମିଳି ନ ଥିଲା। କିନ୍ତୁ ମହିଳାଙ୍କ ଇଚ୍ଛା ବିରୋଧରେ ଗର୍ଭଧାରଣ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ବି.ଭି.ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ସମ୍ପୃକ୍ତ ନାବାଳିକାଙ୍କ ମାମଲାର ବିଚାର କରି ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନିଜର ଗର୍ଭଧାରଣ ପାଇଁ ନାବାଳିକା ଜଣଙ୍କର ଅଧିକାର ରହିଛି। କିନ୍ତୁ ଯେଉଁ ପରିସ୍ଥିତିରେ



ସେ ଗର୍ଭବତୀ ହୋଇଛନ୍ତି ଏବଂ ତାଙ୍କର ପାରିପାର୍ଶ୍ୱିକ ସ୍ଥିତି ଯାହା ରହିଛି ତାହାକୁ ବିଚାର କଲେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦିଆଯିବା ଉଚିତ।

ଭାରତୀୟ ଆଇନର 'ମେଡିକାଲ୍ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି(ଏମ୍‌ଟିପି) ଅନୁସାରେ କେବଳ ୨୦ ସପ୍ତାହର ଗର୍ଭକୁ ନଷ୍ଟ କରିବା ଲାଗି ଅନୁମତି ରହିଛି। ଯଦି ଜଣେ ୨୪ ସପ୍ତାହରୁ ଅଧିକ ସମୟ ଧରି ଗର୍ଭବତୀ ହୋଇଥିବେ ଏବଂ ଗର୍ଭପାତ କରିବାକୁ ଚାହୁଁଥିବେ , ତେବେ ଏଥିପାଇଁ ଅଦାଲତଙ୍କ ଅନୁମତି ଦରକାର ପଡ଼ିବ। କିନ୍ତୁ ସମ୍ପୃକ୍ତ ନାବାଳିକା ଜଣକ ଗର୍ଭପାତ ପାଇଁ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ମାମଲା ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି। ଜନ୍ମ ହୋଇ ନଥିବା ଏକ ଶିଶୁର ଅଧିକାର ଠାରୁ ଜଣେ ମହିଳାଙ୍କ ପ୍ରଜନନ କ୍ଷମତା ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ରୁଷିଆ ସେନା ଗୋଇନ୍ଦା ଉପମୁଖ୍ୟଙ୍କୁ ଗୁଳି

ମସ୍କୋ,୬।୨


ରୁଷିଆ ସେନାର ଗୋଇନ୍ଦା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଭ୍ଲାଡିମିର୍ ଆଲେକସିଏଭ୍‌ଙ୍କୁ ଗୁଳିମାଡ଼ ହୋଇଛି। ସେ ମସ୍କୋସ୍ଥିତ ବାସଭବନରେ ଥିଲାବେଳେ ଅଜଣା ବନ୍ଧୁକଧାରୀ ଘରେ ପ୍ରବେଶ କରି ତାଙ୍କ ଉପରକୁ ଗୁଳି କରିଥିଲା। ଆଲେକସିଏଭ୍‌ଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଇଛି। ଗତ କିଛି ମାସ ମଧ୍ୟରେ ରୁଷିଆ ସେନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି। ତେବେ ଏହି ଘଟଣା ପଛରେ ୟୁକ୍ରେନ୍‌ର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେ ଲାଭରୋଭ୍ କହିଛନ୍ତି। ୬୪ ବର୍ଷୀୟ ଆଲେକସିଏଭ୍ ରୁଷିଆର


ଭ୍ଲାଡିମିର୍ ଆଲେକସିଏଭ୍

ମୁଖ୍ୟ ଗୋଇନ୍ଦା ଏଜେନ୍ସି 'ଜିଆର୍‌ୟୁ'ର ପ୍ରଥମ ଉପମୁଖ୍ୟ ଥିଲେ। ଆମେରିକାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ୟମ ଅଭିଯୋଗରେ ୨୦୧୬ରେ ଜିଆର୍‌ୟୁ ଆଲେକସିଏଭ୍‌ଙ୍କ ସମେତ ଏଜେନ୍ସିର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପରେ କଟକଣା ଜାରି କରିଥିଲା। ୨୦୧୯ରେ ୟୁରୋପୀୟ ୟୁନିୟନ ମଧ୍ୟ ତାଙ୍କ ଉପରେ କଟକଣା ଲଗାଇଥିଲା।

ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୭/୨୦୨୬ | Bhubaneswar, Saturday, February 7/2026 | ପୃଷ୍ଠା-୧

## ରାଜକୁମାରଙ୍କ ଘରଣୀ ସାଜିବେ ଆଲିଆ

ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଫିଲ୍ମ 'ହାଉସ୍‌ୱାଇଫ'ରେ ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓଙ୍କ ବିପକ୍ଷରେ ଅଭିନୟ କରିବା ନେଇ ଯୋଜନା ଚାଲିଛି।

୦୨

୧୨

## ସୂର୍ଯ୍ୟକୁମାର ଆଶାବାଦୀ

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆଇସିସି ଟି୨୦ ବିଶ୍ୱକପରେ ବିଜୟ ସହ ଅଭିଯାନ ଆରମ୍ଭ କରିବା ନେଇ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଶାବାଦୀ।



# ବୈଭବଙ୍କ ରେକର୍ଡ: ଭାରତ ଚାମ୍ପିୟନ

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

**ହରାରେ,୬।୨**

ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ ବ୍ରେକିଂ ଇନିଂସ ସହାୟତାରେ ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଭାରତ ୧୦୦ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହାକୁ ମିଶାଇ ଭାରତ ୬ଷ୍ଠ ଥରଲାଗି ଟାଇଟଲ ବିଜୟୀ ହୋଇଛି। ପୂର୍ବରୁ ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ରେ ଚାମ୍ପିୟନ ହୋଇଥିଲା। ବୈଭବଙ୍କ ବିସ୍ଫୋରକ ୧୭୫ ରନର ଇନିଂସ ସହାୟତାରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୪୧୧ ରନ କରିଥିଲା। ଜବାବରେ ଇଂଲଣ୍ଡ କାଲେବ ଫାଲ୍କନରଙ୍କ ଶତକ ସତ୍ତ୍ୱେ ୪୦.୧ ଓଭରରେ ୩୧୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ବୈଭବ ଗୋଟିଏ ଇନିଂସରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର, ସର୍ବାଧିକ ଛକା, ଦ୍ରୁତତମ ୧୫୦ ଆଦି ଅନେକ ରେକର୍ଡର ଅଧିକାରୀ ହୋଇଥିଲେ।

ରେକର୍ଡ ୪୧୨ ରନର ଟାର୍ଗେଟ ପାଇଥିବା ଇଂଲଣ୍ଡ କେବେହେଲେ ଭାରତ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଟପ୍ ଅର୍ଡରରେ ବେନ୍ ଡକିନ୍ସ ୬୬, ବେନ୍ ମାୟେସ ୪୫ ଓ ଥୋମାସ ରିଉ ୩୧ ରନକରି ଯଦିଓ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ ତେବେ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୧୭୭ ରନ ମଧ୍ୟରେ ଦଳ ୭ ଉଇକେଟ ହରାଇ ବଡ଼ ପରାଜୟ ମୁହାଁ ହୋଇଥିବାବେଳେ ୮ମ ଉଇକେଟରେ କାଲେବ ଫାଲ୍କନର ଓ ଜେମ୍ସ ମିଣ୍ଟୋ ୮୦ ବଲ୍‌ରୁ ୯୨ ରନର ଭାଗୀଦାରି ଗଢ଼ି କିଛିଟା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ଇଂଲଣ୍ଡ ପରାଜୟ ନିଶ୍ଚିତ ହୋଇଯାଇଥିଲା। ସାହସିକ ଶତକୀୟ ଇନିଂସ ଖେଳିଥିବା ଫାଲ୍କନର ଦଳ ପକ୍ଷରୁ ସର୍ବାଧିକ ୧୧୫ ରନ ସ୍କୋର କରିଥିଲେ। ସେ ୬୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୭ ଛକା ମାରିଥିଲେ। ଭାରତ ପକ୍ଷରୁ ଆର.ଏସ. ଅମ୍ବ୍ରିସ ୩ଟି, ଦୀପେଶ ଦେବେନ୍ଦ୍ରନ ଓ କନିଷ୍କ ଚୌହାନ ୨ଟି ଲେଖାଏ ଏବଂ ଖିଲାନ ପଟେଲ ଓ ଆୟୁଷ ☞ପୃଷ୍ଠା–୨



ହରାରେଠାରେ ଶୁକ୍ରବାର ଇଂଲଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ଶତକ ହାସଲପରେ ଉଲ୍ଲସିତ ଭାରତର ବୈଭବ ସୂର୍ଯ୍ୟବଂଶୀ।

# ଡିଜିଟାଲ ଠକେଇର ଶିକାର ହେଲେ ୨୫ ହଜାର କ୍ଷତିପୂରଣ

## ଘୋଷଣାକଲେ ଆର୍‌ବିଆଇ ଗଭର୍ନର

**ମୁମ୍ବାଇ,୬।୨(ପି.ଟି.)**

ଦେଶରେ ଅନ୍‌ଲାଇନ୍ ଠକେଇ ବା ଡିଜିଟାଲ ଫ୍ରଡ୍ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ବ୍ୟାଙ୍କ କାରବାରରେ ଏଭଳି ଠକେଇର ଶିକାର ହେଉଥିବା ଗ୍ରାହକଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ୨୫,୦୦୦ ଟଙ୍କା କ୍ଷତିପୂରଣ ଦିଆଯିବ। ଏନେଇ ଶୁକ୍ରବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ରିଜର୍ଭ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରା ଖବରଦାତାଙ୍କୁ ସମ୍ବୋଧିତକରି କହିଛନ୍ତି, ଜଣେ ଗ୍ରାହକ ଅନ୍‌ଲାଇନ୍ ଠକଙ୍କ ସହ ୱାନ୍–ଟାଇମ୍ ପାସ୍‌ୱାର୍ଡ (ଓଟିପି) ଶେୟାର କରି ଠକାମିର ଶିକାର ହେଲେ ମଧ୍ୟ ତାଙ୍କୁ ଆର୍‌ବିଆଇ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ। ୮୫,୦୦୦ କୋଟି ଟଙ୍କାର ଡିପୋଜିଟର୍ସ ଏଜୁକେଶନ୍ ଆଣ୍ଡ ଆୱାରନେସ୍ ଫଣ୍ଡରୁ ଏହି କ୍ଷତିପୂରଣ ସହାୟତା ଦିଆଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ ଠକେଇର ଶିକାର ହୋଇଥିବା ଜଣେ ଗ୍ରାହକ ଜୀବନକାଳ ମଧ୍ୟରେ ମାତ୍ର ଥରେ କ୍ଷତିପୂରଣ ପାଇବେ। କ୍ଷତିପୂରଣ ହାସଲ ଲାଗି ସେ ନିଜ ଆଡୁ କୌଣସି ଜାଲିଆତି କରି ନ ଥିବେ ବୋଲି ଜଣାପଡ଼ିବା ପରେ ହିଁ ତାଙ୍କୁ ୨୫,୦୦୦ ଟଙ୍କା ଦିଆଯିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି। କେଉଁ ଆଧାରରେ କ୍ଷତିପୂରଣ ପ୍ରଦାନ କରାଯିବ ସେନେଇ ଏକ ଢାଞ୍ଚାଗତ ଚିଠା ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ।

# ରେପୋ ହାର ଅପରିବର୍ତ୍ତିତ

**ମୁମ୍ବାଇ,୬।୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ହାର ୫. ୨୫%ରେ ଅପରିବର୍ତ୍ତିତ ରଖିଛି। ଜାନୁଆରୀ–ଫେବୃଆରୀ ଦ୍ୱିମାସିକ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା କହିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୀତି ବ୍ୟବସ୍ଥାର ବିଭିନ୍ନ ଦିଗକୁ ସମୀକ୍ଷା କରି ରେପୋ ହାରରେ କୌଣସି ପରିବର୍ତ୍ତନ ନ କରିବାକୁ ଏହି କମିଟି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଫଳରେ ବ୍ୟାବସାୟିକ ବ୍ୟାଙ୍କ ସୁଧ ହାରରେ କୌଣସି ପରିବର୍ତ୍ତନ ହେବ ନାହିଁ କି ସାଧାରଣ ଲୋକ କିମ୍ବା ବଜାର ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ଋଣ ସୁଧ ହାର ଏବଂ କିସ୍ତି ମଧ୍ୟ ଅପରିବର୍ତ୍ତିତ ରହିବ। ୨୦୨୫ ଫେବୃଆରୀରେ ରେପୋ ହାର ୬.୫ ପ୍ରତିଶତରୁ ହ୍ରାସ ପାଇ ୬.୨୫ ପ୍ରତିଶତ ରହିଥିଲା। ଏହାପରେ ଏପ୍ରିଲରେ ରେପୋ ହାର ୦.୨୫, ଜୁନ୍‌ରେ ୦.୫୦ ପ୍ରତିଶତ ଏବଂ ୨୦୨୫ ଡିସେମ୍ବରରେ ରେପୋ ହାର ୦.୨୫ ହ୍ରାସ ପାଇ ୫.୨୫ ପ୍ରତିଶତରେ ରହିଥିଲା। ଏହାକୁ ରିଜର୍ଭ ବ୍ୟାଙ୍କ 'ନ୍ୟୁଟ୍ରାଲ ଷ୍ଟାନ୍ସ' ମୋଡ୍‌ରେ ବର୍ତ୍ତମାନ ଅପରିବର୍ତ୍ତିତ ରଖିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୈତିକ ତଥ୍ୟ, ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛନ୍ତି।

# କୀଟନାଶକ ପିଇ ପିଇଓ ସଙ୍କଟାପନ୍ନ

## ଅତିରିକ୍ତ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ଚିକିଟି,୬।୨(ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଛି। ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କ ଦୁର୍ବ୍ୟବ୍ୟହାରରେ ଅତିଷ୍ଠ ହୋଇ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ସ୍ତ୍ରୀ ବି. ଜାନକୀ ଅଭିଯୋଗ କରିଛନ୍ତି। ଦଣ୍ଡପାଣିଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟପକ୍ଷରେ ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଏକ ମିନି ମାରାଥନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅନୁସାରେ ବିଡିଓଙ୍କ ଚିଠି ସଂଖ୍ୟା ୯୩୩, ୨।୨।୨୦୨୬ ଅନୁଯାୟୀ ଗତ ୩ ତାରିଖରେ ସୁନାପୁରଠାରୁ ଜାଗପୁର ପର୍ଯ୍ୟନ୍ତ ଏକ ☞ପୃଷ୍ଠା–୨

# ରାୟଗଡ଼ା, କନ୍ଧମାଳରେ ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

## ଟପ୍ ମାଓବାଦୀ ଦମ୍ପତି ନିଖିଲ, ଇନ୍ଦୁ ବନ୍ଧୁକ ଛାଡ଼ିଲେ

**ଭୁବନେଶ୍ୱର/ରାୟଗଡ଼ା/ଫୁଲବାଣୀ, ୬।୨ (ତ୍ରିନାଥ ମହାନ୍ତି/ଆଶିଷ ରଞ୍ଜନ ପଣ୍ଡା/ରାକେଶ କୁମାର ରାଉତ)**

ମାଓବାଦୀ ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସକୁ ବଡ଼ ସଫଳତା ମିଳିଛି। ଟପ୍ ମାଓବାଦୀ ନେତା ତଥା ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ ନିରଞ୍ଜନ ରାଉତ ଓ ତାଙ୍କ ସ୍ତ୍ରୀ ଅଙ୍କିତା ଓରଫ ରଶ୍ମିତା ଲେଙ୍କା ଓରଫ ଇନ୍ଦୁଙ୍କ ସମେତ ରାୟଗଡ଼ା ଓ କନ୍ଧମାଳରେ ୧୯ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାୟଗଡ଼ା ଜିଲା ପୋଲିସ ସମ୍ମୁଖରେ ବଂଶଧାରା–ଘୁମୁସର–ନାଗାବଳୀ (ବିଜିଏନ୍) ଡିଭିଜନର ମୋଟ ୧୫ଜଣ ମାଓବାଦୀ କ୍ୟାଡର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମାଓବାଦୀ ଦମ୍ପତି ତଥା ରାଜ୍ୟ କମିଟି ସଦସ୍ୟ ନିଖିଲଙ୍କ ଘର ଜଗତସିଂହପୁରରେ ହୋଇଥିବାବେଳେ ଅଙ୍କିତା ଓରଫ ରଶ୍ମିତାଙ୍କ ଘର କଟକ ଟାଙ୍ଗୀରେ। ଉଭୟଙ୍କ ନାମରେ ୫୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ନିଖିଲ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ଗଜପତି, କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ। ତେବେ ସମସ୍ତଙ୍କଠାରୁ ମୋଟ ୧୪ଟି ଅତ୍ୟାଧୁନିକ ବନ୍ଧୁକ ଜବତ କରାଯାଇଛି। ☞ପୃଷ୍ଠା–୨

# ଡଲାର=୯୦.୭୦ ଟଙ୍କା

## ୩୬ ପଇସା ଖସିଲା ଭାରତୀୟ ମୁଦ୍ରା

**ମୁମ୍ବାଇ,୬।୨(ପି.ଟି.)**

ଭାରତୀୟ ମୁଦ୍ରା ଶୁକ୍ରବାର ୩୬ ପଇସା ଦୁର୍ବଳ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୦.୭୦ ଟଙ୍କା ରହିଛି। ଭୂରାଜନୈତିକ ଉତ୍ତେଜନା, ଆମେରିକା–ଇରାନ୍ ଆଲୋଚନାରେ ଅନିଶ୍ଚିତତା ସାଙ୍ଗକୁ ବିଶ୍ୱ ବଜାରରେ କ୍ରୁଡ୍ ଅଏଲ୍‌ର ଦରବୃଦ୍ଧିକୁ ଏଥିପାଇଁ ଦାୟୀ କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ନେଇ ଘୋଷଣା କରିବା ପରେ ☞ପୃଷ୍ଠା–୨

# 'ଫିନ୍‌ଟେକ୍' ଲୋକଙ୍କ ଜୀବନରେଖା ପାଲଟିଛି: ରାଷ୍ଟ୍ରପତି

## ପ୍ରଥମ ବ୍ଲକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆ ଉଦ୍‌ଯାପିତ

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

'ଫିନ୍‌ଟେକ' ଏକ ବୈଷୟିକ ଶବ୍ଦ ନୁହେଁ, ଏହା ଲୋକଙ୍କ ଜୀବନରେଖା ପାଲଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍)ର ସହଭାଗିତାରେ ଭୁବନେଶ୍ୱରରେ ଚାଲିଥିବା ପ୍ରଥମ ବ୍ଲକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। ଶୁକ୍ରବାର ଲୋକସେବାଭବନଠାରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି କହିଲେ, ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ଗତିରେ ବିକଶିତ ହେଉଛି। ଏହି ଦ୍ରୁତ ଅଗ୍ରଗତିଗୁଡ଼ିକ ଗମ୍ଭୀର ଚ୍ୟାଲେଞ୍ଜ ମଧ୍ୟ ଆଣିପାରେ; ଯେଉଁଥିରେ ସାଇବର ସୁରକ୍ଷା ବିପଦ, ଡିପ୍‌ଫେକ୍, ଭୁଲ୍ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ଅନ୍ତର୍ଭୁକ୍ତ। ମାତ୍ର ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ନବସୃଜନ ଏବଂ ଅଭିବୃଦ୍ଧି ଉପରେ ଏକ ବିରାଟ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ବ୍ଲାକ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ଓ ଦକ୍ଷତା ମାଧ୍ୟମରେ କ୍ଷମତାକୁ ଆହୁରି ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଡିଜିଟାଲ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବା ପାଇଁ ଅଭିନବ ପଦ୍ଧତିଗୁଡ଼ିକୁ ଅନୁସନ୍ଧାନ କରାଯାଇପାରିବ। ଗତ ଦଶନ୍ଧିରେ ଭାରତ ଆର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିଛି। ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଲାଭ ସ୍ଥାନାନ୍ତର ଓ ଡିଜିଟାଲ ପେମେଣ୍ଟ ସିଷ୍ଟମ ଚାଷୀ, ଛୋଟ ଦୋକାନୀ ଏବଂ ମହିଳାଙ୍କ ମଧ୍ୟରେ ବହୁତ ସାଧାରଣ ହୋଇଯାଇଛି। ସେମାନଙ୍କ ପାଇଁ 'ଫିନଟେକ' ଜୀବନରେଖା ପାଲଟିଛି। ଭାରତର ଫିନ୍‌ଟେକ କାହାଣୀକୁ କେବଳ ପ୍ରଯୁକ୍ତିବିଦ୍ୟାର କାହାଣୀ ଭାବରେ ନୁହେଁ, ବରଂ ଲିଙ୍ଗଗତ ନ୍ୟାୟ ଭାବରେ ମଧ୍ୟ ମନେରଖିବା ଉଚିତ। ଫିନ୍‌ଟେକ ଇକୋସିଷ୍ଟମ ମହିଳାମାନଙ୍କୁ କେବଳ ଶେଷ ଉପଭୋକ୍ତା ଭାବରେ ନୁହେଁ, ବରଂ ନେତା, ବୃତ୍ତିଗତ ତଥା ଉଦ୍ୟୋଗୀ ଭାବରେ ଦେଖିବା ଉଚିତ। ଆଦିବାସୀ ଓ ଗ୍ରାମାଞ୍ଚଳରେ ଫିନ୍‌ଟେକ ଅନ୍ତର୍ଭୁକ୍ତୀକରଣ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାର ପ୍ରୋତ୍ସାହନର ଏକ ଇଞ୍ଜିନ ହୋଇପାରିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆମେ ବ୍ୟବସାୟ ପ୍ରକ୍ରିୟାକୁ ସରଳୀକୃତ କରିଛୁ। ଏକକ–ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରିବା ସହ ଆଇଟି, ଇଲେକ୍ଟ୍ରୋନିକ୍ସ, ଫିନ୍‌ଟେକ, ଏଆଇ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ନୀତି ପ୍ରଚଳନ କରିଛୁ। ଏହି ସମ୍ମିଳନୀର ନାମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ଏକ ହଂସ କିମ୍ବା ☞ପୃଷ୍ଠା–୨



ଲୋକସେବା ଭବନର କନଭେନଶନ ସେଣ୍ଟରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୋଇତ ଆକୃତିର ତାରକସି କାରୁକାର୍ଯ୍ୟଯୁକ୍ତ ଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରୁଛନ୍ତି।


SIKSHA 'O' ANUSANDHAN
SAAT-2026
Empowering students for a brighter future
AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture
APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
NIRF INDIA RANKINGS 2025
- 15th Best in University Category
- 25th Best in Overall Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଫେବୃଆରୀ ୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସିପିଆଇର ପଦଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଜନତା ଅଧିକାର ଓ ସାମାଜିକ ସଙ୍ଗଠନ ସମୂହ ପକ୍ଷରୁ ଓଡ଼ିଶା ସାମାଜିକ କର୍ମୀ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଲତା ନାଇଟ୍-୨୦୨୬' କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିବିହାର, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଏସିଡିସି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମାନବୀୟ ଗୁଣାତ୍ମକ ଶିକ୍ଷା ମୁକ୍ତ ବିଦ୍ୟାଳୟର ସାଂସ୍କୃତିକ ସମାରୋହ, ସ୍ଥାନ: କସିପଦା ଶିବ ମନ୍ଦିର ପ୍ରାଙ୍ଗଣ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: ଡାକବଙ୍ଗଳା ପରିସର, ସିମୁଳିଆ, ସମୟ: ଅପରାହ୍ନ ୨ଟା।
- ପୁରାତନ ଛାତ୍ର ସଂସଦ ବୈଠକ ଓ ପ୍ରେସମିଟ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଫୁଟବଲ ଟୁର୍ନାମେଣ୍ଟ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଏଲ ଏନ ପ୍ଲାଜା, ବାଲେଶ୍ୱର, ସମୟ: ଅପରାହ୍ନ ୪ ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସୁନ୍ଦରପୁର ନୀଳସୁନ୍ଦରପୁର ଜୀଉ ହାଇସ୍କୁଲ ପଡିଆ, ଖଇରା, ସମୟ: ଅପରାହ୍ନ ୫ଟା।
- ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଖାଦ୍ୟ ମେଳା, ସ୍ଥାନ: ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ବାର୍ଷିକ ଦିବାରାତ୍ର ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ପ୍ରସନ୍ନ ବାସୁଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୋଡ଼କ ଖେଳପଡ଼ିଆ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଏବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଲିଟିଲ ସ୍କଇରାଲ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଡିଗିପୋଖରୀ ପଡ଼ିଆ, ବନ୍ତ, ସମୟ: ଅପରାହ୍ନ ୫ଟା।
- ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ୪୪ତମ ବାର୍ଷିକ ଉତ୍ସବ ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ରକ୍ତଦାନ ଶିବିର,ସ୍ଥାନ:ବ୍ଲଡ୍ ବ୍ୟାଙ୍କ, ବାରିପଦା,ସମୟ: ସକାଳ ୯ଟା।
- ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ପାଟଣାଶୀପୁର ପ୍ରାଥମିକ ବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ମେଘାସନୀ ମହୋତ୍ସବ,ସ୍ଥାନ: କଲେଜ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଡିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆର୍‌ଡିଏସ୍ ମହାବିଦ୍ୟାଳୟ, କୁଣ୍ଡାବାଇ,ଉଦଳା,ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରଡ଼ା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ମହାବିଦ୍ୟାଳୟ ପରିସର, ଚିତ୍ରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ହଳଦୀପାଳ ଫୁଟବଲ ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୩ଟା ।

## ବ୍ରହ୍ମପୁର

- କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ନାତକୋତ୍ତର ଓଡ଼ିଆ ବିଭାଗ ଜାତୀୟ ପାଠଚକ୍ର, ସ୍ଥାନ: ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ଗଞ୍ଜାମ

- ପିପୁଲ୍ସ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ପିପୁଲ୍ସ ହାଇସ୍କୁଲ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ପିଏମଶ୍ରୀ ହରିହର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ମହୋତ୍ସବ ଆରମ୍ଭ, ସ୍ଥାନ: ବୁଦ୍ଧଖୋଲ ମହୋତ୍ସବ ପଡ଼ିଆ ବୁଗୁଡା, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ଭାରତ ସ୍କାଉଟ ଏବଂ ଗାଇଡ କ୍ୟାମ୍ପୋରୀ ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସମ୍ମିଳନୀ କକ୍ଷ, ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବଜେଟ ପରିଚର୍ଚ୍ଚା, ସ୍ୱାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ, ପୂର୍ବାହ୍ନ ୧୦ଟା।
- ନିଶା ନିବାରଣ ସଚେତନତା ଶିବିର, ସ୍ଥାନ: ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦାନଗଦି ବ୍ଲକ ଗହିରପାଟୁଳି ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ବ୍ୟାସ ସରୋବର ମେଳାର ୧୦ମ ଦିନରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୫ମ ଦିବସରେ ସୂର୍ଯ୍ୟପୂଜା ସହ କୈକେୟୀ ମନ୍ଥରା ପ୍ରସଙ୍ଗ, ବନଗମନ ଓ କେବର୍ତ୍ତ ପ୍ରସଙ୍ଗ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସମୟ: ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ପରିଷଦ ସଭା ଓ ନିର୍ବାଚନ, ସ୍ଥାନ: ଦଶପଲ୍ଲା ସାତପାଟଣା ଛକର ରଘୁନାଥ ହାଇସ୍କୁଲ, ସମୟ: ଅପରାହ୍ନ ୩ଟାରୁ ରାତି ୯ଟା।

## କୋରାପୁଟ

- ଜିଲାପାଳଙ୍କ ତହସିଲ ଓ ବ୍ଲକ୍ ପରିଦର୍ଶନ, ସ୍ଥାନ: ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ହାତପଦା କଲ୍ୟାଣ ମଣ୍ଡପ, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ଦଳୀୟ ବୈଠକ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଡ. ବିଆର ଆମ୍ବେଡକର ସୋସିଆଲ ୱେଲଫେୟାର ଫେଡେରେଶନ ପକ୍ଷରୁ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ହୀରାକୁଦ କ୍ରୀଡାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ: ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ: ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମଙ୍ଗଳ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଯାତ୍ରା, ଆଲୋଚନା, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଏବଂ ସରକାରୀ ସାହାଯ୍ୟ ପାଇପାରନ୍ତି। ସାମାଜିକ ସ୍ତରରେ ଶତ୍ରୁତା କାରଣରୁ ସାମୟିକ ଦୁଶ୍ଚିନ୍ତାର ସୂଚନା ରହିଛି।

**ବୃଷ**
ଏକାଧିକ ପାପଗ୍ରହ କର୍ମକ୍ଷେତ୍ରରେ ରହିଥିବାରୁ ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ତାହା ସମ୍ପନ୍ନ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସତର୍କ ନ ରହିଲେ ଯାତ୍ରାରେ ଜିନିଷ ହଜିଯାଇପାରେ।

**ମିଥୁନ**
ଚତୁର୍ଥାଧିପ ବୁଧ ଶତ୍ରୁ ନକ୍ଷତ୍ରସ୍ଥ ଯୋଗୁ ପରକଥାରେ ପାରିବାରିକ ସମସ୍ୟା ସୃଷ୍ଟି ସୂଚନାକୁ ଏଡି ହେବନାହିଁ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱ ଓ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ।

**କର୍କଟ**
ଶତ୍ରୁଭାବାଧିପତି ବୃହସ୍ପତି ମିତ୍ରଭାବରେ ରହି ପ୍ରିୟଜନଙ୍କ ଦ୍ୱାରା ସମସ୍ୟା ଓ ମନସ୍ତାପ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ପରିସ୍ଥିତି ଯେତିକି ଜଟିଳ ହେଲେ ମଧ୍ୟ ଅସୁବିଧା ପ୍ରାୟତଃ ହେବନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି।

**ସିଂହ**
ଷଷ୍ଠାଧିପ ଶନି ପ୍ରଭାବରେ କୌଣସି ବନ୍ଧୁ କିମ୍ବା ମହିଳାଙ୍କ ମାଧ୍ୟମରେ ସମସ୍ୟା ସୃଷ୍ଟି ହୋଇପାରେ। ଆର୍ଥିକ ଅନଟନ ମଧ୍ୟରେ ଆଜିର ଆବଶ୍ୟକତା ପୂରଣ ପାଇଁ ଅଣନିଶ୍ୱାସୀ ହେବେ। ପ୍ରଶାସନ, ଆଇନ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହେବେ।

**କନ୍ୟା**
ଧନାଧିପତି ଉଚ୍ଚାରୋହୀ ଯୋଗୁ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବା କିନ୍ତୁ ଆଜି ପରିସ୍ଥିତିବଶତଃ ଯେତିକି ପାଇବେ ତାହାଠାରୁ ଅଧିକ ବ୍ୟୟ କରିବାକୁ ବାଧ ହେବେ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇପାରନ୍ତି। ମକଦ୍ଦମା, ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
ତୃତୀୟାଧିପ ବୃହସ୍ପତି ଭାଗ୍ୟସ୍ଥାନରେ ବନ୍ଧୁଙ୍କ ମାଧ୍ୟମରେ ଆର୍ଥିକ ଉନ୍ନତି ଘଟାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ । ପୂର୍ବ ଶତ୍ରୁତାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ଭାଗ୍ୟାଧିପ ଚନ୍ଦ୍ର ଏକାଦଶସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି ହେବ। ଅନ୍ୟମାନେ ଈର୍ଷାପରାୟଣ ହୋଇ ପ୍ରଗତିର ପଥରୋଧ କରିବାକୁ ଚେଷ୍ଟାକଲେ ମଧ୍ୟ କିଛି କରିପାରିବେ ନାହିଁ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହେବ।

**ଧନୁ**
କର୍ମାଧିପ ଧନ ସ୍ଥାନରେ ରହି କର୍ମକ୍ଷେତ୍ରରୁ ସାହାଯ୍ୟ, ସହଯୋଗ ସାଙ୍ଗକୁ ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରିପାରନ୍ତି। ଅନ୍ତରଙ୍ଗ ବନ୍ଧୁଙ୍କ କଥାରେ ଅସ୍ଥିର ମନ ସ୍ଥିର ହୋଇଯିବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର**
ତୃତୀୟଭାବସ୍ଥ ସ୍ୱସ୍ଥାନପାଳ ଶନି ନିକଟ ସମ୍ପର୍କୀୟଙ୍କ ଅନୁକମ୍ପା ଲାଭ କରି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେବ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର ହୋଇଯିବ।

**କୁମ୍ଭ**
ଉଚ୍ଚଭାବସ୍ଥ ମଙ୍ଗଳ ପ୍ରଭାବରୁ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ନ ହେଲେ ମଧ୍ୟ ଆବଶ୍ୟକତାରୁ ସାମାନ୍ୟ ଅଧିକ ରହିବ। ଆଲୋଚନା କାଳରେ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ।

**ମୀନ**
ରାଶ୍ୟାଧିପ କେନ୍ଦ୍ରସ୍ଥାନରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ରହିବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଶାସ୍ତ୍ରାଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୭ ତାରିଖ, ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ, ଶନିବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୦୧।୨୨ ମି. ଗତେ ତୁଳା ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬. ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୬ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଶ୍ୱ, ଅସ୍ତ୍ର, ଅବଳା**
**ଉଧାର ନ ଦେବୁରେ ବଳା ।**

ଅଶ୍ୱ ବା ବାହନ, ନିଜ ବ୍ୟବହୃତ ଅସ୍ତ୍ର ଓ ନିଜର ସ୍ତ୍ରୀ, ଏମାନେ ସମସ୍ତେ ଏକାନ୍ତ ଭାବେ ନିଜର ସମ୍ପତ୍ତି ହୋଇଥାନ୍ତି। ସେ ସବୁର ବ୍ୟବହାର ତଥା କୌଶଳ ନିଜକୁ ଭଲଭାବେ ଜଣା ହୋଇଥିବାବେଳେ ଏମାନଙ୍କୁ ଅନ୍ୟର ବ୍ୟବହାର ପାଇଁ ଦିଆଯିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଜଗରକୁ ସୀତାରାମ**
**ମୁଖେ ବୋଲେ ରାମ ରାମ ।**

ଅଳସୁଆ ବ୍ୟକ୍ତି ସଦାସର୍ବଦା ନିଜ କର୍ମ ପ୍ରତି ବିମୁଖଭାବ ପ୍ରଦର୍ଶନ କରିଥାନ୍ତି। କାମ ନ କରିବା ଲାଗି ନାନା ପ୍ରକାର ବାହାନା ଖୋଜିଥାନ୍ତି। ଅଳସୁଆ ବ୍ୟକ୍ତି ନିଜେ ପରିଶ୍ରମ ନ କରି ଦୈବ ଉପରେ ନିର୍ଭର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ରାୟଗଡ଼ା, କନ୍ଧମାଳରେ...

ଏଥିମଧ୍ୟରେ ୨ ଏକେ-୪୭, ୫ ଏସ୍ଏଲ୍ଆର୍, ଗୋଟିଏ ଷ୍ଟେନ୍, ଗୋଟିଏ ଇନ୍‌ସାସ୍, ଗୋଟିଏ ୩୦୩ ରାଇଫଲ ଏବଂ ୪ଟି ସିଙ୍ଗଲ ଶଟ୍ ବନ୍ଧୁକ ରହିଛି। ସେହିପରି କନ୍ଧମାଳ ଜିଲା ପୋଲିସ ସମ୍ମୁଖରେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନର ପାର୍ଟି ମେମ୍ବର(ପିଏମ୍) ପଦରେ ଅବସ୍ଥାପିତ ଥିବା ୪ଜଣ ମାଓବାଦୀ କ୍ୟାଡର ହିଂସାର ପଥ ତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ସମୟରେ ସେମାନେ ଅସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜିମା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା (କେକେବିଏନ୍‌ଡିଭିଜନ)ର ପାର୍ଟିମେମ୍ବରମାନେ ହେଲେ ଗଙ୍ଗା କୁଞ୍ଜାମି ଓରଫ ଜିତେନ, ମୁଚାକି ମାସେ ଓରଫ ସୁମିତ୍ରା, ଚୋମାଲି କୁଞ୍ଜାମ ଓରଫ ଶାନ୍ତିଲା, ବନ୍ଦୀ ମାଡ଼ଭି ଓରଫ ମାଳତୀ। ସେମାନଙ୍କ ନିକଟରୁ ଏନ୍ଏଲ୍ଆର ୧ଟି, ୧୨ ବୋର ଗନ୍ ୧ଟି, ୩୦୩ ରାଇଫଲ ୨ଟି ସମେତ ବିପୁଳ ଗୁଳିଗୋଳା ଜବତ କରାଯାଇଛି । ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି।



ମାଓବାଦୀ ନିଖିଲ ଓ ତାଙ୍କ ସ୍ତ୍ରୀ ଇନ୍ଦୁଙ୍କଠାରୁ ପୋଲିସ ତଥ୍ୟ ସଂଗ୍ରହ କରୁଛି।

ଡିଜିପି ଖୁରାନିଆ କହିଛନ୍ତି, ଆସନ୍ତା ମାର୍ଚ୍ଚ ୩୧ ପୂର୍ବରୁ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପକୁ ସମୂଳେ ନିପାତ କରିବା ଦିଗରେ ଓଡ଼ିଶା ପୋଲିସର ଟାର୍ଗେଟ ରହିଛି। ଏଥିପାଇଁ ମାଓବାଦୀ ପ୍ରଭାବିତ ଜିଲାଗୁଡିକରେ ମାଓବାଦୀ ବିରୋଧୀ ଅପରେଶନକୁ ଅଧିକ ଜୋରଦାର ଓ ପ୍ରଭାବଶାଳୀ କରାଯାଉଛି। ହିଂସାର ପଥ ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଇଚ୍ଛୁକ ମାଓବାଦୀଙ୍କ ପାଇଁ ରାଜ୍ୟ ସରକାର ପୁନର୍ବାସ ଓ ଥଇଥାନ ନୀତି ଲାଗୁ କରିଛନ୍ତି। ଏହି ନୀତି ଅନୁଯାୟୀ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରୀ ସୁବିଧା, ସୁରକ୍ଷା ଏବଂ ସମ୍ମାନଜନକ ଭବିଷ୍ୟତର ସୁଯୋଗ ମିଳୁଛି। ତେଣୁ ହିଂସାର ରାସ୍ତା ପରିତ୍ୟାଗ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ଡିଜିପି ଆହ୍ୱାନ ଦେଇଛନ୍ତି।

### ଇସ୍‌ଲାମାବାଦରେ ଆତ୍ମଘାତୀ...

ଏହିସମୟରେ ଆତଙ୍କବାଦୀ ଜଣକ ମସ୍‌ଜିଦ ଭିତରକୁ ଯାଉଥିବାବେଳେ ମୁଖ୍ୟ ପ୍ରବେଶପଥ ନିକଟରେ ମୁତୟନ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇଥିଲେ। ତେବେ ସେ ତତ୍‌କ୍ଷଣାତ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ, ଯାହାକି ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ବିସ୍ଫୋରଣର ପ୍ରଭାବରେ ମୁଖ୍ୟ ଗେଟ୍ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯାଇଥିବାବେଳେ ନିକଟସ୍ଥ ବିଲ୍ଡିଂଗୁଡ଼ିକର କବାଟ ଝରକା ଭାଙ୍ଗିରୁଜି ଚୂର୍ମାର ହୋଇଯାଇଛି। ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ବିଛାଡ଼ିହୋଇ ପଡ଼ିଛି। ବିସ୍ଫୋରଣ ପରେ ଇସ୍‌ଲାମାବାଦ ପୋଲିସ ଆଇଜି ସହରବ୍ୟାପୀ ଏମର୍ଜେନ୍ସି ଘୋଷଣା କରିଛନ୍ତି। ରେସ୍କ୍ୟୁ ଓ ଆଇନ ପ୍ରବର୍ତ୍ତନକାରୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା 'ଦି ଟାଇମ୍ସ ଅଫ୍ ଇସ୍‌ଲାମାବାଦ' ରିପୋର୍ଟ କରିଛି। ଆହତମାନଙ୍କୁ ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ପିଆଇଏମ୍ଏସ୍) ଏବଂ ପଲିକ୍ଲିନିକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂସ୍ଥା ନିଜକୁ ଦାୟୀ କରିନାହିଁ। ତେବେ ଆତଙ୍କବାଦୀ ଜଣେ ବିଦେଶୀ ନାଗରିକ ଥିଲେ ଏବଂ ଫିତ୍ନା ଅଲ୍ ଖ୍ୱାରିଜ ନାମରେ ପରିଚିତ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ସହ ତାଙ୍କ ସମ୍ପୃକ୍ତି ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ Xରେ ଆକ୍ରମଣ ପାଇଁ ଭାରତ ଓ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଭାରତ ଓ ଆଫଗାନିସ୍ତାନର ସମ୍ପୃକ୍ତି ପ୍ରଘଟ ହୋଇଥିବା ସେ ଉକ୍ତ ପୋଷ୍ଟରେ ଦର୍ଶାଇଛନ୍ତି। ଉଜବେକିସ୍ତାନ ରାଷ୍ଟ୍ରପତି ଶଭକତ୍ ମିର୍ଜିୟୋୟେଭ୍ ୨ ଦିନିଆ ପାକିସ୍ତାନ ଗସ୍ତରେ ଥିବାବେଳେ ଏହି ଆତ୍ମଘାତୀ ବିସ୍ଫୋରଣ ଘଟିଛି। ପ୍ରକାଶ ଯେ ୨୦୨୫ ନଭେମ୍ବର ୧୧ରେ ମଧ୍ୟ ଇସ୍‌ଲାମାବାଦର ଏକ ଜିଲା ଓ ଦୌରା କୋର୍ଟ ବାହାରେ ଅନୁରୂପ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ଏଥିରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିଲା।

### ଡଲାର=୯୦.୭୦...

ସେସନ୍ ପ୍ରଥମାର୍ଦ୍ଧରେ ଟଙ୍କା କିଛିମାତ୍ରାରେ ସବଳ ହୋଇଥିଲା। ତେବେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଭାରତୀୟ ପୁଞ୍ଜିବଜାରରୁ ମୁହଁ ଫେରାଇବା ଆରମ୍ଭ କରିବାରୁ ଟଙ୍କା ଚାପଗ୍ରସ୍ତ ହୋଇ ତାକୁ ଖସିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ଖୋଲିବା ମାତ୍ରେ ଟଙ୍କା ୯୦.୨୮ରେ କାରବାର କରିଥିଲା। ପରେ ଏହା ୯୦.୧୮ କୁଉଠି ପରବର୍ତ୍ତୀ ସମୟରେ ୯୦.୮୩ ପର୍ଯ୍ୟନ୍ତ ଖସିଥିଲା। କାରବାର ଶେଷରେ ୯୦.୭୦ରେ ଏହାର ବିନିମୟ ମୂଲ୍ୟ ସ୍ଥିର ରହିଥିଲା। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ସମ୍ପନ୍ନହେବା ପରେ ଏଫ୍ଆଇଆଇମାନେ ପୁଣି ଭାରତୀୟ ପୁଞ୍ଜିବଜାରକୁ ଫେରିପାରନ୍ତି। ଏପରି ହେଲେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ କିଛି ସୁଧାର ଆସିପାରେ ବୋଲି କେତେଜଣ ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

### ବୈଭବଙ୍କ ରେକର୍ଡ...

ମାହାତ୍ରେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ମାତ୍ର ୨୦ ରନରେ ଓପନର ଆରୋନ ଜର୍ଜ (୯)ଙ୍କ ଉଇକେଟ ହରାଇ ଯଦିଓ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ତେବେ ଦ୍ୱିତୀୟ ଉଇକେଟରେ ବୈଭବ ସୂର୍ଯ୍ୟବଂଶୀ ଓ ଅଧିନାୟକ ଆୟୁଷ ମାହାତ୍ରେଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଦୁହେଁଦ୍ୱିତୀୟ ଉଇକେଟରେ ୯୦ ବଲ୍‌ରୁ ୧୪୨ ରନ ଯୋଗ କରିବାପରେ ଯୋଡ଼ି ଭାଙ୍ଗିଥିଲା। ମାହାତ୍ରେ ୫୧ ବଲ୍‌ରୁ ୫୩ ରନକରି ଆଉଟ ହୋଇଥିଲେ। ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଥିଲେ ବିସ୍ଫୋରକ ବୈଭବ। ସେ ମାତ୍ର ୮୦ ବଲ୍‌ରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ୧୭୫ ରନ ସ୍କୋର କରି ଏକାଧିକ ରେକର୍ଡର ଅଧିକାରୀ ହୋଇଯାଇଥିଲେ। ମିଡିଲ ଅର୍ଡରରେ ବେଦାନ୍ତ ତ୍ରିବେଦୀ ୩୨, ଭିହାନ ମାଲହୋତ୍ରା ୩୦, ଅଭିଜ୍ଞାନ କୁଣ୍ଡୁ ୪୦ ଓ କନିଷ୍କ ଚୌହାନ ଅପରାଜିତ ୩୭ ରନ ସ୍କୋର କରିବାରୁ ଭାରତ ସ୍କୋର ୪୦୦ ଅତିକ୍ରମ କରିଯାଇଥିଲା। ୧୪ ବର୍ଷୀୟ ବୈଭବ ମାତ୍ର ୫୫ ବଲ୍‌ରୁ ଶତକ ପୂରଣ କରିଥିଲେ, ଯାହାକି ଦ୍ୱିତୀୟ ଶ୍ରେଷ୍ଠ। ଟୁର୍ନାମେଣ୍ଟ ଇତିହାସରେ ସର୍ବକନିଷ୍ଠ ଶତକ ହାସଲକାରୀ ରେକର୍ଡର ଅଧିକାରୀ ଥିବା ବୈଭବ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ଫାଇନାଲରେ ସର୍ବାଧିକ ରନ ସ୍କୋର କରିବାରୁ ଭାରତୀୟ ସ୍କୋର ମଧ୍ୟ ସର୍ବୋଚ୍ଚ (୪୧୧) ହୋଇଯାଇଥିଲା। କେବଳ ବାଉଣ୍ଡରିରୁ ସେ ୧୫୦ ରନ ସଂଗ୍ରହ କରିଥିଲେ ; ଯାହା କି ଏକ ରେକର୍ଡ। ସେ ମାତ୍ର ୭୧ ବଲ୍‌ରୁ ଦ୍ରୁତତମ ୧୫୦ ରନ ପୂରଣ କରିବାରେ ସକ୍ଷମ ହୋଇଥିଲେ। ଏହି ବିଶ୍ୱକପ୍‌ରେ ସୂର୍ଯ୍ୟବଂଶୀ ରେକର୍ଡ ୨୨ଟି ଛକା ମାରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକାର ଡେୱାଲ୍ଡ ବ୍ରେଭିସ ୨୦୨୨ରେ ୧୮ ଛକା ସହ ରେକର୍ଡର ଅଧିକାରୀ ଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମ୍ସ ମିଣ୍ଟୋ ୩ଟି, ସେବାଷ୍ଟିଆନ ମୋର୍ଗାନ ଓ ଆଲେକ୍ସ ଗ୍ରୀନ୍ ୨ଟି ଲେଖାଏ ଏବଂ ମାନି ଲୁମ୍ସଡେନ ଗୋଟିଏ ଉଇକେଟ ନେଇଥିଲେ।

### କୀଟନାଶକ ପିଇ...

ମିନି ମାରାଥନ କରାଯାଇଥିଲା। ମାରାଥନ ରାସୋଳ ଛକରୁ ବାହାରିଥିଲା। ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦଣ୍ଡପାଣି ପାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ସନ୍ଧ୍ୟାରେ କାମ ସାରି ଘରକୁ ଫେରି ପାତ୍ର ସମସ୍ତ ବିଷୟ ସ୍ତ୍ରୀ ବି. ଜାନକୀଙ୍କୁ ଜଣାଇଥିଲେ। ପରେ ୪ ତାରିଖ ଅପରାହ୍ନରେ ସେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ନେଇ ଯାଇଥିଲେ। ଦଣ୍ଡପାଣିଙ୍କ ସ୍ତ୍ରୀ ବି. ଜାନକୀ କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ଅତିରିକ୍ତ ତହସିଲଦାର ଶ୍ୱାଶତୀ ଦୁର୍ବ୍ୟବହାର କରିବା ସହ ଅପମାନିତ କରିଛନ୍ତି। ଏହା ସହି ନ ପାରି ତାଙ୍କ ସ୍ୱାମୀ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯଦି ତାଙ୍କ ସ୍ୱାମୀଙ୍କର କିଛି ହୋଇଯାଏ ତେବେ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଜାନକୀ କହିଛନ୍ତି। ଏ ସମ୍ପର୍କରେ ସେ ଜିଲା ପ୍ରଶାସନକୁ ଅବଗତ କରାଇ ଏହାର ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ଶାଶ୍ୱତୀ କହିଛନ୍ତି, ଦଣ୍ଡପାଣି ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏନେଇ ସେ ମଧ୍ୟ ଜିଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି। ଏପରି କି ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଶାଶ୍ୱତୀ ୪ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି ଏହାକୁ ନେଇ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

### 'ଫିନ୍‌ଟେକ୍' ଲୋକଙ୍କ...

ରାଜହଂସ ଧଳା ଯରଙ୍ଗର। ମାତ୍ର ଏକ କଳା ହଂସ ବା ବ୍ଲାକ୍ ସ୍ୱାନ୍ ଅତ୍ୟନ୍ତ ବିରଳ। ତେଣୁ ଅର୍ଥନୈତିକ ବଜାର କିମ୍ବା ଆର୍ଥିକ ବ୍ୟବସ୍ଥାରେ ଯେତେବେଳେ ଏକ ବିରଳ ଏବଂ ଅପ୍ରତ୍ୟାଶିତ ଘଟଣା ଘଟେ, ଏହାକୁ 'ବ୍ଲାକ୍ ସ୍ୱାନ ଇଭେଣ୍ଟ' କୁହାଯିବାର ଯଥାର୍ଥତା ରହିଛି। ଗତବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେବେଠାରୁ ୨.୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିସାରିଛୁ। ଆର୍ଥିକ ସଶକ୍ତୀକରଣ ଓ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ 'ସୁଭଦ୍ରା' ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଭଳି ପଦକ୍ଷେପ ଦ୍ୱାରା ସମର୍ଥିତ ଏହି ଅଗ୍ରଗତିରେ ମହିଳାଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମପାଟି ରାଜ୍ୟରେ ଡିଜିଟାଲ କ୍ଷେତ୍ରରେ ଥିବା ବିଭିନ୍ନ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଏଫ୍‌ଟିଏନ୍‌ର ସିଇଓ ରବି ମେନନ କହିଲେ, ଭାରତ ଦ୍ରୁତତମ ବିକାଶଶୀଳ ଦେଶ ହୋଇଥିଲେ ମଧ୍ୟ ଲୋକମାନେ ଦାରିଦ୍ର୍ୟ ଜୀବନ କାଟୁଛନ୍ତି। ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଦୂରତା କମାଯାଇପାରିଲେ ଏହି ଦାରିଦ୍ର୍ୟ ସମସ୍ୟାରେ ସମାଧାନ ହୋଇପାରେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଥିଲେ। ଏହି ଅବସରରେ ସର୍ବମ ଏଆଇର କାର୍ଯ୍ୟକାରିତା ନେଇ କମ୍ପାନୀର ସିଇଓ ପ୍ରତ୍ୟୁଷ କୁମାର ଓ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା।

## ରାଜକୁମାରଙ୍କ ଘରଣୀ ସାଜିବେ ଆଲିଆ



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବେ ଏକ ନୂଆ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଦୃଶ୍ୟମ୍ ୨'ର ସଫଳ ନିର୍ଦ୍ଦେଶକ ଅଭିଷେକ ପାଠକଙ୍କ ଆଗାମୀ ଚଳଚ୍ଚିତ୍ର 'ହାଉସ୍‌ୱାଇଫ'ରେ ଆଲିଆ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହି ଚଳଚ୍ଚିତ୍ରରେ ତାଙ୍କ ବିପକ୍ଷରେ ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓ ନଜର ଆସିବାର ସମ୍ଭାବନା ରହିଛି। ଯଦି ଏହା ଚୂଡ଼ାନ୍ତ ହୁଏ, ତେବେ ପରଦାରେ ପ୍ରଥମ ଥର ପାଇଁ ଏହି ଦୁଇ ଦକ୍ଷ କଳାକାରଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରଟି ଏକ ପାରିବାରିକ ଡ୍ରାମା, ଯେଉଁଥିରେ ସାମ୍ପ୍ରତିକ ସମାଜରେ ଜଣେ ବିବାହିତ ମହିଳାଙ୍କ ଭୂମିକା ଏବଂ ଦାମ୍ପତ୍ୟ ଜୀବନର ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଇଛି। ଆଲିଆ ଏଥିରେ ଜଣେ ଗୃହିଣୀଙ୍କ ଚରିତ୍ରରେ ଅଭିନୟ କରିବେ। ଅଭିନୟ ସହିତ ଆଲିଆ ନିଜର ପ୍ରଡକ୍ସନ ହାଉସ 'ଇଟର୍ନାଲ ସନ୍‌ସାଇନ୍ ପ୍ରଡକ୍ସନ୍ସ' ମାଧ୍ୟମରେ ଏହି ଚଳଚ୍ଚିତ୍ରର ସହ-ନିର୍ମାତା ମଧ୍ୟ ରହିବେ। ନିର୍ଦ୍ଦେଶକ ଅଭିଷେକ ପାଠକ 'ଦୃଶ୍ୟମ୍ ୩'ର କାର୍ଯ୍ୟ ଶେଷ ପରେ ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବରରୁ 'ହାଉସ୍‌ୱାଇଫ'ର ସୁଟିଂ ଆରମ୍ଭ କରିବେ। ଏହି ଚଳଚ୍ଚିତ୍ରର ସ୍କ୍ରିପ୍ଟ ଭାବପୂର୍ଣ୍ଣ, ଯାହା ଆଧୁନିକ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଲିଆ ଆଶାବ୍ୟକ୍ତ କରିଛନ୍ତି।

GOVERNMENT OF INDIA
CBC 35101/13/0109/2526
ଶକ୍ତିଶାଳୀ ଭିତ୍ତିଭୂମି, ସଶକ୍ତ ଶିକ୍ଷା;
ସଶକ୍ତ ଶିକ୍ଷା, ଶକ୍ତିଶାଳୀ ଭାରତ
ବିଦ୍ୟାଳୟମାନଙ୍କରେ ରୋଷଶାଳା, ଅତିରିକ୍ତ ଶ୍ରେଣୀଗୃହ, ପରୀକ୍ଷାଗାର, ପାଚେରି ଓ ଖେଳପଡ଼ିଆର ନିର୍ମାଣ ହେବ

ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି


# ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଭଦ୍ରକ ଏମ୍‌ପି

## ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ସାର୍ଥକ ନିଖୋଜ ଘଟଣା


ଏମ୍‌ପି ଅଭିମନ୍ୟୁ ସେଠୀ ଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟୁଛନ୍ତି।

**ଭଦ୍ରକ,୬।୨(ସନାତନ ରାଉତ)**

ଓଡ଼ିଶାର ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ଭଦ୍ରକ ବ୍ଲକ କେଶପୁରର ସାର୍ଥକ ମହାପାତ୍ର ଗତ ୩ ତାରିଖରେ ଜାହାଜରେ ମରିସସ୍‌ରୁ ଚାଇନା ଫେରିବା ବେଳେ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ମା' ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ପୁଅଙ୍କୁ ଖୋଜି ଆଣିବା ପାଇଁ ନିବେଦନ କରିଥିଲେ। ଏହି ଘଟଣା ଜାଣିବା ପରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଶୁକ୍ରବାର ଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଘଟଣାକୁ ଗୁରୁତ୍ୱ ଦେଇଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଛନ୍ତି ବୋଲି ଏମ୍‌ପି ତାଙ୍କ 'X' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ସାର୍ଥକ ମୁମ୍ବାଇର ଏକ ଘରୋଇ ଶିପିଂ ସଂସ୍ଥାରେ କାର୍ଯ୍ୟରତ ଥିଲେ। ଜାହାଜରେ ସେ ଚାଇନାରୁ ମରିସସ୍ ଯାଇଥିଲେ। ମରିସସ୍‌ରୁ ଚାଇନା ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ତାଙ୍କ ମା' ରଶ୍ମି ମହାପାତ୍ର କହିଛନ୍ତି। ୨ ତାରିଖରେ ଶେଷଥର ପାଇଁ ସେ ମା'ଙ୍କ ସହ କଥା ହୋଇଥିଲେ।

# ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ ପାଇଁ ମେଳି

## ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ

**ଅନୁଗୋଳ,୬।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବାକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଆସନ୍ତା ୧୮ ତାରିଖରେ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ହେଲେ ଏହାକୁ ପାରିପାର୍ଶ୍ୱିକ ଅଞ୍ଚଳ କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଇବାକୁ ଯାଉଥିବା ଲୋକମାନେ ତୀବ୍ର ବିରୋଧ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ନିକଟସ୍ଥ ପଡ଼ିଆରେ ଏହି ୩ ଗ୍ରାମବାସୀ ମେଳି କରିବା ସହ ସ୍ଥାୟୀ ଚାକିରି ଏବଂ ଜମିର ଉଚିତ ମୂଲ୍ୟ ପ୍ରଦାନ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ବିରୋଧ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି।

ଅଞ୍ଚଳବାସୀ ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି, ନାଲ୍‌କୋ କାରଖାନା ସ୍ଥାପନ ପାଇଁ ବହୁ ଲୋକ ଜମି ହରାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକେ ଏଯାଏ ଚାକିରି ପାଇନାହାନ୍ତି। ବର୍ତ୍ତମାନ କମ୍ପାନୀ ପୁଣିଥରେ ଲୋକଙ୍କ ଜମି ଅଧିଗ୍ରହଣ କରିବାକୁ ଯାଉଛି। ଅଧିଗ୍ରହଣ ହେବାକୁ ଥିବା ଜମିର ଉଚିତ ମୂଲ୍ୟ ଓ କ୍ଷତିଗ୍ରସ୍ତଙ୍କ ପରିବାରକୁ ସ୍ଥାୟୀ ଚାକିରି ପ୍ରଦାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋର କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଚେତାବନୀ ଦେଇଛନ୍ତି। ସେହିପରି ଜମି ହରାଇବାକୁ ଯାଉଥିବା ବିପ୍ଳବ ଜେନା କହିଛନ୍ତି, ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ଓ ସ୍ଥାୟୀ ନିଯୁକ୍ତି ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ସର୍ଭେ ସମ୍ପୂର୍ଣ୍ଣ କରାଯାଇଥିଲା। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଲିଖିତ ଆଲୋଚନା ହୋଇଥିବା ବେଳେ ବର୍ତ୍ତମାନ ପ୍ରଶାସନ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ପ୍ରତିଜମିହରା ପରିବାରକୁ ସ୍ଥାୟୀ ଚାକିରି ଏବଂ ଜମିର ଉଚିତ ମୂଲ୍ୟ ନ ମିଳିଲେ ବିରୋଧ କରାଯିବ। ଅଞ୍ଚଳବାସୀ ପ୍ରତିଜ୍ଞା ପଣ୍ଡା କହିଛନ୍ତି, ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ ଥିବା ସମସ୍ତ ୧୮ ବର୍ଷରୁ ଅଧିକ ପ୍ରାୟ ୬୩୫ ଜଣ ନିଜର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧୬ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ନନ୍‌ଟେକ୍ନିକାଲ। ବର୍ତ୍ତମାନ ପ୍ରଶାସନ କହୁଛି କେବଳ ଟେକ୍ନିକାଲ ପିଲାଙ୍କୁ ନାଲ୍‌କୋ ଚାକିରି ଦେବ। ରାଜେଶ କୁମାର ତ୍ରିପାଠୀ କହିଛନ୍ତି, ପ୍ରତିଦିନ ପ୍ରଶାସନ ମତ ବଦଳାଉଥିବାରୁ ନାଲ୍‌କୋ ଓ ଜିଲା ପ୍ରଶାସନ ଉପରେ ଲୋକଙ୍କ ଭରସା ରହୁନି। ତେଣୁ ପ୍ରଥମେ ଲିଖିତ ପ୍ରତିଶ୍ରୁତି ଦିଆଗଲେ ଜମି ପ୍ରଦାନ କରାଯିବ। ନଚେତ ପରିବେଶ ମଞ୍ଜୁରି ଜନଶୁଣାଣିକୁ ତୀବ୍ର ବିରୋଧ କରାଯିବ ବୋଲି ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇଙ୍କ ସମେତ ୩ ମୌଜାର ଲୋକେ ବୈଠକରେ ନିଷ୍ପତ୍ତି ନେଇଛନ୍ତି।


ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ କରିବାକୁ ୩ ଗ୍ରାମବାସୀ ମେଳି କରିଛନ୍ତି।

# ୪ ଜିଲା କୋର୍ଟକୁ ବୋମା ଧମକ

## ହାଇକୋର୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଟକ,୬।୨(କାର୍ତ୍ତିକ ସାହୁ)**

କିଛି ଦିନ ପରେ ପୁଣି ୪ ଜିଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଇମେଲ୍‌ରେ ଧମକ ମିଳିଛି। କଟକ ଜିଲା ଜଜ୍ କୋର୍ଟ ସମେତ ଫୁଲବାଣୀ, ପୁରୀ ଓ ଯାଜପୁର ଜିଲା କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିବା ପରେ କୋର୍ଟ ପରିସରରେ ଶୁକ୍ରବାର ସକାଳୁ ସୁରକ୍ଷା ବ୍ୟବସ୍ଥାକୁ ପୋଲିସ କଡ଼ାକଡ଼ି କରିଛି। ଅପରପକ୍ଷେ ସୁରକ୍ଷା ଦୃଷ୍ଟିରୁ ହାଇକୋର୍ଟ ପରିସରକୁ ମଧ୍ୟ ପୋଲିସ ଛାଉଣି କରାଯାଇଥିଲା।

ସୂଚନାନୁସାରେ, ଶୁକ୍ରବାର ସକାଳୁ ଜିଲା କୋର୍ଟ ପୂର୍ବ ଭଳି କାର୍ଯ୍ୟ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଆଇନଜୀବୀଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଥିଲା। ମାତ୍ର ହଠାତ୍ ପୋଲିସ ପକ୍ଷରୁ ଜାଗା ଖାଲି କରିବାକୁ କୁହାଯାଇଥିଲା। କାର୍ଯ୍ୟ ବନ୍ଦ ସହ କୋର୍ଟ ପରିସର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ। ବିଚାରପତି, ଆଇନଜୀବୀ ଓ ଲୋକେ କୋର୍ଟ ପରିସରରୁ ବାହାରି ଆସିଥିଲେ। ତେବେ ପୋଲିସର କଡ଼ା ଯାଞ୍ଚ ପରେ କୋର୍ଟ ପରିସରରେ ବୋମାର ସନ୍ଧାନ ମିଳି ନ ଥିଲା। ଅଧଘଣ୍ଟା ଭିତରେ ପୂରା କୋର୍ଟ ପରିସର ଖାଲି ହୋଇଯାଇଥିଲା। ପୋଲିସ ଆଣ୍ଟି ବମସ୍କ୍ୱାଡ୍, ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ କାର୍ଯ୍ୟ କରିଥିଲା। ବୋମା ନିଷ୍କ୍ରିୟକାରୀ ସନ୍ଦେହଜନକ ସ୍ଥାନଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ କୋର୍ଟ ପରିସରରେ ପହଞ୍ଚି କଡ଼ାକଡ଼ି ଯାଞ୍ଚ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଯାଞ୍ଚ କରାଯିବା ପରେ ମଧ୍ୟ ବୋମା ସନ୍ଧାନ ମିଳି ନ ଥିଲା। ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ନ୍ୟାୟାଳୟର ସୁରକ୍ଷା ପାଇଁ ରାଜ୍ୟ ସରକାର ତତ୍ପର ଅଛନ୍ତି। ଏଭଳି ଧମକପୂର୍ଣ୍ଣ ମେଲ୍ ଆତଙ୍କ ଖେଳାଇବା ପାଇଁ କରିଥାନ୍ତି, ତାର ଅର୍ଥ ନୁହେଁ ସରକାର ଏହାକୁ ହାଲୁକା ଭାବେ ନେବେ। ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି। ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଏଭଳି ଧମକପୂର୍ଣ୍ଣ ମେଲ ସଂକ୍ରାନ୍ତରେ ସାଇବର ଟିମ୍ ସହ ଆଲୋଚନା ହୋଇଛି। ଏହା ଏକ ଡାର୍କ ୱେବ ବୋଲି କୁହାଯାଏ। ପ୍ରତ୍ୟେକ ମୁହୂର୍ତ୍ତରେ ଆଇଡିକୁ ବଦଳିଥାଏ। ଭାରତ ସରକାରଙ୍କ ସହଯୋଗରେ ଏହି ମେଲ୍‌ର ଉତ୍ସ କ'ଣ ଓ କେଉଁ ଅଜଣା ବ୍ୟକ୍ତି ଭୟ ସୃଷ୍ଟି କରିବାକୁ ଧମକପୂର୍ଣ୍ଣ ମେଲ ଛାଡୁଛନ୍ତି, ତା'ର ବର୍ତ୍ତମାନ ତଦନ୍ତ ଜାରି ରହିଛି। ଏହାଛଡ଼ା ହାଇକୋର୍ଟ ସିକ୍ୟୁରିଟି କମିଟି ସହ ପ୍ରାୟ ଦୁଇ ଘଣ୍ଟା ଧରି ସରକାରଙ୍କ ପକ୍ଷରୁ ଆଲୋଚନା ହୋଇଥିଲା। ଏଥିରେ କୌଣସି ଆତଙ୍କିତ ହେବାର ନାହିଁ ବୋଲି ପୀତାମ୍ବର କହିଛନ୍ତି।

# ଅଗ୍ନି ୩ର ସଫଳ ପରୀକ୍ଷଣ


ଅଗ୍ନି ୩ ପରୀକ୍ଷଣ

**ବାଲେଶ୍ୱର, ୬।୨(ବାଞ୍ଛାନିଧି ଦେ)**

ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଶୁକ୍ରବାର ଅବଦୁଲ କଲାମ ଦ୍ୱୀପରୁ ଅଗ୍ନି-୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ୩,୫୦୦ କିଲୋମିଟର ଦୂରରେ ଅବସ୍ଥିତ ଶତ୍ରୁମାନଙ୍କୁ ଟାର୍ଗେଟ କରିବାରେ ସକ୍ଷମ। ଅଗ୍ନି-୩ କ୍ଷେପଣାସ୍ତ୍ରକୁ ପୂର୍ବରୁ ସେନାରେ ସାମିଲ କରାଯାଇଛି। ଏହା ୧୭ ମିଟର ଲମ୍ବ, ୨ ମିଟର ବ୍ୟାସ ଏବଂ ପ୍ରାୟ ୫୦ ଟନ୍ ଓଜନର। ଏହା ୧.୫ ଟନ୍ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ ଅଟେ। ୨୦୧୯ରେ ପ୍ରଥମ ଥର ପାଇଁ ଏହାର ସଫଳ ପରୀକ୍ଷଣ କରାଯାଇଥିଲା। ଏହାକୁ ପୁଣି ଥରେ ସଫଳ ପରୀକ୍ଷଣ କରାଯାଇଛି। ଅଗ୍ନି-୩ ଏକ ଦୂରଗାମୀ, ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। କେବଳ ପାକିସ୍ତାନ ନୁହେଁ, ଚୀନ ମଧ୍ୟ ଅଗ୍ନି-୩ କ୍ଷେପଣାସ୍ତ୍ରକୁ ଭୟ କରେ। ଏହା ସିରିଏଲ୍ ନାଭିଗେସନ୍ ଏବଂ ଜିପିଏସ୍ ସହିତ କାର୍ଯ୍ୟ କରେ। ଏହା ପରମାଣୁ ଏବଂ ଅନ୍ୟାନ୍ୟ ଅସ୍ତ୍ର ବହନ କରିବାରେ ସମ୍ପୂର୍ଣ୍ଣ ସକ୍ଷମ। ଏହି ସଫଳ ପରୀକ୍ଷଣକୁ ଦୃଷ୍ଟିରେ ରଖି ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ ସମେତ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି କାମତ ସମଗ୍ର ଡିଆରଡିଓ ଏବଂ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

NATIONAL SC-ST HUB | GOVERNMENT OF INDIA MINISTRY OF MICRO, SMALL AND MEDIUM ENTERPRISES | NSIC
ଅନୁସୂଚିତ ଜାତି/ଜନଜାତି ଉଦ୍ୟମୀଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ
ରାଷ୍ଟ୍ରୀୟ ଏସ୍‌ସି-ଏସ୍‌ଟି ହବ୍ ଯୋଜନା
ଅକ୍ଟୋବର ୨୦୧୬ ପରଠାରୁ
ଏସ୍‌ସି-ଏସ୍‌ଟି ଏମ୍‌ଏସ୍‌ଇରୁ ସରକାରୀ କ୍ରୟ ୩୮ ଗୁଣା ବୃଦ୍ଧି
୧.୫ ଲକ୍ଷରୁ ଅଧିକ ଏସ୍‌ସି-ଏସ୍‌ଟି ଉଦ୍ୟମୀ ଲାଭାନ୍ୱିତ
ମୁଖ୍ୟ ଲାଭ
- ₹୨୫ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡି
- ନିଃଶୁଳ୍କ ସାମର୍ଥ୍ୟ ନିର୍ମାଣ ପ୍ରଶିକ୍ଷଣ
- ବିକ୍ରେତା ବିକାଶ ଏବଂ ବଜାର ସମ୍ପର୍କ ସହାୟତା
- ପ୍ରତିଯୋଗିତା ମନୋଭାବ ବୃଦ୍ଧିରେ ସହଯୋଗ
CBC 25106/15/0001/2526

"ଏମ୍‌ଏସ୍‌ଏମ୍‌ଇ ଆମ ଦେଶର ଆର୍ଥିକ ଅଭିବୃଦ୍ଧିରେ ଏକ ରୂପାନ୍ତରଣକାରୀ ଭୂମିକା ତୁଲାଇଥାଏ । ଏହି କ୍ଷେତ୍ରର ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଆମେ ପ୍ରତିବଦ୍ଧ ।"
- ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ
ଅଧିକ ଜାଣିବା ପାଇଁ ପରିଦର୍ଶନ କରନ୍ତୁ: www.scsthub.in
ରାଷ୍ଟ୍ରୀୟ ଏସ୍‌ସି-ଏସ୍‌ଟି ହବ୍ ଫଲୋ କରିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

31001/4/2526
ବୟନିକା ଦ୍ୱାରା ଆୟୋଜିତ
Government of Odisha
ଜାତୀୟସ୍ତରୀୟ ହସ୍ତତନ୍ତ ମେଳା 2026
ତା.୦୬.୦୨.୨୦୨୬-୨୨.୦୨.୨୦୨୬ରିଖ ପର୍ଯ୍ୟନ୍ତ
ଦିବା ୧୧.୦୦ ରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ
ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଘାଟନ
୭ ଫେବୃୟାରୀ ୨୦୨୬
ସନ୍ଧ୍ୟା ୬.୩୦ ଘଟିକା ସମୟରେ
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ ।

'ଓଡ଼ିଶାର ହସ୍ତତନ୍ତରେ ଓଡ଼ିଆ ଅସ୍ମିତା'
OIPR-31001/31004/2/25-26/0004
ଆୟୋଜକ : ବୟନିକା
ପ୍ରାୟୋଜକ : ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

"ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ ! -ଶ୍ରୀଅରବିନ୍ଦ

# କଡ଼ା ନିୟମ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଦ୍ୟ ନିର୍ଦ୍ଦେଶନାମା ଜାରି କରିଛି ଯେ, ୨୦୧୧ ଓ ତା'ପର ବ୍ୟାଚ୍ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ ପଦବୀ ପାଇଁ ତାଲିକାଭୁକ୍ତ ହେବା ସକାଶେ ଏସ୍‌ପି କିମ୍ବା ଡିଜି ସ୍ତରରେ ଅତି କମ୍‌ରେ ଦୁଇ ବର୍ଷ କେନ୍ଦ୍ରୀୟ ଡେପୁଟେଶନର ଦରକାର ପଡ଼ିବ। ଏହା ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରେ। ବର୍ଷ ବର୍ଷ ଧରି ଜିଲା ପୋଲିସ ବ୍ୟବସ୍ଥାକୁ ପ୍ରକୃତ ପ୍ରାମାଣିକ କ୍ଷେତ୍ର ଭାବରେ ଦେଖାଯାଉଥିଲା, ଯେତେବେଳେ କେନ୍ଦ୍ରୀୟ ନିଯୁକ୍ତି ଉପଯୋଗୀ ଅଥଚ ଇଚ୍ଛାଧୀନ ଥିଲା। ସେହି ସମନ୍ୱୟ ଏବେ ଓଲଟିଯାଇଛି। ସରକାରୀ ଭାବେ ଏହାର କାରଣ ପୂରା ସ୍ପଷ୍ଟ। କେନ୍ଦ୍ରୀୟ ବାହିନୀ ଏବଂ ସଂସ୍ଥାଗୁଡ଼ିକରେ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଅଧିକାରୀଙ୍କ ଅଭାବ ରହିଛି। ଖାଲି ପଦବୀ ବୃଦ୍ଧି ପାଉଛି। କେନ୍ଦ୍ର ବିଶ୍ୱାସ କରୁଛି ଯେ, ରାଜ୍ୟଗୁଡ଼ିକ ଅଧିକ ସଂଖ୍ୟକ ଯୋଗ୍ୟ ଅଧିକାରୀ ପଠାଉନାହାନ୍ତି। ତେଣୁ ଏହାର ସମାଧାନ ହେଉଛି ଡେପୁଟେଶନକୁ ଅନିବାର୍ଯ୍ୟ କରିବା। କିନ୍ତୁ ଏହାର ପ୍ରଭାବ କର୍ମଚାରୀଙ୍କ ଅଭାବଠାରୁ ଯଥେଷ୍ଟ ବେଶି। କେନ୍ଦ୍ରୀୟ ଡେପୁଟେଶନକୁ ବାଧ୍ୟତାମୂଳକ କରିବାରେ ବିପଦ ରହିଛି। ପୋଲିସ ବ୍ୟବସ୍ଥାର ଆହ୍ୱାନଗୁଡ଼ିକ କେବଳ ଡେସ୍କକୈନ୍ଦ୍ରିକ ହୋଇ ରହିଥିବା ଏକ ଦେଶରେ ଏହା ଭଲ ହୋଇ ନ ପାରେ । ସିଏପିଏଫ୍‌ରେ ଧୀରେ ଧୀରେ ଆଇପିଏସ୍ ଡେପୁଟେଶନ ହ୍ରାସ କରିବା ଏବଂ କ୍ୟାଡର ଅଫିସରଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଏକ ସ୍ପଷ୍ଟ ବିରୋଧାଭାସ ମଧ୍ୟ ରହିଛି। ଅଧିକ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ର ପଠାଇବା ଏବେ ଜଟିଳ ହୋଇଯାଇଛି। ତା'ପରେ ରାଜ୍ୟଗୁଡ଼ିକ ସର୍ବଦା ସେମାନଙ୍କ ଆଇପିଏସ୍ ଅଧିକାରୀଙ୍କୁ ପ୍ରଶାସନିକ ଏବଂ ରାଜନୈତିକ କାରଣରୁ ସୁରକ୍ଷା ଦେଇଆସିଛନ୍ତି। ତେବେ ଅଧିକାରୀମାନଙ୍କୁ ଆଗକୁ ବଢ଼ିବା ପାଇଁ ଏବେ କେନ୍ଦ୍ରୀୟ ଅଭିଜ୍ଞତା ଦରକାର, କିନ୍ତୁ ପ୍ରକୃତରେ ସେହି ଅଭିଜ୍ଞତା ପାଇବାକୁ ହେଲେ ରାଜ୍ୟ ସରକାରଙ୍କୁ ସେମାନଙ୍କୁ କେନ୍ଦ୍ରକୁ ପଠାଇବାକୁ ପଡ଼ିବ, ଯାହା କେବେ ବି ନିଶ୍ଚିତ ନୁହେଁ।

### ବିଦେଶରେ ଛୁଟି କାଟିଲେ

ନୂତନ ବର୍ଷ ପୂର୍ବରୁ ବିହାରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କର ଏକ ଦଳ ସରକାରୀ ଭାବେ ଅନୁମୋଦିତ ଛୁଟିରେ ବିଦେଶକୁ ଯାଇ ଆମେରିକା ଏବଂ ବାଲି ସମେତ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିଲା। ଏହିସବୁ ଯାତ୍ରା ପାଇଁ ଔପଚାରିକ ଭାବରେ ଅନୁମତି ଦିଆଯାଇଥିଲା ଏବଂ କେତେକ କ୍ଷେତ୍ରରେ ଛୁଟି ୪୨ ଦିନ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏହାଯୋଗୁ ଫାଇଲଗୁଡ଼ିକ କାମ ନ ହୋଇ ପଡ଼ି ରହୁଥିଲା। ଛୁଟି ଦେବାରେ କୌଣସି ଆଇନ ଭଙ୍ଗ ହୋଇନାହିଁ, କୌଣସି ପ୍ରକ୍ରିୟାକୁ ଏଡାଇ ଦିଆଯାଇ ନାହିଁ। କାଗଜପତ୍ର ଠିକ୍ ଥିଲା, ଅନୁମତି ମଧ୍ୟ ଦିଆଯାଇଥିଲା ଏବଂ ବ୍ୟବସ୍ଥା ଅନୁଯାୟୀ ଯାହା କରାଯିବା କଥା ତାହା ସବୁ ଠିକ୍ ଭାବରେ ହୋଇଥିଲା। ଏହା ବାବୁମାନଙ୍କ ଜାଣତରେ ହୋଇଥିଲା। ସବୁକିଛି ସ୍ପଷ୍ଟ, ଆଇନଗତ ଏବଂ ତ୍ରୁଟିଶୂନ୍ୟ ଥିଲା। ତଥାପି ବିହାରରେ ସ୍ଥାୟୀ ଭାବେ ପ୍ରଶାସନିକ ଚାପ, ଆଇନଶୃଙ୍ଖଳା ଚ୍ୟାଲେଞ୍ଜ ଏବଂ ନିୟମିତ ଶାସନ ମୁଣ୍ଡବିନ୍ଧାର କାରଣ ହୋଇ ରହିଥିବାବେଳେ ବରିଷ୍ଠ ଅମଲାତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ବିଦେଶରେ ଛୁଟି କାଟିବା ନିଶ୍ଚିତ ଭାବରେ ଏକ ଚିନ୍ତାର ବିଷୟ। ଛୁଟିନେବା ଅଧିକାରକୁ କେହି ବିରୋଧ କରନ୍ତି ନାହିଁ। କିନ୍ତୁ ଯେତେବେଳେ ଅନେକ ବରିଷ୍ଠ ଅଧିକାରୀ ଏକକାଳୀନ କାମରୁ ଦୂରେଇ ରୁହନ୍ତି, ସେତେବେଳେ ତାହାକୁ ସାମୂହିକ ପଳାୟନ ଭାବେ ଦେଖାଯାଏ। ବାବୁମାନେ ଏବେ ଫେରି ଆସିଛନ୍ତି ଏବଂ ସେମାନଙ୍କ ପାସ୍‌ପୋର୍ଟଗୁଡ଼ିକ ସୁରକ୍ଷିତ ହୋଇ ରହିଛି । ଆଶା କରାଯାଉଛି, ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ହୁଏତ ଆର୍କଟିକ୍ କ୍ରୁଜ ହୋଇପାରେ।

### ବୈଷୟିକ ତ୍ରୁଟି

ଆପଣ ସେଲ୍‌ର ନେତୃତ୍ୱ ନେଉଥିବାବେଳେ ଏକ ଛୋଟ ବୈଷୟିକ ତ୍ରୁଟି ମଧ୍ୟ ବଡ଼ ଷଡ଼ଯନ୍ତ୍ର ତତ୍ତ୍ୱକୁ ସାମ୍ନାକୁ ଆଣିପାରେ। ଜାନୁଆରୀ ଶେଷ କାର୍ଯ୍ୟ ଦିବସରେ ଠିକ୍ ଏପରି ଘଟିଥିଲା। ସତେବେଳେ ସେଲ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶଙ୍କ ନାମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ୱେବ୍‌ସାଇଟରୁ କିଛି ସମୟ ପାଇଁ ଗାଏବ ହୋଇଯାଇଥିଲା। ଏହାକୁ ନେଇ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଅମରେନ୍ଦୁଙ୍କୁ ବାହାର କରି ଦିଆଯାଇଛି ନା ତାଙ୍କୁ ବାଦ୍ ଦେବା ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଶ୍ନ ଉଠିଥିଲା। ଦିନର ଅଧିକାଂଶ ସମୟ ଗୁଜବ ଲାଗି ରହିଲା ଏବଂ ଶିଳ୍ପ ପର୍ଯ୍ୟବେକ୍ଷକମାନେ ଏହାକୁ ବ୍ୟାପକ କରିବାରେ ଲିପ୍ତ ରହିଲେ। ବାସ୍ତବ କଥା ହେଉଛି ପ୍ରକାଶଙ୍କ ବିବରଣୀ ସବୁ ସମୟରେ ସେଲ୍‌ର ୱେବ୍‌ସାଇଟରେ ଅପରିବର୍ତ୍ତିତ ରହିଥିଲା। କିନ୍ତୁ ପିଇଏସ୍‌ବି ପୋର୍ଟାଲ, ଯାହାକୁ ପ୍ରାୟତଃ ଶୀର୍ଷ ପିଏସ୍‌ୟୁ ନିଯୁକ୍ତିରେ ଚୂଡ଼ାନ୍ତ କର୍ତ୍ତୃପକ୍ଷ ଭାବରେ ବିବେଚନା କରାଯାଏ, ସେଥିରେ ତ୍ରୁଟି ଦେଖାଦେଇଥିଲା। ସ୍ୱଳ୍ପ ସମୟ ପାଇଁ ୱେବ୍‌ସାଇଟରୁ ତାଙ୍କ ନାମ ଅନ୍ତର୍ଦ୍ଧାନ ହେବା ଘଟଣା ସମାଲୋଚକଙ୍କୁ ଗୁଜବ ପାଇଁ ସୁଯୋଗ ଦେଇଥିଲା, ଯେଉଁମାନେ ଅନେକ ସମୟରେ ପ୍ରକାଶଙ୍କ କାର୍ଯ୍ୟକାଳର ସମୟ ପୂର୍ବରୁ ଶେଷ ହେବାର ସଙ୍କେତ ଦେଇଆସିଛନ୍ତି। ଏହି ସମୟରେ ସମର୍ଥକମାନେ କିଛି ସମୟ ଚିନ୍ତାରେ ପଡ଼ିଗଲେ। ପ୍ରକାଶ ଗତ କିଛି ସପ୍ତାହ ଧରି ଚାପରେ ଥିବାବେଳେ ସାଧାରଣରେ ଚର୍ଚ୍ଚାରେ ଅଛନ୍ତି, ଯାହାଙ୍କ ପାଇଁ ତାଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। ସେଲ୍‌ର କିଛି ବ୍ୟକ୍ତି ତାଙ୍କ ନେତୃତ୍ୱ ଉପରେ ସନ୍ଦେହ ସୃଷ୍ଟି କରିବା ସେମାନଙ୍କ ନ୍ୟସ୍ତସ୍ୱାର୍ଥ ମନୋଭାବକୁ ସୂଚିତ କରେ। ସନ୍ଧ୍ୟା ସୁଦ୍ଧା ରହସ୍ୟର ଅନ୍ତ ଘଟିଲା। ନିଖୋଜ ନାମଟି ପୁଣି ସାମ୍ନାକୁ ଆସିଗଲା ଏବଂ ସେଲ୍ ମୁଖ୍ୟାଳୟରେ ପୁଣି କାମ ଆରମ୍ଭ ହୋଇଗଲା।

Email: dilipcherian@gmail.com

# କର୍ପୋରେଟ୍‌ଙ୍କ ସ୍ୱାର୍ଥରେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶର ଦୁର୍ବଳ ହେଉଥିବା ଅର୍ଥନୀତି ଓ ବିଶେଷକରି ଆମେରିକା ପରି ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଭାରି ଚାପ ମଧ୍ୟରେ କେନ୍ଦ୍ର ସରକାର ବଜେଟ ଆଗତ କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହରାଇବା ପରେ ମୋଦି ସରକାର ଆୟକର ସୀମା ବଢ଼ାଇବା ଓ କିଛି ସାମଗ୍ରୀରେ ଜିଏସ୍‌ଟି କମାଇବା ମାଧ୍ୟମରେ ଚାହିଦା ବଢ଼ାଇବାକୁ ପଦକ୍ଷେପ ନେଇଥିଲେ। କିନ୍ତୁ ଏବର୍ଷ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନରେ ସଫଳତା ପାଇବା ପରେ ସେହି ପଦକ୍ଷେପଗୁଡ଼ିକ ମଧ୍ୟ ବଜେଟରେ ଦେଖିବାକୁ ମିଳିନାହିଁ। ଏହି ବଜେଟ କେବଳ ଦେଶୀ ଓ ବିଦେଶୀ କର୍ପୋରେଟ୍‌ଙ୍କ ସେବା କରୁଛି, ସପ୍ଲାଇ-ସାଇଡ୍ ନୀତିକୁ ଅନୁସରଣ କରୁଛି ଓ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ସାମାଜିକ କ୍ଷେତ୍ରକୁ ଅବହେଳା କରୁଛି ଏପରି କି କେତେକ କ୍ଷେତ୍ରରେ ବ୍ୟୟବରାଦକୁ କମାଇ ଦେଉଛି।

ଗତ କିଛି ବର୍ଷ ଧରି ବଜେଟ ପ୍ରକ୍ରିୟାର ଗୁରୁତ୍ୱ କ୍ଷୀଣ ହୋଇଛି। ବର୍ଷ ତମାମ ଟିକସ ବଢ଼ାଯାଉଛି ତଥା ବଜେଟରେ ଭ୍ରମାତ୍ମକ ଓ ବିଭ୍ରାନ୍ତିକର ତଥ୍ୟ ଦେବା ଦେଖାଯାଇଛି। ସରକାର ବଜେଟରେ ଆୟ ଅନୁମାନକୁ ବଢ଼ାଇ ଚଢ଼ାଇ ଦେଖାଇବା ସହ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରିବାକୁ ଯାଉଥିବା ଦେଖାଇ ଆସିଛନ୍ତି। କିନ୍ତୁ ବର୍ଷ ଶେଷରେ ଯେତେବେଳେ ପ୍ରକୃତ ଆୟଟି କମ୍ ହୋଇଯାଏ ସେତେବେଳେ ନିଅଣ୍ଟ ଭରଣା ନାଁରେ ସରକାର ସାମାଜିକ କ୍ଷେତ୍ରରେ ବ୍ୟାପକ ବ୍ୟୟ ହ୍ରାସ କରିବା ଦେଖାଯାଇଛି। ପରିତାପର ବିଷୟ ସରକାରଙ୍କ ପରିସଂଖ୍ୟାନକୁ ନେଇ ଏହି ଖେଳ ଓ ଲୋକମାନଙ୍କ ସହ ସ୍ପଷ୍ଟ ଠକେଇକୁ କର୍ପୋରେଟ୍ ମିଡିଆ ଚପେଇ ଦେଇ ଆସିଛି ଏବଂ ଦେଶୀ-ବିଦେଶୀ କର୍ପୋରେଟ୍‌ଙ୍କ ସେବା ପାଇଁ ସରକାରକୁ ପ୍ରଶଂସା କରୁଛି। ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଉପରେ ନିର୍ଭରଶୀଳ ଏହି ବିକାଶ ମଡେଲ ଗଭୀର ସଙ୍କଟରେ ପଡ଼ିଥିଲେ ମଧ୍ୟ ସରକାର ଘୋଡ଼େଇ ରଖିଛନ୍ତି।

ମାକ୍ରୋ-ଅର୍ଥନୈତିକ ସ୍ତରରେ ଅର୍ଥନୀତିର ନାମମାତ୍ର ବୃଦ୍ଧି ଦୁର୍ବଳ ରହିଛି। ମୋଟ ରାଜସ୍ୱ ବୃଦ୍ଧି ମାତ୍ର ୬.୭% ଅନୁମାନ କରାଯାଇଛି। ଆୟକର ଆଦାୟ ଅନୁମାନଠାରୁ ବହୁତ କମ୍ ଓ ଜିଏସ୍‌ଟି ଆଦାୟ କେବଳ ୧.୯% ବଢ଼ିଛି। ଅର୍ଥନୀତିରେ ୭.୪% ବୃଦ୍ଧିର ଦାବି କରାଯାଉଥିବା ବେଳେ କୃଷି କ୍ଷେତ୍ରରେ ଯେଉଁଠି ପ୍ରାୟ ଅଧା ଭାରତୀୟ କାର୍ଯ୍ୟଶକ୍ତି ନିୟୋଜିତ ଓ ଗ୍ରାମାଞ୍ଚଳରେ ରହୁଥିବା ଦେଶର ଦୁଇ ତୃତୀୟାଂଶ ଲୋକଙ୍କ ଜୀବନରେଖା, ସେଠାରେ ବୃଦ୍ଧି ହାର ୩.୧%କୁ ହ୍ରାସ ପାଇଛି। ଏହି ଅଭାବର ପରିଣାମ ସ୍ୱରୂପ, ୨୦୨୫-୨୬ ର ସଂଶୋଧିତ ଅନୁମାନ ଅନୁଯାୟୀ ଗ୍ରାମୀଣ ଉନ୍ନୟନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସହର ଉନ୍ନୟନ, ଆବାସନ ଓ ପାନୀୟଜଳ ଭଳି କ୍ଷେତ୍ରରେ ବ୍ୟୟ କମାଯାଇଛି। ଦଳିତ ଓ ଆଦିବାସୀ କଲ୍ୟାଣ, ଅଙ୍ଗନୱାଡ଼ି ଓ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ମଧ୍ୟ ବ୍ୟୟହ୍ରାସ ହୋଇଛି। ଏବର୍ଷର ବଜେଟରେ ୨୦ଟି ସାମାଜିକ କ୍ଷେତ୍ର ମଧ୍ୟରୁ ୧୭ଟି ସମେତ ଅଧିକାଂଶ କ୍ଷେତ୍ରରେ ଅନୁଦାନ କମିଛି। ଦେଶରେ ମୁଦ୍ରାସ୍ଫୀତିର ନିମ୍ନ ହାର ପଛରେ ଚାହିଦା ହ୍ରାସ ଅର୍ଥାତ୍ ଲୋକମାନଙ୍କର କ୍ରୟଶକ୍ତି ହ୍ରାସ ପାଇବାର ପରିଣାମ ରହିଛି।



ସରକାରୀ ବ୍ୟୟର ଅଧିକାଂଶ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ ଦିଆଯାଇଛି, ଯେଉଁଠାରେ ସରକାରୀ-ଘରୋଇ ଭାଗୀଦାରି (ପିପିପି) ପଦ୍ଧତିରେ ବହୁ ପରିମାଣର ସରକାରୀ ଧନ ବିଦେଶୀ ଓ ଦେଶୀ କର୍ପୋରେଟ୍‌ଙ୍କ ଲାଭ ପାଇଁ ବ୍ୟୟ ହେବ। ଗତବର୍ଷ ମୋଟ ପୁଞ୍ଜି ବ୍ୟୟ କେବଳ ୪.୧% ଥିଲା, ଯାହାକି ବଜେଟ ଅନୁମାନଠାରୁ ବହୁତ କମ୍। ଏହାର ଅଧିକାଂଶ ଭାଗ ମଧ୍ୟ ଭିତ୍ତିଭୂମି ନିର୍ମାଣକୁ ଯାଇଛି, ଯାହାଫଳରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରଗୁଡ଼ିକୁ ଅବହେଳା କରାଯାଇଛି। ଏଥିରୁ ସ୍ପଷ୍ଟ ଯେ କେନ୍ଦ୍ର ସରକାର ଏକ ବିଫଳ ଆର୍ଥିକ ବିକାଶର ମଡେଲ୍‌କୁ ଅନୁସରଣ କରି ଚାଲିଛନ୍ତି।

ସରକାର ଚାହିଦା ବୃଦ୍ଧି ପରି ଅର୍ଥନୀତିର ସବୁଠାରୁ ଜରୁରୀ ସମସ୍ୟାକୁ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି। ଗଭୀର ହେଉଥିବା କୃଷି ସଙ୍କଟ ଓ କୃଷକମାନଙ୍କର ଖରାପ ସ୍ଥିତିକୁ ସୁଧାରିବା ପାଇଁ କୌଣସି ପ୍ରୟାସ ହୋଇନାହିଁ। ଏହାସତ୍ତ୍ୱେ ବଜେଟରେ ସାର ଓ ଖାଦ୍ୟ ସବ୍‌ସିଡିକୁ କମାଯାଇଛି। ଅନ୍ୟପଟେ ପ୍ରସ୍ତାବିତ ବିଦ୍ୟୁତ୍ ବିଲ୍ ଓ ବିହନ ବିଲ୍ ମାଧ୍ୟମରେ ସରକାର କୃଷକଙ୍କୁ କର୍ପୋରେଟ୍‌ଙ୍କ ଶୋଷଣର ଜାଲ ଭିତରକୁ ଠେଲିଦେବାକୁ ଯାଉଛନ୍ତି। ଦେଶରେ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ବଢ଼ୁଥିବା ବେକାରି ସମସ୍ୟାର ମୂଳ କାରଣକୁ ମଧ୍ୟ ସରକାର ଠିକ୍ ରୂପେ ସମାଧାନ କରୁନାହାନ୍ତି। ଅନ୍ୟପଟେ ଚାରିଟି ଶ୍ରମ ସଂହିତା ଓ ଭିବି-ଜି ରାମଜୀ ମାଧ୍ୟମରେ ଯଥାକ୍ରମେ ସହରାଞ୍ଚଳର ଶ୍ରମିକ ଓ ଗ୍ରାମୀଣ ଶ୍ରମିକମାନଙ୍କ ଅଧିକାର ଉପରେ ଆକ୍ରମଣ କରାଯାଇଛି, ଯାହା ତାଙ୍କର ମଜୁରିକୁ ଆହୁରି କମାଇଦେବ। ଭିବି-ଜି ରାମଜୀ କେବଳ ଜମିଦାର ଓ ଧନୀ କୃଷକମାନଙ୍କୁ ଲାଭ ଦେବା ପାଇଁ ମଜୁରି କମାଇବା ହିଁ ନୁହେଁ ବରଂ ଗ୍ରାମାଞ୍ଚଳରୁ ସହରକୁ ପଳାୟନ ବଢ଼ାଇ ସେଠାରେ ଶସ୍ତା ଶ୍ରମିକଙ୍କ ଏକ ସଂରକ୍ଷିତ ସେନା (ରିଜର୍ଭ ଆର୍ମି ଅଫ୍ ଲେବର) ବୃଦ୍ଧି କରିବ। ଦେଶର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଯେଉଁଗୁଡ଼ିକ ଶିଳ୍ପ ଶ୍ରମିକଙ୍କର ଏକ ବଡ଼ ଅଂଶକୁ ନିଯୁକ୍ତ କରନ୍ତି ଏବଂ ଏକ ତୃତୀୟାଂଶରୁ ଅଧିକ ରପ୍ତାନି ଏହି କ୍ଷେତ୍ରରୁ ଆସିଥାଏ, ସେମାନଙ୍କ ସଙ୍କଟର ପ୍ରକୃତ କାରଣକୁ ବଜେଟରେ ଅଣଦେଖା କରି କେବଳ ଋଣର ସୀମା ବୃଦ୍ଧି କରାଯାଇଛି। ସଙ୍କଟଗ୍ରସ୍ତ ଦେଶର ବସ୍ତ୍ର ଓ ପୋଷାକ ଶିଳ୍ପକୁ ମଧ୍ୟ ମୁଖ୍ୟତଃ ଉପର ଠାଉରିଆ ରିହାତି ଦିଆଯାଇଛି।


ସରକାର ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତି ବିଶେଷକରି ଆମେରିକାକୁ ଖୁସି କରିବା ପାଇଁ ସମ୍ପୂର୍ଣ୍ଣ ମୁଣ୍ଡ ନୁଆଁଇବା ଦେଖାଯାଉଛି। ନିକଟରେ ସ୍ୱାକ୍ଷରିତ ଇଂଲଣ୍ଡ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଓ ସଦ୍ୟ ଘୋଷିତ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରୁ ଏହି କଥା ପୁଣିଥରେ ପ୍ରମାଣିତ ହୋଇଛି। ଆମେରିକା ଆମର ବସ୍ତୁ ଉପରେ ଶୁଳ୍କକୁ ୧୮%କୁ ହ୍ରାସ କରିଥିବା ବେଳେ ସରକାର ଦେଶକୁ ଆମେରିକୀୟ ବସ୍ତୁର ଆମଦାନୀର ପରିମାଣକୁ ବଢ଼ାଇବା(ବାର୍ଷିକ ଅଧା ଟ୍ରିଲିଅନ୍ ଡଲାର) ସହ ସେସବୁକୁ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ କରି ଦେଇଛନ୍ତି। ଗତବର୍ଷର ବଜେଟରେ ମଧ୍ୟ ଆମେରିକୀୟ କମ୍ପାନୀମାନଙ୍କୁ ଆମଦାନୀ ଶୁଳ୍କ କମାଇ ରିହାତି ଦିଆଯାଇଥିଲା। ଏହି ବଜେଟରେ ଭାରତରେ ଡାଟା ସେଣ୍ଟର ବ୍ୟବହାର କରି କ୍ଲାଉଡ୍ ସେବା ଦେଉଥିବା ବିଦେଶୀ କମ୍ପାନୀମାନଙ୍କୁ ୨୦୪୭ ପର୍ଯ୍ୟନ୍ତ କର ଛାଡ଼ କରିଦିଆଯାଇଛି, ଯାହା ମୁଖ୍ୟତଃ ଆମେରିକୀୟ କମ୍ପାନୀଗୁଡ଼ିକୁ ଲାଭ ଦେବ। ୨୦୩୫ ପର୍ଯ୍ୟନ୍ତ ବିମାନର ଯନ୍ତ୍ରାଂଶ ଓ ପରମାଣୁ ଶକ୍ତି ଉପକରଣ ଉପରେ ମଧ୍ୟ ଶୁଳ୍କ ଛାଡକରି ଦିଆଯାଇଛି, ଯେଉଁ କ୍ଷେତ୍ରରେ ଆମେରିକାର ଏକଚାଟିଆ କାରବାର ରହିଛି। ଯନ୍ତ୍ରପାତି ଉପରେ ୟୁରୋପୀୟ ୟୁନିୟନ ଓ ପୂର୍ବରୁ ଇଂଲଣ୍ଡକୁ ଦିଆଯାଇଥିବା ରିହାତି ମଧ୍ୟ ଏହି ବଜେଟ୍‌ରେ ପ୍ରତିଫଳିତ ହୋଇଛି। ଭାରତର ବଜାରକୁ ବିଦେଶୀ ଶିଳ୍ପ ଉତ୍ପାଦର ଆମଦାନୀକୁ ପ୍ରତିବନ୍ଧକ ଶୂନ୍ୟ କରିଦେବାର ପରିଣାମ ଆମର ଉଚ୍ଚ ପ୍ରଯୁକ୍ତି ଶିଳ୍ପ ବିକାଶ ଓ ତାକୁ ଉତ୍ପାଦିତ କରୁଥିବା କମ୍ପାନୀମାନଙ୍କୁ କ୍ଷତି ପହଞ୍ଚାଇବ। ସେହିପରି ଦେଶର କୃଷି ଓ ଦୁଗ୍ଧ ଉତ୍ପାଦ କ୍ଷେତ୍ରରେ ଶସ୍ତା ବିଦେଶୀ ଉତ୍ପାଦନକୁ ଅନୁମତି ଦେବାର ଅର୍ଥ ହେଲା ଆମର କୃଷି ଓ କୃଷକଙ୍କୁ ବରବାଦ କରିବା।

ବଜେଟରେ ଖଣିଜ କରିଡର ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବା ମଧ୍ୟ ଚିନ୍ତାଜନକ। ଭାରତର ଶାସକ ଶ୍ରେଣୀ ଦୀର୍ଘଦିନ ଧରି ଦେଶର ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକୁ କର୍ପୋରେଟ୍ ଲୁଟ ପାଇଁ ଖୋଲିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହା ଆମର ମୂଲ୍ୟବାନ ଖଣିଜ ସମ୍ପଦର ଶୀଘ୍ର ସମାପ୍ତି କରିବା ସହ ପ୍ରକୃତି ଓ ପରିବେଶର ବିନାଶ କରିବ। ଏହା ସହ ସେସବୁ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କ ବଳପୂର୍ବକ ବିସ୍ଥାପନ ବଢ଼ିଯିବ। ବିଶେଷ କରି ଓଡ଼ିଶା ପରି ଖଣିଜ ସମ୍ପଦ ବହୁଳ ରାଜ୍ୟ ସରକାରଙ୍କ ଉପରୋକ୍ତ ନୀତିର ସର୍ବାଧିକ କ୍ଷତି ସହିବ।

ସାଧାରଣତଃ ବଜେଟ ଅର୍ଥନୀତିର ଅବସ୍ଥା ଓ ଦିଗ ଦେଖାଇଥାଏ। ତେବେ ବଜେଟରେ ପ୍ରଦତ୍ତ ତଥ୍ୟ ସବୁ ଅନେକ ସମୟରେ ମିଥ୍ୟା ଓ ଅତିରଞ୍ଜିତ ହେଉଥିବାରୁ ସେଥିରେ ଅର୍ଥନୀତିର ଅବସ୍ଥାଟି ସ୍ପଷ୍ଟ ଭାବେ ଦେଖାଯାଏନି। କିନ୍ତୁ ବଜେଟରୁ ଅର୍ଥନୀତିର ଦିଗଟି ସ୍ପଷ୍ଟ ଜଣାପଡୁଛି, ଯାହାକି ଭାରତୀୟ ଅର୍ଥନୀତିକୁ ମାନ୍ଦାବସ୍ଥା ଓ ଧୀରେ ଧୀରେ ବିପର୍ଯ୍ୟୟ ଦିଗକୁ ନେଉଛି, ଯାହା ଦେଶର ଅଧିକାଂଶ ଲୋକ ବିଶେଷକରି ଶ୍ରମଜୀବୀ ଲୋକଙ୍କୁ ଧ୍ୱଂସ କରିଦେବ।

ମୋ : ୯୪୩୭୧୬୭୩୯୧

# ଶେଷାନ ଓ ଗାଈଆଳ ପିଲା



ଉପେନ୍ଦ୍ର ବିଶ୍ୱାଳ

ଆଲେଖ୍ୟଟିକୁ ଆରମ୍ଭ କରିବା ସ୍ୱର୍ଗତଃ ଶେଷାନଙ୍କ ଅଙ୍ଗେଲିଭା ଏକ ଘଟଣାରୁ। ତିରୁନେଲାଇ ନାରାୟଣ ଆୟାର ଶେଷାନ ହେଉଛନ୍ତି ସେହି ଭାରତୀୟ ପ୍ରଶାସନିକ ଅଧିକାରୀ, ଯିଏକି ମୁଖ୍ୟ ନିର୍ବାଚନ କମିଶନର ଦାୟିତ୍ୱରେ ଥିଲାବେଳେ ଦୀର୍ଘଦିନରୁ ଭାରତରେ ପ୍ରଚଳିତ ନିର୍ବାଚନ ପଦ୍ଧତିରେ ଅନେକ ସଂସ୍କାର ଆଣି ପାରିଥିଲେ। ଏକଦା ସପତ୍ନିକ ଉତ୍ତରପ୍ରଦେଶ ଗସ୍ତରେ ଥାଆନ୍ତି ସେ। ସଡ଼କପଥରେ ଯାଉଥିବାବେଳେ ପଥପ୍ରାନ୍ତେ ଦୃଷ୍ଟି ଆକର୍ଷଣ କରେ ପ୍ରଲମ୍ବିତ ସୁଶୋଭିତ ଫଳନ୍ତି ଆମ୍ର ଉଦ୍ୟାନମାଳା। ମନକୁ ଆହୁରି ବି ଅଧିକ ମୋହିତ କରୁଥାଏ ଖୁବ୍ ସୁନ୍ଦରଭାବେ ସେଥିରେ ଓହଳିଥିବା ପକ୍ଷୀଙ୍କ ନୀଡ଼, ଯେଉଁଥିରେ ପ୍ରତିବିମ୍ବିତ ହେଉଥିଲା କେଉଁଜଣେ କୁଶଳୀ କାରିଗରଙ୍କ ଅପୂର୍ବ କାରୁକାର୍ଯ୍ୟର ନିପୁଣତା। ଶ୍ରୀମତୀ ଶେଷାନଙ୍କ ମନ ଟଳିଲାନାହିଁ ଆଗକୁ ଆଉ ଯିବା ପାଇଁ। ବାଧହୋଇ ସମସ୍ତେ ଓହ୍ଲାଇଲେ ସେଇଠି ଏବଂ ଦଣ୍ଡେ ନିରୀକ୍ଷଣ କଲେ ପ୍ରକୃତିର ମନଲୋଭା ସେହି ଶୋଭାରାଜିକୁ। ଦୁଇଟି ନୀଡ଼ ଘରକୁ ନେଇଯିବାକୁ ତାଙ୍କର ଆଗ୍ରହ ସୃଷ୍ଟିହୁଅନ୍ତେ, ସାଥିରେ ଥିବା ସୁରକ୍ଷାକର୍ମୀମାନେ ପାଖରେ ଗୋରୁ ଚରାଉଥିବା ଜଣେ ବାଳକକୁ ଡାକି ଦୁଇଟି ନୀଡ଼ ଭାଙ୍ଗି ଆଣିବାକୁ ଦଶ ଟଙ୍କା ଧରାଇଦେଲେ। ବାଳକଟି ନମ୍ରତାର ସହିତ ଏହାକୁ ଅସ୍ୱୀକାର କରନ୍ତେ, ଶେଷାନ ତାକୁ ପଚାଶ ଟଙ୍କା ବି ଯାଚିଲେ। ସେଇଠୁ ବାଳକଟି ସ୍ପଷ୍ଟଭାବେ କହିଲା – "ସାହେବ, ଆପଣମାନେ ମୋତେ ଯେତେ ଟଙ୍କା ଦେଲେ ବି ମୁଁ କେବେ ଏମିତି କାମ କରିପାରିବି ନାହିଁ। କାରଣ ନୀଡ଼ ଭିତରେ ଅଛନ୍ତି ସୁକୋମଳ ପକ୍ଷୀ ଶାବକମାନେ। ପିଲାଙ୍କ ପାଇଁ ଆହାର ସନ୍ଧାନରେ ଯାଇଥିବା ମାଆପକ୍ଷୀ ନୀଡ଼କୁ ଫେରିଆସି ଯେତେବେଳେ ଦେଖିବ ତା' ନୀଡ଼ ସମେତ ଶାବକମାନେ ନାହାନ୍ତି, ସେତେବେଳେ ତା'ର ଅବସ୍ଥା କ'ଣ ହେବ? ଅତି ବିକଳହୋଇ ବିଳାପ କରିବ ନାହିଁ କି? ଏମିତି ହୃଦୟହୀନ କାମ କେବେ କରିପାରିବି ନାହିଁ।" ଏହି କେଇପଦ କଥା ସେଦିନର ଦୃଢ଼ ପ୍ରଶାସକ ଶେଷାନଙ୍କ ହୃଦୟକୁ ଦୋହଲାଇ ଦେଇଥିଲା। ଗାଈଆଳ ପିଲାଟିର ଏପରି ଉଚ୍ଚଭାବନା, ଉନ୍ନତ ଚିନ୍ତାଧାରାକୁ ମନେମନେ ପ୍ରଣିପାତ ବାଢ଼ିଥିଲେ ସେ। ଉଚ୍ଚତାରେ ନୁହେଁ ବରଂ ଉଚ୍ଚାପଣରେ ହିଁ ଜଣାପଡ଼େ ବ୍ୟକ୍ତିର ଉଚ୍ଚତା। ଏହି ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କର ଏକ ଉକ୍ତି ବି ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେହୁଏ, – "ପ୍ରାଣୀମାନଙ୍କ ପ୍ରତି ଆଚରଣ ହିଁ ଇଙ୍ଗିତ କରାଇଥାଏ ଗୋଟେ ରାଷ୍ଟ୍ର ବା ଜାତିର ଚେତନାର ସ୍ତର ତଥା ନୈତିକତାର ପ୍ରଗତି ସମ୍ବନ୍ଧେ।" ସେଦିନର ଏହି ଘଟଣାଟି କିନ୍ତୁ ଶେଷାନଙ୍କ ଅଲିଭା ସ୍ମୃତି ହୋଇ ରହିଯାଇଥିଲା ସାରା ଜୀବନ ପାଇଁ। ଉଦାତ୍ତ ବିଚାରର ମଣିଷ, ସଚ୍ଚୋଟ ପ୍ରଶାସକ ଶେଷାନ ବି ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଏହି ଅନୁଭୂତିକୁ ଉଲ୍ଲେଖ କରୁଥିଲେ ଦୁନିଆକୁ ସୁନ୍ଦର ସନ୍ଦେଶ ଦେବାକୁ।



ଜଙ୍ଗଲ (ଅସଜଡ଼ା ବା ଅବହେଳିତ ଇଲାକା) ଅନ୍ଧକାରାଚ୍ଛନ୍ନ, କିନ୍ତୁ ତା'ଭିତରେ ତ ହୀରାର (ଚେତନଶୀଳ ମଣିଷ) ସନ୍ଧାନ ମିଳେ – ଆର୍ଥର ମିଲର। ଏବେ ଆସନ୍ତୁ ତଉଲିବା ଦୁଇଟି ଭିନ୍ନ ଭାବଧାରାକୁ; ସତ୍ୟ ଓ ସଚ୍ଚୋଟତା, ନୀତି ଓ ନୈତିକତାର ନିକିତିରେ। ଗୋଟେପଟେ ପ୍ରତିନିଧିତ୍ୱ କରନ୍ତି ଶେଷାନଶ୍ରେଣୀୟ ଶାସକ-ପ୍ରଶାସକ ତଥା ତାଙ୍କ ସହଯୋଗୀମାନେ, ଯେଉଁମାନେ ଗଣା ହୁଅନ୍ତି ସମାଜର ଜ୍ଞାନୀଗଣ ଏବଂ ଦୁନିଆ ଆଗରେ ଉଭା ହୋଇଥାନ୍ତି ମାନ୍ୟଜନ ଭାବେ। ଅନ୍ୟପଟେ ଅଛନ୍ତି ଗାଈଆଳ ବାଳକ ବା ଅତି ନିମ୍ନଶ୍ରେଣୀର ପ୍ରତିନିଧିମାନେ, ଯେଉଁମାନଙ୍କର ନା ଥାଏ ବିଶେଷ ଶିକ୍ଷା ଅବା ପୂର୍ବୋକ୍ତ ଗୋଷ୍ଠୀଙ୍କ ପରିସାମାଜିକ ସମ୍ମାନ! କିନ୍ତୁ ଏମାନଙ୍କ ପାଖେ ଯେଉଁ ଚେତନାର ସ୍ତର ଥାଏ, ତାହା କିନ୍ତୁ ନ ଥାଏ ସେହି ମାନ୍ୟଗଣ୍ୟଙ୍କ ନିକଟରେ। ରାସ୍ତାରେ ଗଲାବେଳେ ସାଧାରଣତଃ ଦେଖାଯାଏ, ଦୁର୍ଘଟଣାରେ କ୍ଷତାକ୍ତ ହୋଇ କେହି ପଡ଼ିଥିଲେ ଏହି ବାବୁମାନେ ଯେତେ ପରିମାଣରେ ଦୟା କି ଦରଦଭାବ ପ୍ରକାଶ କରିଥାନ୍ତି, ତା'ଠାରୁ ଅଧିକ କରିଥାନ୍ତି ଦ୍ୱିତୀୟ ବର୍ଗର ମଣିଷମାନେ। ସମ୍ଭ୍ରାନ୍ତ, ସହରୀବାବୁଙ୍କର ଚେତନା ପ୍ରାୟତଃ ଶୋଇ ରହୁଥିବାବେଳେ ଏମାନଙ୍କର ଚେତନା ଚେଇଁ ରହିଥାଏ। ଉଚ୍ଚ ଡିଗ୍ରୀଧାରୀ, ଉଚ୍ଚ ପଦପଦବୀରେ ଆସୀନ ବ୍ୟକ୍ତିମାନଙ୍କ ନଜରରେ ଅତି ମାମୁଲି ମନେ ହେଉଥିବା ବିଶେଷ ଶିକ୍ଷାହୀନ ଏହି ଦରିଦ୍ର ମଣିଷମାନେ ବାସ୍ତବରେ କଦାପି ଛୋଟ ନୁହନ୍ତି। ସେମାନେ ହେଉଛନ୍ତି ମାନବାତ୍ମାର ଏକ ଏକ ଶାଶ୍ୱତ ସତ୍ତା। କ୍ଷମତାସୀନ ଧୃତରାଷ୍ଟ୍ରମାନେ ଏମାନଙ୍କୁ ହୁଏତ ହେୟ ମନେ କରିପାରନ୍ତି, କିନ୍ତୁ ଏମାନେ ହେଉଛନ୍ତି ଜଣେ ଜଣେ ଜୀବନ୍ତ ବିବେକ। କ୍ଷମତାନ୍ଧ ମଣିଷମାନେ ଯେଉଁମାନେ ସ୍ୱାର୍ଥର ଅନ୍ଧାରି ଗହ୍ୱର ମଧ୍ୟରେ ବାରମ୍ବାର ବାଟ ହୁଡ଼ିଥାନ୍ତି, ସେମାନଙ୍କ ପାଇଁ ଏହି ବିଦୂରମାନେ ହେଉଛନ୍ତି ଚିରନ୍ତନ ଅନିର୍ବାଣ ଦୀପଶିଖା। ଯୁଗେ ଯୁଗେ ଏହି ବିଦୂରମାନେ କେତେବେଳେ ଦାସୀଗର୍ଭରୁ ତ ଆଉକେବେ ଗାଈଆଳ, ଚାଷୀ, ମୂଲିଆ, ଅଭାବୀ ପରିବାରରେ ଜନ୍ମ ନେଇଥାନ୍ତି। ଶିକ୍ଷା, ସମ୍ପତ୍ତିରେ ଏମାନେ ଗରିବ ହୋଇପାରନ୍ତି, କିନ୍ତୁ ବିବେକଯୁକ୍ତ ବିଚାର, ମାନବିକତାରେ ଏମାନେ ସମୃଦ୍ଧ। ସତ୍ତାଲୋଭୀ, ଧୂର୍ତ୍ତ ଦୁର୍ଯ୍ୟୋଧନମାନଙ୍କ ପାଇଁ ଏମାନେ ହୁଏତ ଅଲୋଡ଼ା ହୋଇପାରନ୍ତି କିନ୍ତୁ ନ୍ୟାୟବନ୍ତ, ସତ୍ୟନିଷ୍ଠ, ସତପଥୀ ଶ୍ରୀକୃଷ୍ଣମାନଙ୍କ ପାଇଁ ଏମାନେ ଆଦରଣୀୟ। କାରଣ ଏମାନେ ହେଉଛନ୍ତି ସତ୍ୟର ସାରଥି, ପୁଣ୍ୟର ପୂଜକ, ଉଦାତ୍ତଭାବର ଉପାସକ। ସାମାନ୍ୟ ମନେହେଉଥିବା ଗାଈଆଳ ବାଳକ କପିଳାମାନଙ୍କ ଭିତରେ ଛପିକି ରହିଥାଏ ରାଜା କପିଳେନ୍ଦ୍ର ଦେବଙ୍କ ଚେତନା ଓ ଚମକ। ଏଣୁ ଆସନ୍ତୁ, ଅବହେଳିତ ବା ବନ ଇଲାକାରେ ରହୁଥିବା ଏହି ରତ୍ନମାନଙ୍କୁ କେବେ ଅନାଦର କରିବା ନାହିଁ କି ଅଣଦେଖା କରିବା ନାହିଁ।

ଫକୀରମୋହନ ନଗର, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଚାକିରି ବଦଳରେ ଏବେ ମହିଳାମାନେ ଚାଷ କରିବାକୁ ଆଗଭର ହେବା ଲକ୍ଷ୍ୟ କରାଯାଉଛି। ଏଥିରେ ସେମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇପାରୁଛନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଡେରାଡୁନରେ। ସେଠାରେ ଦୁଇ ଭଉଣୀ ମନୀଷା ଗୋସାଇଁ ଓ ନମିତା ରାୱତ ଚାକିରି ପଛରେ ନ ଧାଇଁ ପ୍ରଥମେ ଜୈବିକ ପଦ୍ଧତିରେ ପନିପରିବା ଚାଷ କରିଥିଲେ। ପରେ ତାଙ୍କ ଫାର୍ମରେ ଅଁଳା ଚାଷ ଆରମ୍ଭ କରିଥିଲେ। ଏବେ ସେମାନେ ଏହି ଚାଷରୁ ବର୍ଷକୁ ୧୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅଁଳା ସହ କିଛି ଆମ୍ବ ଗଛ ମଧ୍ୟ ଲଗାଇଛନ୍ତି। ସେମାନେ ଅଁଳାକୁ ମାର୍କେଟକୁ ପଠାଇବା ପରେ ବଳକା ଅଁଳାରୁ ଜୁସ, ଚଟଣି, ଜାମ ଓ ଆଚାର ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ସେଠାକାର ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହାସହ ଏହି ଫାର୍ମରେ ଦୁଇ ଭଉଣୀ ଟମାଟୋ, ବାଇଗଣ ଓ ଲେମ୍ବୁ ଚାଷ ମଧ୍ୟ କରିପାରୁଛନ୍ତି। ଚାଷରେ ସେମାନେ ଜୈବିକ କୀଟନାଶକ ଓ ଗୋବର ଖତ ବ୍ୟବହାର କରୁଛନ୍ତି। କୌଣସି ରାସାୟନିକ ସାର ପ୍ରୟୋଗ କରୁନାହାନ୍ତି। ଏହା ସହ ପରିବା ବର୍ଜ୍ୟ ଓ ଅଣ୍ଡା ଖୋଳରୁ ପ୍ରସ୍ତୁତ ଖତ ଦେଉଛନ୍ତି।

## ୪୦ ବର୍ଷ ତଳର ଧରିତ୍ରୀ

୭ ଫେବୃଆରୀ ୧୯୭୭

- ଗୁଜରାଟର ଦୁଇ କଂଗ୍ରେସ ବିଧାୟକ କେ. ସୋନେରୀ ଓ ଏମ୍. ରଥୱା ଦଳତ୍ୟାଗ କରି ଜନତା ପାର୍ଟିରେ ଯୋଗଦେଇଛନ୍ତି।
- ସୌରଶକ୍ତି ବିନିଯୋଗ ଓ ପରିବେଶ ବିଶୁଦ୍ଧୀକରଣ ଆଦି ବହୁ ବୈଜ୍ଞାନିକ କ୍ଷେତ୍ରରେ ସହଯୋଗିତା ପାଇଁ ଭାରତ ଓ ୟୁରୋପୀୟ ଅର୍ଥନୈତିକ ଗୋଷ୍ଠୀ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ?
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | 9 | | |
| | 9 | | | 6 | 1 | 8 | 5 | |
| | | | | | 3 | 4 | 1 | 7 |
| | | | 8 | | | 3 | 4 | |
| 6 | 8 | | | | | | 7 | 9 |
| 3 | 1 | | | 9 | | 2 | | 8 |
| 7 | 5 | | | 4 | | | | 1 |
| 2 | 3 | 1 | | 8 | 5 | | | 4 |
| | | | | 7 | | 5 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 4 | 9 | 1 | 6 | 2 | 5 | 8 |
| 2 | 5 | 1 | 7 | 4 | 8 | 3 | 6 | 9 |
| 8 | 9 | 6 | 3 | 5 | 2 | 1 | 7 | 4 |
| 9 | 2 | 7 | 1 | 8 | 3 | 5 | 4 | 6 |
| 6 | 1 | 8 | 4 | 9 | 5 | 7 | 3 | 2 |
| 4 | 3 | 5 | 6 | 2 | 7 | 8 | 9 | 1 |
| 5 | 6 | 2 | 8 | 7 | 4 | 9 | 1 | 3 |
| 7 | 4 | 9 | 2 | 3 | 1 | 6 | 8 | 5 |
| 1 | 8 | 3 | 5 | 6 | 9 | 4 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସାଧୁ ଡ୍ରାଇଭରଙ୍କ ଉତ୍ପାତ

ମହାଶୟ,

ଥରେ କଟକରୁ ଭୁବନେଶ୍ୱର ବିମାନ ବନ୍ଦର ଯାଇ ଓଲା ଡ୍ରାଇଭରଙ୍କୁ ତା'ର ପ୍ରାପ୍ୟ ଫୋନ ପେ ଜରିଆରେ ଦେଇ ପୁନର୍ବାର ଓଲାଠାରୁ ଦେୟ ପୈଠ ନିମନ୍ତେ ବାରମ୍ବାର ତାଗିଦ ପାଇବା ମୋତେ ଥାଇଲାଣ୍ଡରେ ଥାଇ ମାନସିକ ସ୍ତରରେ ଦୁଃଖ ଦେଇଥିଲା। ଏହି ବିଷୟ ଭାରତ ଫେରି ତଦାରଖ କରି ଜାଣିଲି ଯେ ଡ୍ରାଇଭର ପ୍ରାପ୍ୟ ଟଙ୍କା ହଡପ କରିଛି। ଗତ ୩୧ ଜାନୁଆରୀ ୨୦୨୬ ସକାଳେ ଭୁବନେଶ୍ୱର ବିମାନ ବନ୍ଦରଠାରୁ କଟକ ଘରକୁ ଆସିବା ପାଇଁ ଓବେର ବୁକ୍ କଲି । କଟକରେ ପହଞ୍ଚାଇ ଦେଇ ନିର୍ଦ୍ଦିଷ୍ଟ ଭଡାଠାରୁ ଅଧିକ ନେଇ ଚାଲିଗଲା ପରେ ଅନ୍ୟ ଜଣେ ଓବେର ଡ୍ରାଇଭର ଫୋନ କରି କଟକ ଯିବା ପାଇଁ ବିମାନ ବନ୍ଦରରେ ମୋତେ ଅପେକ୍ଷା କରିଛି ବୋଲି କହିଲା, ଜାଣେନା ଆଉଥରେ କେମିତି ଟ୍ରିପ୍ ବୁକ୍ ହେଲା ? ଏହା ଏକ ଯାନ୍ତ୍ରିକ ତ୍ରୁଟି ହୋଇ ଥାଇ ପାରେ ବୋଲି ମୋର ଧାରଣା। ଅଯଥା ପ୍ରଥମ ଡ୍ରାଇଭରର ଠକାମି ସହିତ ଦ୍ୱିତୀୟ ଡ୍ରାଇଭର ଠାରୁ ଗାଳି ଖାଇବା ସତରେ ଖୁବ୍ କଷ୍ଟଦାୟକ। ଅନେକ ଭଲ ଡ୍ରାଇଭର ଅଛନ୍ତି, କିନ୍ତୁ କିଛି ଠକ ଡ୍ରାଇଭର ଯାତ୍ରୀଙ୍କୁ ଲୁଟିବାରେ ଅଭ୍ୟସ୍ତ । ସରକାର ଏହି ସଂସ୍ଥା ଉପରେ ନିୟନ୍ତ୍ରଣ ରଖନ୍ତୁ।

-ବିଷ୍ଣୁ ପ୍ରସାଦ ଦାସ,ସ୍ନେହ କୁଟୀର.ଝାଞ୍ଜିରୀ ମଙ୍ଗଳ , କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହାଣିଲେ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ନିମାଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଜଣେ ଯୁବକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଛି। ସେ ହେଲେ ଫୁଲଟା ଗ୍ରାମର ବୃନ୍ଦାବନ ପ୍ରଧାନ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ବୃନ୍ଦାବନ କାମ ସାରି ଘରକୁ ଫେରିଲା ବେଳେ ୨/୩ଜଣ ଯୁବକ ମିଶି ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବୃନ୍ଦାବନଙ୍କୁ ଉଦ୍ଧାର କରି ଏମକେସିଜି ପଠାଇଥିଲେ।

## ଗ୍ୟାସ ନିଆଁରେ ଜଳି ଖବର କାଗଜ ବିତରକଙ୍କ ମୃତ୍ୟୁ

ବ୍ରହ୍ମପୁର,୬।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରର ଅଶୋକ ନଗର ୪ର୍ଥ ଲାଇନରେ ରହୁଥିବା ଖବରକାଗଜ ବିତରକ ପି.ଭେଙ୍କଟ ରାଓ ଶୁକ୍ରବାର ନିଜ ଘରେ ଗ୍ୟାସ ଲାଗିଥିବାବେଳେ ଅଚାନକ ସେଥିରୁ ଗ୍ୟାସ ବାହାରି ନିଆଁ ଲାଗିଥିବାରୁ ସେ ଜଳିଯାଇଥିଲେ। ତାଙ୍କୁ ତତକ୍ଷଣାତ ହସପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ଶୁଣିବା ପରେ ଖବରକାଗଜ ବିତରକ ସଂଘ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବାବେଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବୋରା, ଉପସଭାପତି ଦୀନବନ୍ଧୁ ସାମନ୍ତରାୟ, ସମ୍ପାଦକ ଆର.ଲିଙ୍ଗରାଜ ଆଚାରୀ, ସହକାରୀ ସମ୍ପାଦକ ନୀର ନାହାକ, କୋଷାଧ୍ୟକ୍ଷ ଭାଗିରଥି ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି।

# ଅବ୍ୟବସ୍ଥା ଘେରରେ ଜିଲା ପ୍ରାଣୀ ଚିକିତ୍ସାଳୟ

### ଆନ୍ତଃବିଭାଗ ଖୋଲିବାକୁ ଏମଏଏସଏମର ଦାବି

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଦୀର୍ଘଦିନରୁ ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ତାହା ସମାଧାନ ହୋଇପାରୁନାହିଁ। କର୍ମଚାରୀଙ୍କ ଆନ୍ତରିକତା ଅଭାବ ଏହାର କାରଣ ବୋଲି ମାନବାଧିକାର ସୁରକ୍ଷା ମଞ୍ଚ (ଏମଏଏସଏମ)ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଜିଲାରେ ଅନେକ ଗାଈ, ଗୋରୁ, ଷଣ୍ଢ ଆଦି ବିଭିନ୍ନ ପ୍ରାଣୀ ଅଛନ୍ତି। ଏପରି ସ୍ଥଳେ ଜିଲା ପ୍ରାଣୀ ଚିକିତ୍ସାଳୟରେ ଠିକ ଭାବେ ସେବା ମିଳୁନି। ବୁଲା ପ୍ରାଣୀ ଓ ପକ୍ଷୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଉକ୍ତ ଚିକିତ୍ସାଳୟରେ ଦୀର୍ଘ ଦିନରୁ ଔଷଧ ଯୋଗାଣ ବନ୍ଦ ଥିବା ବେଳେ ଖାଦ୍ୟ ଯୋଗାଣରେ ବି ଅଭାବ ରହିଛି। ଏହି ଅବହେଳା ବିରୋଧରେ ବାରମ୍ବାର ଜନ ଅସନ୍ତୋଷ ପ୍ରକାଶ ପାଉଥିଲେ ବି ସରକାର ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଏଠାରେ ଅନ୍ତଃ ବିଭାଗ ଖୋଲାଯାଉ।



ଜିଲା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ମାନବାଧିକାର ସୁରକ୍ଷା ମଂଚର ବିକ୍ଷୋଭ।

ଚିକିତ୍ସାଧୀନ ପ୍ରାଣୀଙ୍କ ପାଇଁ ନିୟମିତ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯାଉ। ଅବହେଳା କରୁଥିବା ଏବଂ ଔଷଧ ବାଟମାରଣା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ସହ ସ୍ୱେଚ୍ଛାସେବୀ ମାନଙ୍କୁ ଧମକ ଦେଉଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଲାଇଫ୍ ଷ୍ଟକ୍ ଇନ୍‌ସ୍‌ପେକ୍ଟର ମାନଙ୍କ ତାଲିକା ସର୍ବସାଧାରଣରେ ପ୍ରକାଶ କରାଯାଉ। ଏହା ବ୍ୟତୀତ, ପଲିଥିନ୍‌ର ବହୁଳ ବ୍ୟବହାର ଯୋଗୁଁ ଗାଈ ଗୋରୁଙ୍କ ଜୀବନ ହାନି ହେଉଥିବାରୁ ଏହାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଉ ବୋଲି ଦାବି ହୋଇଛି। ଚିକିତ୍ସାଳୟରେ ଗୋରୁଙ୍କ ପାଇଁ ଅସ୍ତ୍ରୋପଚାର ଗୃହ, ପାଥୋଲୋଜି ବିଭାଗ ଓ ଏକ୍ସ-ରେ ବିଭାଗକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ। ବ୍ରହ୍ମପୁର ମହାନଗର ନିଗମର ସମସ୍ତ ଗୋଶାଳା ଓ ଚିକିତ୍ସାଳୟରେ ସିସି କ୍ୟାମେରା ଓ ଲାଇଟ୍ ବ୍ୟବସ୍ଥା କରାଯାଉ। ଡ୍ୟୁଟି ସମୟରେ ଅନୁପସ୍ଥିତ କର୍ମଚାରୀଙ୍କୁ ଚିହ୍ନଟ କରି ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରାଯାଉ। କୁକୁର ବନ୍ଧ୍ୟାକରଣ ପରେ ସେମାନଙ୍କ ଚିହ୍ନଟ ପାଇଁ କଡାକଡି ବ୍ୟବସ୍ଥା କରାଯାଉ। ଆମ୍ବୁଲାନ୍ସ ପଞ୍ଜିକରଣକୁ ନିୟମିତ କରି ଔଷଧର ଅଧିକ ବିଲ୍ ତଦନ୍ତ କରାଯାଉ ଏବଂ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବ୍ରହ୍ମପୁର ସହର ପାଇଁ ଲିଫ୍ଟ ମେସିନ୍ ସଂଲଗ୍ନ ଆଉ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦିଆଯାଉ। ଦୁର୍ଘଟଣାରେ ଆହତ ପଶୁଙ୍କୁ ମେଡିକାଲ୍ ଆମ୍ବୁଲାନ୍ସ ଯୋଗେ ଉଠାଇ ନିଆଯାଉ। ଅବହେଳିତ ଗୋରୁଙ୍କୁ ରାସ୍ତାରେ ଛାଡ଼ି ଦେଉଥିବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତ ପଶୁଙ୍କ ଶରୀର ଦହନ ପାଇଁ କ୍ରିମେଟୋରିୟମ୍ ମେସିନ୍‌ର ସ୍ଥାପନ କରିବାକୁ ମଂଚ ଦାବି କରିଛି। ମଂଚ ସଭାପତି ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡେଙ୍ଗା, ମୋନୋଜ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜଗଦୀଶ ମହାନ୍ତିଙ୍କୁ ଦାବିପତ୍ର ଦିଆଯାଇଥିବା ମଂଚ କହିଛି।

## ଆରଆଇଟିରେ ବ୍ରହ୍ମପୁର ପାଟ ଉପରେ ପାରମ୍ପରିକ ଫ୍ୟାଶନ ଶୋ



ଫ୍ୟାଶନ ଶୋ'ରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୬।୨(ଅଶୋକ କୁମାର ସାହୁ) ବ୍ରହ୍ମପୁରୀ ପାଟ ଶିଳ୍ପର ପରମ୍ପରାକୁ ସମ୍ମାନ ଓ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଗୁରୁବାର ଗୋଲନ୍ଥରାସ୍ଥିତ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଆରଆଇଟି) ପରିସରରେ 'ଆମେ ସବୁ' ଅନୁଷ୍ଠାନ ସହଯୋଗରେ ପ୍ରଥମ ପାରମ୍ପରିକ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରୀ ପାଟ ପୋଷାକକୁ କେନ୍ଦ୍ରକରି ଆୟୋଜିତ ଏହା ରାଜ୍ୟର ପ୍ରଥମ ଏଥେନିକ ଫ୍ୟାସନ ଶୋ ବୋଲି ଆୟୋଜକମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମ ଟପର ବୁଣକାର ସମୁଦାୟଙ୍କୁ ଉତ୍ସର୍ଗୀକୃତ ଥିଲା। ପାରମ୍ପରିକ ପାଟଶାଢ଼ୀ ପରିଧାନ କରି ବି.ଟେକର ଛାତ୍ରୀମାନେ ଫ୍ୟାଶନ ଶୋରେ ଯୋଗଦେଇଥିଲେ। ଅନେକ ମଡେଲଙ୍କୁ ଚୟନ କରାଯାଇଥିଲା। ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୮ ତାରିଖରେ ଉକ୍ତ ଅନୁଷ୍ଠାନରେ ଅନୁଷ୍ଠିତ ହେବାକୁ ଥିବା ମେଗା ଇଭେଣ୍ଟରେ ଚୟନ ହୋଇଥିବା ପ୍ରତିଭାମାନେ ପାରମ୍ପରିକ ପାଟଶାଢ଼ୀରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଫ୍ୟାସନ ଜଗତ ସହ ଜଡ଼ିତ ଥିବା ଖ୍ୟାତି ସଂପନ କେ. ରାଜୁ, କରିଷ୍ମା ଖାନ୍ ଏବଂ ରାନି ନାୟକ ବିଚାରକ ଥିଲେ। ମୁଖ୍ୟ ଅତିଥି ଭାବେ କେ.ଜୟଲକ୍ଷ୍ମୀ, ଡା. ସୁଦୀପ୍ତା ପାଣିଗ୍ରାହୀ, ହୃଷୀକେଶ ପାଣିଗ୍ରାହୀ, ଆରଆଇଟିର ଅଧ୍ୟକ୍ଷ ଡା. ଗୁଣମଣି ଜେନା ଉପସ୍ଥିତ ଥିଲେ। ପ୍ରଫେସର ରାକେଶ ରଞ୍ଜନ ପୋଲାଇଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉମା ଶଙ୍କର ପାଣି ଏବଂ ରୋଜାଲିନ୍ ସାହୁ ସହଯୋଗ କରିଥିଲେ।

## ନୀଳକଣ୍ଠ ନଗର ଏସଏସଭିଏମ୍ ଛାତ୍ରୀ ଆରାଧନାଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୬।୨(ଅଶୋକ କୁମାର ସାହୁ) ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆରାଧନା ସାହୁ ଦିଲ୍ଲୀରେ ଅନୁଷ୍ଠିତ ଗଣତନ୍ତ୍ର ଦିବସରେ ରିପବ୍ଲିକ ଡେ କଣ୍ଟିଜେଣ୍ଟ (ଆରଡିସି) ରୂପେ ଯୋଗଦେଇ ଗୌରବ ଆଣିଛନ୍ତି। ତାଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାମନ୍ଦିରେ ମାଧ୍ୟମିକ ସ୍ତରର ପ୍ରାନ୍ତ ସଂଯୋଜକ କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧ୍ୟକ୍ଷ ଏସ୍. ମୋହନ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଏନ୍‌ସିସିର ସର୍ବୋଚ୍ଚ ଶିବିର ଆର.ଡ଼ି.ସି.ରେ ଯୋଗ ଦେଇଥିବାରୁ ଆରାଧନାଙ୍କୁ ପ୍ରଶଂସା କରିଥିଲେ। ସ୍କୁଲ ସହ ପ୍ରଧାନାଚାର୍ଯ ଜଟେଶ୍ୱର କର, ଅବସରପ୍ରାପ୍ତ ଏ.ଏନ୍.ଓ ଶାନ୍ତନୁ କୁମାର ବେହେରା, ବରିଷ୍ଠ ଆଚାର୍ଯ୍ୟ ଦୀନବନ୍ଧୁ ମହାପାତ୍ର, ବରିଷ୍ଠ ଆଚାର୍ଯ୍ୟା ବିଘ୍ନେଶ୍ୱରୀ ସାହୁ ଉପସ୍ଥିତ ଥିଲେ।



# ଜିଲା କଂଗ୍ରେସର ବିକ୍ଷୋଭ, ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ



କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ) ପ୍ରଦେଶ କଂଗ୍ରେସ କମିଟି ଓ ଏଆଇସିସିଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲା କଂଗ୍ରେସ ପୂର୍ବ ପକ୍ଷରୁ ୪ ଦଫା ଦାବି ନେଇ ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଜିଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗାନ୍ଧୀନଗର ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରୁ ଏକ ପଦଯାତ୍ରାରେ ବାହାରିଥିଲେ। ସେଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଆରଡିସିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲେ। କେନ୍ଦ୍ରର ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ, ଚାଷୀଙ୍କ ଅମଳ ଧାନ ରଖିବାକୁ ମଣ୍ଡି ମିଳିପାରୁନଥିବା, ଧାନକୁ ଏଫଏକ୍ୟୁ ନାମରେ ଚାଷୀଙ୍କୁ ହଇରାଣ କରିବା, ମନରେଗା ଯୋଜନାର ନାମକୁ ପରିବର୍ତ୍ତନକୁ ବିରୋଧ କରାଯାଇଛି। ଏଥି ସହିତ ସ୍ମାର୍ଟ ମିଟରର ବିଶ୍ୱାସନିୟତା ପ୍ରମାଣିତ ହେବାଯାଏ ମିଟରକୁ ସ୍ଥାପନ ବନ୍ଦ କରିବା,ଘରୋଇ ଉପଭୋକ୍ତାଙ୍କୁ ୩ଶହ ୟୁନିଟ ବିଦ୍ୟୁତ ମାଗଣା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲେ ବି ତାହା ଏ ପର୍ଯ୍ୟନ୍ତ ନହେବା ନେଇ ଏଥିରେ ଉଲ୍ଲେଖ ରହିଛି। ଆରଡିସିଙ୍କ ଅନୁପସ୍ଥିତିରେ ଉକ୍ତ କାର୍ଯ୍ୟାଳୟର ଜନୈକ ଅଧିକାରୀ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଏହି ବିକ୍ଷୋଭ ସଭାରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ବରିଷ୍ଠ କଂଗ୍ରେସ ନେତା ଅଶୋକ ପଟ୍ଟନାୟକ, ଗୋକୁଳ କର, ଉମାକାନ୍ତ ସାସମଲ, ରାମା ରାଓ, ଯୋଗୀ ବେହେରା, ଦତ୍ତାତ୍ରେୟ ବେହେରା, ମହିଳା ନେତ୍ରୀ ସବିତା ସାହୁ, ସୁବାସିନୀ ପଟ୍ଟନାୟକଙ୍କ ସମେତ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, କୃଷକ କଂଗ୍ରେସର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନୂତନ ପରୀକ୍ଷା ନିୟନ୍ତ୍ରକଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଗଣେଶ୍ୱର ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ଡ଼.ସତ୍ୟ ନାରାୟଣ କୁଣ୍ଡଙ୍କୁ ଫୁଲବାଣୀ କଲେଜକୁ ବଦଳି ହୋଇଛି। ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଶ୍ରୀ ମାଝୀ ପୂର୍ବରୁ ପାରଳାଖେମଣ୍ଡି ଏସ କେ ସି ଜି କଲେଜରେ ଅର୍ଥନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ୧୯୯୯ ଠାରୁ ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇ ଥିବା ବେଳେ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସହ ଯୋଗା ଯୋଗ ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଜରରେ ରଖି ପରୀକ୍ଷା



ଗଣେଶ୍ୱର ମାଝୀ

ଠିକ୍ ସମୟରେ ପରୀକ୍ଷା ଓ ପରୀକ୍ଷା ଫଳ, ମୂଲାଙ୍କନ ଉପରେ ଗୁରୁତ୍ୱ ଦେବା ସହ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଲୋଡିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି।

## ବ୍ରାଉନ ସୁଗାର ଜବତ, ୩ ଗିରଫ

ବ୍ରହ୍ମପୁର,୬।୧(ସୁବାସ ଚନ୍ଦ୍ର ପାଢ଼ୀ):

ବଡବଜାର ଥାନା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ବ୍ରାଉନ ସୁଗାର୍ ଜବତ କରିବା ସହ ୩ ଯୁବକଙ୍କୁ ବାନ୍ଧିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରଘୁପତି ନଗରର ଓମ ଦାସ, କୁକୁଡ଼ାଖଣ୍ଡି ତେଲେଙ୍ଗା ସାହିରେ ରହୁଥିବା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଆଠଗଡ଼ପାଟଣାର ଶିବ ଶଙ୍କର ପୋଲେଇ ଓ କୁକୁଡ଼ାଖଣ୍ଡି ତେଲେଙ୍ଗା ସାହିରେ ରହୁଥିବା ଆକାଶ ହାତି। ପୋଲିସ ଶିବଶଙ୍କରଙ୍କଠାରୁ ଏକ ଛୁରୀ ଏବଂ ମୋବାଇଲ ଫୋନ, ଆକାଶଙ୍କଠାରୁ ଆଇଫୋନ, ଏକ ଲୁହା ପଞ୍ଚ ଏବଂ ଓମଙ୍କଠାରୁ ୧.୬୭ ଗ୍ରାମ ବ୍ରାଉନ ସୁଗାର୍, ୨ଟି ମୋବାଇଲ, ୧୧ଟି ବ୍ରାଉନ କଲର୍ ପେପର୍ ଚିଟ ଏବଂ ୬୬୦୦ ଟଙ୍କା ଜବତ କରିଛି। ଏଥିସହିତ ଏକ ଆକ୍ଟିଭା ସ୍କୁଟର୍ (ଓଡି ୦୭ ବିସି ୫୯୭୩) ମଧ୍ୟ ଜବତ ହୋଇଛି। ମାମଲା ନଂ ୨୭/୨୬ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଆଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। ବ୍ରାଉନସୁଗର କାରବାର ହେଉଥିବା ଖବର ପାଇ ସାନ୍ଧ୍ୟ ପାଟ୍ରୋଲିଂ କରୁଥିବା ପୋଲିସ ଟିମ ତଲମେଣ୍ଟୁ ଛକ ନିକଟରେ ଏକ ଏକତ୍ରିତ ହୋଇ ବ୍ରାଉନ ସୁଗାର୍ ସେବନ ଏବଂ ବିକ୍ରି କରୁଥିବା ବେଳେ ସେଠାରେ ଚଢାଉ କରିଥିଲା।

## ବାଇକ୍ ଦୁର୍ଘଟଣାରେ ସାନଭାଇ ମୃତ, ବଡ଼ ଆହତ

### ୧୦ରେ ହୋଇଥାନ୍ତା ଭାଇ ବାହାଘର

ପାତ୍ରପୁର,୬।୨(ଉମା ଚରଣ ନେପାକ): ବଡ଼ଭାଇର ବିବାହ ନିମନ୍ତ୍ରଣ କାର୍ଡ ବାଣ୍ଟି ଫେରୁଥିବା ସାନଭାଇଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବଡ଼ଭାଇ ଆହତ ହୋଇଛନ୍ତି। ଶୁକ୍ରବାର ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣାରୋଡ଼ ପେଟ୍ରୋଲ ପମ୍ପ ନିକଟରେ ଏକ ଗାଡ଼ି ସହ ବାଇକ୍ ଧକ୍କା ହେବାରୁ ଜରଡାଗଡ଼ର ସୁବ୍ରତ କୁମାର ପଣ୍ଡା( ୩୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ବଡ଼ଭାଇ ସଞ୍ଜୟ ପଣ୍ଡା ଆହତ ହୋଇଥିବା ବେଳେ ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆସନ୍ତା ୧୦ ତାରିଖରେ ସଞ୍ଜୟଙ୍କ ବାହାଘର ନିମନ୍ତେ ସମସ୍ତ ପ୍ରସ୍ତୁତି ଚାଲିଥିଲା। ସେ ତାଙ୍କ ସାନଭାଇ ସୁବ୍ରତଙ୍କ ସହ ବିବାହ କାର୍ଡ ବାଣ୍ଟି ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସୁବ୍ରତଙ୍କ ଛାତିରେ ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।


**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID: rourkelamunicipality@gmail.com

No. 1625 Date. 05.02.2026

**Quotation Call Notice for Supply of Dustbins / Litter Bins**

**No.13001/30/2526** : Quotations are invited from the Authorized Supplier/ Firm/ Manufacturer/ Agency for Supply of Different Sizes of Dustbins / Litter Bins under Rourkela Municipal Corporation. The Bidder should quote the rate in their letter head as per the prescribed format (Annexure-II) on or before 17.02.2026 by 1.00 PM to The Commissioner, Rourkela Municipal Corporation, Rourkela super scribing as **"Quotation for Supply of Litter Bins"** and should submit their quotation through Speed Post/ Registered Post/ Courier or by Hand. The quotation should be accompanied with the photocopies of valid GST Registration Certificate, PAN Card, Trade License, ISO Certificate, Paper Cost of Rs. 4,720/- including GST (Nonrefundable) and Security deposit of Rs. 50,000/- (Refundable) in shape of DD/ Bankers Cheque separately drawn in favour of Commissioner, Rourkela Municipal Corporation payable at Rourkela.

The bidders are also to submit the brand details and illustrative design of the item along with the technical bid. Bidders must quote the product as per specification provided in the NIT. The rate is valid for one year and the selected Agency has to supply all the items within 07 days including installation from the date of issuance of Supply Order. The requirement of items may increase or decrease while placing of work order.

The complete quotation document may be downloaded from RMC website: www.rmc.nic.in .

Authority reserves the right to accept any or all the quotations or negotiate with more than one agency without assigning any reason thereof.

Sd./- Commissioner
OIPR-13001/13131/1/25-26/0030 Rourkela Municipal Corporation



**झारखण्ड राज्य बिवरेजेज कॉरपोरेशन लिमिटेड, राँची**
**(झारखण्ड सरकार का उपक्रम)**
कॉर्पोरेट पहचान सं० –U51228JH2010SGC014519,
TIN No - 20520108277E-mail :- jsbcl.jharkhand@gmail.com
उत्पाद भवन, भूतल, नवीन पुलिस केंद्र के समीप, काँके रोड, राँची– 834008
E-mail :- jsbcl.jharkhand@gmail.com

अति अल्पकालिन ई–आमंत्रण पत्रांक सं०–JSBCL/05 दिनांक– 06.02.2026

**इच्छा की अभिव्यक्ति हेतू अति अल्पकालिन ई–आमंत्रण सूचना**

झारखण्ड राज्य बिवरेजेज कॉरपोरेशन लिमिटेड, राँची
मदिरा संचयन गोदाम हेतू इच्छा की अभिव्यक्ति हेतू अति अल्पकालिन ई–आमंत्रण सूचना

| क्र०सं० | विवरणी | अभ्युक्ति |
|---|---|---|
| 1 | इच्छा की अभिव्यक्ति के प्रपत्र को वेवसाईट https://jharkhandtenders.gov.in एवं http://jsbcl.in पर अपलोड करने की तिथि | दिनांक– 06.02.2026 |
| 2 | इच्छा की अभिव्यक्ति को ऑनलाईन https://jharkhandtenders.gov.in के माध्यम से जमा करने की प्रारंभिक तिथि | दिनांक– 07.02.2026 |
| 3 | इच्छा की अभिव्यक्ति को Online रूप से जमा करने की अंतिम तिथि | दिनांक– 13.02.2026 के अपराह्न 06.00 बजे तक |
| 4 | इच्छा की अभिव्यक्ति को ऑनलाईन माध्यम से तकनीकि बिड खोलने की तिथि | दिनांक– 16.02.2026 के अपराह्न 03:00 बजे |

नोटः– (1) इच्छा की अभिव्यक्ति की विस्तृत जानकारी प्राप्त करने हेतु https://jharkhandtenders.gov.in एवं http://jsbcl.in से डाउनलोड किया जा सकता है।
(2) इच्छा की अभिव्यक्ति हेतू आवेदन ऑनलाईन https://jharkhandtenders.gov.in माध्यम से ही स्वीकार की जायेगी।

ह०/–
महाप्रबंधक (वित्त)
झारखण्ड राज्य बिवरेजेज कॉरपोरेशन लिमिटेड, राँची
PR 372464 Excise(25-26)#D



**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
OHPC ISO 9001-14001 18001 Certified
DIST: KALAHANDI- 766026, ODISHA, E-mail:sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-46/2025-26, DATED 04.02.2026**

**No.32001/21/2526:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers/ channel partners / reputed firm / service provider having similar works experience for the work as mentioned below.

| Description of Work | Cost of tender paper (Non-re-fundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda | 7,080/- (inclusive of GST) | 29,014/- | From 07.02.2026 to 20.02.2026 upto 12.00 Hrs | 20.02.2026 (upto 13.30 Hrs) | 20.02.2026 at 16.30 Hrs |

For details of the tender documents, terms and conditions please visit our website www.ohpcltd.com
OIPR-32001/32352/1/25-26/0021 Sd./- C&P Head, UIHEP, Mukhiguda



**ORISSA STATE AIDS CONTROL SOCIETY (OSACS)**
**(Department of Health & Family Welfare), Government of Odisha**
EOI No.3243/OSACS Date : 03.02.2026
File No : OSACS-PROC-PROC-0020-2022
No.10001/13/2526

**Call for Expression of Interest (EoI)**
**Selection of Chartered Accountant Firms for Statutory Audit of Orissa SACS and Internal Audit of NGOs & periphery units working with Orissa SACS**

The Orissa State AIDS Control Society (OSACS) is responsible for implementing the National AIDS Control Programme (NACP) in the States. OSACS is a registered organisation under the control of the State Government and is the nodal organisation for all the HIV/AIDS prevention and control work that is taken up in the state. OSACS releases fund to peripheral organisations like NGOs and hospitals under the Government sector. Hence it is essential to assess as to conduct an statutory audit under the prevention of the Societies Registration Act, 1860 as applicable in the State.

1. Expressions of Interest **(EoI)** are invited from CAG empannelled Chartered Accountant firms to conduct the **Statutory Audit of OSACS** for financial year **2025-26** & may be extendable maximum upto 3 years on yearly basis subject to satisfactory services.
2. Expressions of Interest **(EoI)** are invited from CAG empannelled Chartered Accountant firms to conduct the **Internal Audit of NGOs & Peripheral Units** for financial year **2025-26** & may be extendable maximum upto 3 years on yearly basis subject to satisfactory services.

**Eligibility & Assessment Criteria :**
The EoI and capability will be assessed against evidence of skills and experience in providing accountancy services in the State.

**REQUIREMENTS:**
The **EoI** should be sent along with a **Capability Statement & relevant Documents as per Criteria** mentioned there in including a profile of the Firm/Organization, relevant technical and geographical coverage along with the financial turnover for the last 3 **immediate preceding** financial years. The formats of capability statement and criteria is at Annexure-I and available on the website of OSACS i.e. osacs.odisha.gov.in. Individual CVs are not required at this stage. Any EoI with inadequate information, those which do not meet the above criteria, or those received after the closing date will not be short listed. EoI should be as concised and focused as far as possible to give evidence of the above requirements including the capability statement and organisation profiles. Interested CA firms may apply for Sl. No. 1(or) Sl. No. 2 (or) Both (Separately) and submit clearly specifying the nature of Audit i.e. Statutory Audit / Internal Audit on the top of the envelop of EOI.
EoI Should be sent to the Project Director, OSACS, 2nd Floor, Oil Orissa Building, F-Nayapalli, Bhubaneswar-12 on or **before 27/02/2026, 5.00PM** through Speed Post / Courier only.
Only those Firms/ Organizations will qualify in the pre-selection process, will be contacted and invited to submit detailed proposals.

Sd./- Project Director

Note: Since this EoI stage is initial stage for capability assessment, Audit Fees will be decided at the time of RFP(Request for Proposal).

**FOR FURTHER INFORMATION:**
For further information, interested firms are requested to follow the website of OSACS (osacs.odisha.gov.in) and contact by using the e-mail id: osacsafu@gmail.com, osacsprocurement@gmail.com.

OIPR-10001/10009/1/25-26/0013



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: **କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଇଷ୍ଟ-୦୨-୨୦୨୬;** ବରିଷ୍ଠ ଡିଇଏନ୍/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସାନ୍ତ୍ରାଗାଛିର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ କଲୋନୀଠାରେ ବହୁମହଲା ଟାଇପ୍-II ଓ ଟାଇପ୍-III [illegible]

www.ireps.gov.in [illegible]
(PR-1157)



सेन्ट्रल माईन प्लानिंग एण्ड डिजाइन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(कोल इण्डिया लिमिटेड की एक अनुषंगी कम्पनी)/ (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत

**सूचना / NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/ सम्बंधित अनुषंगी कम्पनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"



**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**ଆବଶ୍ୟକ**
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ - ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

**ST. XAVIERS PUBLIC SCHOOL**
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

**TKIL Industries Pvt. Ltd., Pune**
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
**WALK-IN-INTERVIEW**
POSITIONS:
**ENGINEERs to HODs**
Operation, Mechanical, Electrical, Instrumentation, Planning
**Qualification:**
Diploma 8 - 20+ years experience
Bachelor of engineering 5 -20 years experience
**Experience:**
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS

**Job Location:** Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
**Interview Dates:** 8 & 9 February 2026 | **Timing:**09:00am to 06:00pm
**Interview Venue:** Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

## ସଂକ୍ଷେପରେ

### ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବୁଗୁଡା,୬।୨(କାଳିଚରଣ ଦାଶ) ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମସ୍ଥ ତେଲୁଗୁ ସାହିର ଏକ ବନ୍ଦଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଲାଛମି ଦୋରା (୩୦)। ଏ ନେଇ ନଂ. ୭/୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗତ ଗୁରୁବାର ଅପରାହ୍ନରେ ଲାଛମିଙ୍କ ଝିଅ ସ୍କୁଲରୁ ଘରକୁ ଆସି କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ ସେ ଘର ପଛପଟୁ ଭିତରକୁ ଯାଇଥିଲେ। ଫ୍ୟାନରେ ମା'ଙ୍କ ମୃତଦେହ ଝୁଲୁଥିବା ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ କରୁଛି।

### ରାଜ୍ୟ ସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ପ୍ରଥମ ସେମି ଫାଇନାଲରେ ସମ୍ବଲପୁର ବିଜୟୀ

ବାଲିଗୁଡା,୬।୨(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡା ସ୍ଥିତ ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍‌ର ତୃତୀୟ ଦିନରେ ସମ୍ବଲପୁର ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଏହି ମିଚ୍ୟାରେ ଅତିଥି ଭାବେ ବରିଷ୍ଠ କ୍ରୀଡ଼ାବିତ ଗୋପବନ୍ଧୁ ସାହୁ, ଡ଼.ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ରାଜ କିଶୋର ଦାସ, ଉପଦେଷ୍ଟା ଶେଖ ସାଦିକ, ଉପ ସଭାପତି ସତ୍ୟ ନାରାୟଣ ପାଢ଼ୀ, ସମ୍ପାଦକ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ସମ୍ବଲପୁର ଦଳର ଖେଳାଳୀ ମହାଦେବ ଓରାମଙ୍କୁ ଘୋଷଣା କରାଯାଇଥିଲା। ଶୁକ୍ରବାରର ଏହି ଖେଳକୁ ମୁଖ୍ୟ ରେଫେରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ, ସୁନୀଲ କୁମାର ବେହେରା, ଶମ୍ଭୁ ନାଥ ମଲ୍ଲିକ ଓ କାମାକ୍ଷା ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପଦେଷ୍ଟା ମଣ୍ଡଳୀର ଦେବବ୍ରତ ସିଂ ଦେଓ, ସୁରେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ରଞ୍ଜିତ ମହାନ୍ତି, କ୍ରୀଡା ସମ୍ପାଦକ ଶିବାନନ୍ଦ ପଟ୍ଟନାୟକ, ଗଙ୍ଗାଧର ପଣ୍ଡା, ପ୍ରଶାନ୍ତ ସାହୁ, କ୍ରୀଡା ଆୟୋଜକ ଉପଦେଷ୍ଟା ମଣ୍ଡଳୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗ

ଛତ୍ରପୁର,୬।୨(ଦିଲୀପ ସାମଲ): ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଗବାନ ବେହେରାଙ୍କ ଗୁରୁବାର ରାତିରେ ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ଶୁକ୍ରବାର ବଡମାଧପୁର ପଞ୍ଚାୟତ କାର୍ଯ୍ୟାଳୟରେ ଶୋକସଭା ହୋଇଥିଲା। ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ. କିଶୋର ଚନ୍ଦ୍ର ରେଡ୍ଡୀ, ବ୍ଲକ ଉପାଧ୍ୟକ୍ଷା ସାଡି ଶାରଦା ରେଡ୍ଡୀ, ଶିବ ଶଙ୍କର ସେଠିଙ୍କ ସହ ସମସ୍ତ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସଭାରେ ୨ ମିନିଟ ନିରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ଶୋକାକୁଳ ପରିବାର ପ୍ରତି ସମବେଦନା ଜଣାଇଥିଲେ।

### ୨୩ରୁ ଶ୍ରୀଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଦିଗପହଣ୍ଡି,୬।୨(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ କୁମୁଟି ସାହିରେ ଆସନ୍ତା ୨୩ରୁ ୨୬ ତାରିଖଯାଏ ଶ୍ରୀଲକ୍ଷ୍ମୀନୃସିଂହଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ଜ୍ୟୋତିରାଜ ଦାସ ରବି କୁମାର ଶର୍ମା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଏମ. ନାଗେଶର ପଦ୍ରଦ୍ୱ ତୁଲାଇଥିଲେ। ବି. ତ୍ରିନାଥ ରେଡ୍ଡୀ, ସମୀର ରେଡ୍ଡୀ, ସନ୍ତୋଷ ରେଡ୍ଡୀ, ନାରାୟଣ ନାୟକ, ସରୋଜ ପାତ୍ର, ଶଙ୍କର ସୁବୁଦ୍ଧି, ମହେଶର ବେହେରା, ଚିନ୍ତାମଣି ଡାକୁଆଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି ଅବସରରେ ହେବାକୁ ଥିବା ମହାଯଜ୍ଞରେ ବିଭିନ୍ନ ଅଞ୍ଚଳରୁ ସାଧୁ,ସନ୍ଥ ଓ ପଣ୍ଡିତମାନେ ଯୋଗ ଦେବେ।

# ସରକାରୀ ଯୋଜନାରୁ ବଞ୍ଚିତ ପାଙ୍ଗୁଲି ଗ୍ରାମବାସୀ

ମୋହନା,୬।୨(ମନ୍ମଥ ମିଶ୍ର):



ଝରଣା ପାଣି ନେବାକୁ ଆସୁଥିବା ମହିଳାମାନେ ।

ଆଦିବାସୀମାନଙ୍କର ମୌଳିକ ଭିତ୍ତିଭୂମିର ବିକାଶ ତଥା ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିକାଶ ଶୂନ। ରାଜ୍ୟ ସରକାର ବିଭିନ୍ନ ଗ୍ରାମକୁ ପକ୍କା ସଡ଼କ ସଂଯୋଗୀକରଣ ସହ ସମସ୍ତ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ପ୍ରଶାସନିକ ଅଧିକାରୀମାନଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁ ତାହା ଠିକ ଭାବେ ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ନିରୀହ ଆଦିବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ମୋହନାରେ ବସବାସ କରୁଥିବା ୮୦ ପ୍ରତିଶତ ଲୋକ ଆଦିବାସୀ ସଂପ୍ରଦାୟର। ବ୍ଲକର ଡ଼ମ୍ବଗୁଡା ପଞ୍ଚାୟତ ଅଧିନ ପାଙ୍ଗୁଲି ଗ୍ରାମରେ କନ୍ଧ ଆଦିବାସୀ ସମ୍ପ୍ରଦାୟର ମୋଟ ୨୦ ପରିବାର ବସବାସ କରୁଛନ୍ତି। ଜୀବିକା ନିର୍ବାହ ପାଇଁ ସମସ୍ତେ କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ । ଗ୍ରାମକୁ ଯିବାକୁ ହେଲେ ଡମ୍ବଗୁଡା ସାର୍କ ଗ୍ରାମ ଆରଡ଼ି ରାସ୍ତା ଦେଇ ୨ କି.ମି. ପାହାଡ଼ ପର୍ବତ ଘାଟି ରାସ୍ତା ଅତିକ୍ରମ କରିବାକୁ ପଡିଥାଏ। ହେଲେ ଏହି ରାସ୍ତା ମରଣଯନ୍ତା ସାଜିଛି। ଭଲ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧିମାନଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ତାଙ୍କ ଦୁଃଖକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ରାସ୍ତାର ଦୁରାବସ୍ଥା ଯୋଗୁ ଲୋକେ ଗମନା ଗମନ ନିମନ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗୁରୁତର ରୋଗୀ, ଗର୍ଭବତୀ ମା' ଓ ଜରୁରୀ କାଳୀନ ଚିକିତ୍ସା ନିମନ୍ତେ ରୋଗୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବା କଷ୍ଟକର ହୋଇପଡୁଛି। ଗ୍ରାମରେ ପାନୀୟ ଜଳର ଘୋର ଅଭାବ ରହିଛି।ତେଣୁ ଲୋକେ ବାଧ୍ୟ ହୋଇ ପାହାଡି ଝରଣାର ଦୂଷିତ ଜଳ ଓ ଚୁଆ ପାଣିକୁ ବିଭିନ୍ନ କାମରେ ବ୍ୟବହାର କରୁଛନ୍ତି। ଯାହା ଫଳରେ

## ଅପହଞ୍ଚ ଅଞ୍ଚଳର ବିକଳ ଚିତ୍ର

ପେଟ ଜନିତ ନାନା ରୋଗରେ ପୀଡ଼ିତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏଭଳି କି ରାସ୍ତା ନ ଥିବା ଯୋଗୁ ଗ୍ରାମକୁ ନଳକୂପ ଗାଡି ଯାଇପାରୁନାହିଁ। ଗାଡିରେ କଞ୍ଚାମାଲ ଯାଇ ପାରୁନଥିବା ଯୋଗୁ ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ମଧ୍ୟ ନିର୍ମାଣ ହୋଇପାରିନାହିଁ । ଝାଟିମାଟି ଘରେ ଲୋକେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି । ତେଣୁ ଗ୍ରାମରେ ରହିଥିବା ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଦୃଷ୍ଟିଦେଇ ଗ୍ରାମକୁ ପକ୍କା ସଡ଼କ ନିର୍ମାଣ କରିବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ମୋହନା ବିଡିଓ ରାଜୀବ ଦାସଙ୍କୁ ପଚାରିବାରୁ, ଯଥାଶୀଘ୍ର ଗ୍ରାମକୁ ବ୍ଲକ ତରଫରୁ ଏକ ପକ୍କା ସଡ଼କ ସଂଯୋଗୀକରଣ କରାଯିବା ସହ ଗ୍ରାମବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଅଧ୍ୟୟନରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଆସିକା,୬।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକର ଜୟପୁରସ୍ଥିତ ପିଏମଶ୍ରୀ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜୀବ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ସଙ୍ଗୀତ ପାଢୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରୂପେ ବ୍ରିଗେଡିଅର ଅଭିମନ୍ୟୁ ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ସାମଲ, ଆତ୍ମାର ଅଧ୍ୟକ୍ଷ ବିଜୟ ସ୍ୱାଇଁ, ସମିତିସଭ୍ୟ ଅମିତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା, ଗୁରୁଜନମାନଙ୍କ ପ୍ରତି ଭକ୍ତିଭାବ ସହ ଅଧ୍ୟୟନରେ ବ୍ରତୀ ହେବା ଲାଗି ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ଚାମ୍ପିୟନ ରାଜାରାମ ନାୟକ, ଚିତ୍ରଲେଖା ନାୟକ ଏବଂ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ରାନୁ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବସନ୍ତ କୁମାର ପଣ୍ଡା, ଗାୟତ୍ରୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସସ୍ମିତା ନନ୍ଦ, ଜଗଦିଶ ଚନ୍ଦ୍ର ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ।

# ଭି ବି ଜି ରାମ ଜୀ ହଟାଇବା ଦାବିରେ ଶୋଭାଯାତ୍ରା

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୁନଃଲାଗୁ ଦାବି କଲା କଂଗ୍ରେସ



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭଞ୍ଜନଗର,୬।୨(ବାବୁଲା ପ୍ରଧାନ): ଦେଶରେ ପୂର୍ବରୁ ଉପା ସରକାର ଆରମ୍ଭ କରିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ନାମ ପରିବର୍ତ୍ତନ କରିଛନ୍ତି ବର୍ତ୍ତମାନର ଭାଜପା ସରକାର। ଏମ୍‌ଜିଏନ୍‌ଆର୍‌ଇଜିଏସ ଏବେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) (ଭି ବି ଜୀ ରାମ ଜୀ) ହୋଇଥିବାରୁ କଂଗ୍ରେସ ଏହାକୁ ବିରୋଧ କରିଆସୁଛି। ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) ସଂଗଠନ ପକ୍ଷରୁ ଦେଶରେ ଏମ୍‌ଜିଏନଆରଇଜିଏସ ପୁନଃ ଲାଗୁ ଦାବି କରି ଶୁକ୍ରବାର ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଏଥିରେ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ ସହ୍ୟ କରାଯିବ ନାହିଁ ବୋଲି କହିଥିଲେ। ନଚେତ୍ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସୂଚାଇଥିଲେ। ଏହା ପୂର୍ବରୁ କଂଗ୍ରେସ କର୍ମୀମାନେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ କଂଗ୍ରେସ କାର୍ଯ୍ୟାଳୟ ଡିହପଡ଼ାଳରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏଥିସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ନେତା କୁଲୁ ଭୂୟାଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ଦେବକାନ୍ତ ଶର୍ମା, ହରେକୃଷ୍ଣ ରଥ, ବାବୁଲି ଗୌଡ଼, ନିକୁଞ୍ଜ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## କୃତୀ କ୍ରୀଡ଼ା ପ୍ରତିଯୋଗୀ ପୁରସ୍କୃତ

ବୁଗୁଡା,୬।୨(କାଳିଚରଣ ଦାଶ): ବୁଗୁଡା ପିଏମଶ୍ରୀ ପିପୁଲ୍ଲି ହାଇସ୍କୁଲର ବାର୍ଷିକ କ୍ରୀଡା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରା, ସିଆରସିସି କିରଣ ବାଳା ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି ପରିଚାଳନା କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଅଟଳ କଲ୍ୟାଣ ମଣ୍ଡପର ଭୂମିପୂଜା



ଭୂମି ପୂଜନ କରୁଛନ୍ତି ଅତିଥି ।

ରମ୍ଭା,୬।୨(ବନବାସୀ ସେଠୀ) ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ହରିପୁର ବୁରୁଡି ଗ୍ରାମରେ ଅଟଳ କଲ୍ୟାଣ ମଣ୍ଡପର ଭୂମି ପୂଜନ ହୋଇଛି। ୨୪ ଶହ ବର୍ଗ କ୍ଷେତ୍ରରେ ୨୦୨୫-୨୬ ମସିହାର ବିଧାୟକ ପାଣ୍ଠିରୁ ୪୦ ଲକ୍ଷ ଅନୁଦାନ ବ୍ୟୟରେ ଏହି କଲ୍ୟାଣ ମଣ୍ଡପ ଭୂମିପୂଜାନରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ପୌରାହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ପୁରୋହିତ ପଣ୍ଡିତ ନିତ୍ୟାନନ୍ଦ ଦାଶ ରହିଥିବା ବେଳେ କର୍ତ୍ତା ଭାବେ ନିରଞ୍ଜନ ନାହାକ ଓ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ଗ୍ରାମ୍ୟ କମିଟି ସଭାପତି ରାଜକିଶୋର ନାହାକ, ସମ୍ପାଦକ ସଞ୍ଜୟ ନାହାକ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ବିଷ୍ଣୁ ପ୍ରସାଦ ସିଂ ଦେଓ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଏସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀ ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ତମ ନାଗରିକ ହୁଅ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୁଗୁଡା,୬।୨(କାଳିଚରଣ ଦାଶ) ବୁଗୁଡ଼ା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଆବାହକ ଶଶଧର ବେହେରା, କଳପଡ଼ା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିକାଶ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ଖଲିକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରତ୍ନପ୍ରଭା ଦାସ, ମାତୃପ୍ରେମୀ କୀର୍ତ୍ତନ ପ୍ରଧାନ, ଆର୍ଯ୍ୟ ସମାଜ ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଷ୍ଠାପର ଭାବେ ଅଧ୍ୟୟନ କରି ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଛନ୍ତି। ଏହାସହ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ସମ୍ପାଦକ ପ୍ରଭାତ ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ହରିହର ମହାରଣା ବାର୍ଷିକ ବିବରଣୀ ପଠନ, ଶିକ୍ଷୟିତ୍ରୀ ରଶ୍ମିତା ପାଢୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ପ୍ରଶାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

ଖଜୁରିପଡ଼ା,୬।୨(ବିଦୁର ବେହେରା) ଖଜୁରିପଡ଼ା ଥାନା ସମ୍ବରଡେଗା ଠାରେ ଶୁକ୍ରବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ ଖଜୁରିପଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଥିବା ବିପିସି ସୁନିଲ ସିଂ (ଓଡ଼ି ୧୨ ଡି ୮୫୫୧)ରେ ଫୁଲବାଣୀ ଯାଉଥିବା ବେଳେ ସମ୍ବରଡେଗା ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଖବରପାଇ ଘଟଣା ସ୍ଥଳରେ ଦୂତିମେଣ୍ଡି ଗ୍ରାମର ଉତ୍କଳ ମଣି ଯୁବକ ସଂଘ ସଭାପତି ସମୀର ପ୍ରସାଦ ଝାଙ୍କର, ଗୋଲକ ବିହାରୀ ମଲିକ, ରାଜେଶ ମଲିକ, ବିଶ୍ୱଜିତ୍ ଦିଗାଲ ପ୍ରମୁଖ ପହଞ୍ଚି ଗୁରୁତର ସୁନିଲଙ୍କୁ ଉଦ୍ଧାରକରି ଅଗ୍ନିଶମ ବାହିନୀ ସହାୟତାରେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଛନ୍ତି ବୋଲି ସଭାପତି ସମୀର କହିଛନ୍ତି।

# ଚମାଖଣ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଛତ୍ରପୁର,୬।୨(ଦିଲୀପ ସାମଲ) ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଖବରଦାତା ବିଘ୍ନେଶ୍ୱର ସାହୁ ମୁଖ୍ୟବକ୍ତା, ଉପଜିଲାପାଳ ଡ. ଶିବାଶିଷ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢୀ, ଶିକ୍ଷାବିତ ରମାକାନ୍ତ ପାଣିଗ୍ରାହୀ, ଆର,ପାପେୟା ରେଡି, ଅନନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପାଣିଗ୍ରାହୀ ବିବରଣୀ ଉପସ୍ଥାପନ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା ବଡ଼ଗଡ଼



## ରାଜବଂଶ କ୍ରିକେଟ ଟୁର୍ନାମେଣ୍ଟ

ଶେରଗଡ଼,୬।୨(ସୂର୍ଯ୍ୟ ନାରାୟଣ ଦାଶ) ଗଞ୍ଜାମ ଜିଲା ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶୁକ୍ରବାର ରାଜବଂଶ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ବଡଗଡ ଓ ହିଞ୍ଜିଳିକାଟୁ ପରସ୍ପରକୁ ଭେଟିଛନ୍ତି। ବଡଗଡ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୭୨ ରନ୍ କରିଥିଲା। ଏହାର ଜବାବରେ ହିଞ୍ଜିଳିକାଟୁ କ୍ଲବ ସମସ୍ତ ଉଇକେଟ ହରାଇ ମାତ୍ର ୧୦୭ କରିଥିଲା। ଫଳରେ ବଡଗଡ ଦଳ ଉଦ୍‌ଘାଟନୀ ମ୍ୟାଚ ବିଜୟୀ ହୋଇଥିଲା। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ ପଟ୍ଟନାୟକ, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ହିଞ୍ଜିଳିକାଟୁ ପୌର ପ୍ରତିନିଧି ପ୍ୟାରିମୋହନ ପାଢ଼ୀ, ଧଳପୁର ସରପଞ୍ଚ ପ୍ରତିନିଧି ସୀମାଞ୍ଚଳ ପ୍ରଧାନ, ଉପାଧ୍ୟକ୍ଷ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ଧଳପୁର ସରପଞ୍ଚ ପ୍ରତିନିଧି ପ୍ରଧାନ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମ୍ପାୟର ଭାବେ ରାଜୀବ ମିଶ୍ର , କୃଷ୍ଣଚନ୍ଦ୍ର ସାହୁ, ଘୋଷକ ଭାବେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ସ୍କୋରର ଭାବେ ବିଜୟ ସେଠୀ ଖେଳ ପରିଚାଳନା କରିଥିଲେ।

# ଖେଳକୁଦ, ଶୋଭାଯାତ୍ରାରେ ସହର ପରିକ୍ରମା

ଦାରିଙ୍ଗବାଡି, ୬।୨ (ଅରୁଣ ସାହୁ)



କ୍ୟାମ୍ପୋରିର ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆରମ୍ଭହୋଇଥିବା ୩ଦିନିଆ ୨୨ତମ ଜିଲାସ୍ତରୀୟ ଭାରତ ସ୍କାଉଟସ ଓ ଗାଇଡ଼ସର କ୍ୟାମ୍ପୋରିର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ସକାଳ ୭ଟାରୁ ୪ ଶହରୁ ଉର୍ଦ୍ଧ୍ୱ କ୍ୟାମ୍ପୋରଙ୍କୁ ନେଇ ବିଭିନ୍ନ ଇଭେଣ୍ଟରେ ଖେଳକୁଦ ହୋଇଥିଲା। କ୍ୟାମ୍ପୋରି ପରିସରରେ ସ୍କାଉଟସ ଓ ଗାଇଡ଼ସର ପତାକା ଉତ୍ତୋଳନ ପରେ ଶାନ୍ତି ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସିମନବାଡି ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଲୋକଙ୍କୁ ସ୍କାଉଟସ ଓ ଗାଇଡ଼ସର ଉଦ୍ଦେଶ୍ୟ,ଏକ ସମୃଦ୍ଧ ଭାରତ ଗଠନରେ ଏହାର ଭୂମିକା ଏବଂ ଶାନ୍ତି, ସଦଭାବନା ଓ ଭାଇଚାରାର ବାର୍ତ୍ତା ଦେଇଥିଲେ। ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ୟାମ୍ପ ଫାୟାର, ଖାଦ୍ୟ ମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ, କୁଟୀର ନିର୍ମାଣ ସହ ବିଭିନ୍ନ ପ୍ରକାର କଳା ପ୍ରଦର୍ଶନ କରାଯାଇଥିଲା। ରୋପ କ୍ଲାଇମ୍ବିଂ,କମାଣ୍ଡୋ କ୍ରସିଂ, ସ୍ପିଙ୍ଗବୋର୍ଡ, ନେଟ କ୍ରାଇଲିଂ, ଟାୟାର ୱାଲ, ମାଙ୍କଡ଼ ବ୍ରିଜ୍, ସନ୍ତୁଳିତ ବିମ, ତାର୍ଜନ ଜମ୍ପ, ପ୍ଲାଙ୍କ ଚାଲ, ସିଡ଼ି କ୍ରସିଂ, ଜିଗଜାଗ ସାଇକ୍ଲିଂ ଭଳି ଦୁଃସାହସିକ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

## ଭାରତ ସ୍କାଉଟସ ଓ ଗାଇଡ଼ସ କ୍ୟାମ୍ପୋରିର ଦ୍ୱିତୀୟ ଦିବସ

କାର୍ଯ୍ୟକ୍ରମକୁ ସ୍କାଉଟସ ଓ ଗାଇଡ଼ସର ଅଧ୍ୟକ୍ଷ ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜିଲା ସମ୍ପାଦକ ସଞ୍ଜୟ ପାତ୍ର, ସହ ସମ୍ପାଦକ ରଙ୍କନିଧି ବେହେରା, ଡିସିଓ ରାକେଶ ବିଶୋୟୀ, ସିମନବାଡି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିଶିର ପଟ୍ଟନାୟକ ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର ଉଦ୍‌ଘାଟିତ

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ) ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ରର ଉଦଘାଟିତ ହୋଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସାଂପ୍ରତିକ ବିଶ୍ୱ ସାହିତ୍ୟ ଓ ଭାରତୀୟ ସାହିତ୍ୟ ଅଦ୍ୟତନ ଧାରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଗାଳ୍ପିକ ରବିନାରାୟଣ ପଣ୍ଡା ସାଂପ୍ରତିକ କଥା ସାହିତ୍ୟରେ ଧାରା ସଂପର୍କରେ କହିଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ଭିତ୍ତି ପ୍ରବନ୍ଧରେ ଏକବିଂଶ ଶତାବ୍ଦୀରେ ଘଟିଥିବା ଘଟଣା ଉପରେ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ଉଷାରାଣୀ ରଥ ପାଠଚକ୍ରର ଉଦ୍ଦେଶ୍ୟ ଉପରେ କହିଥିଲେ। ଅଧ୍ୟାପକ ଡ. ମନୋରଂଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ବନମାଳି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବୈଷୟିକ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସ କୃଷ୍ଣଚନ୍ଦ୍ର ପ୍ରଧାନ। ଏଥିରେ ପ୍ରବନ୍ଧ ଉପସ୍ଥାପକ ଭାବେ ଯୋଗ ଦେଇଥିଲେ – ଡ. ହୃଷୀକେଶ ପଣ୍ଡା. ଡ. କୁଳମଣି ଓଝା, ଡ. ବନମାଳି ପାଣିଗ୍ରାହୀ ଓ ଶ୍ରୀ ଶ୍ରୀମନ୍ତ ବେହେରା। ଉପସ୍ଥାପିତ ପ୍ରବନ୍ଧ ଗୁଡ଼ିକର ଏକ ସଂକଳନ 'ଏକବିଂଶ ଶତାବ୍ଦୀର ଓଡ଼ିଆ କଥା ସାହିତ୍ୟ: ବ୍ୟାପ୍ତି ଓ ଦୀପ୍ତି' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

### ସିୟୁଟିଏମ୍‌ର ବାର୍ଷିକ ପ୍ରବନ୍ଧନ ଉତ୍ସବ

ପାରଳାଖେମୁଣ୍ଡି,୬।୨(ଗିରିଧାରୀ ପରିଚ୍ଛା) ସେଞ୍ଚୁରିଆନ ବୈଷୟିକ ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ(ସିୟୁଟିଏମ)ର ପାରଳାଖେମୁଣ୍ଡି କ୍ୟାମ୍ପସରେ ଶୁକ୍ରବାର ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ବାର୍ଷିକ ପ୍ରବନ୍ଧନ ଉତ୍ସବ 'ମଞ୍ଜର୍ ୪.୦' ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ 'ଇଗ୍ନାଇଟ' ଶୀର୍ଷକ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ। ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ଡ. ଅନିତା ପାତ୍ର ଅଧ୍ୟକ୍ଷତା କରିଥିଲେ । ସେ କହିଥିଲେ, ବିଶ୍ୱବିଦ୍ୟାଳୟ କେବଳ ପୁସ୍ତକଗତ ଜ୍ଞାନ ନୁହେଁ ବରଂ ବ୍ୟବହାରିକ ଜ୍ଞାନ ଉପରେ ଗୁରୁତ୍ୱ ଦିଏ। 'ମଞ୍ଜର୍' ଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ। ଆସୋସିଏଟ ଡିନ ଡ. ପ୍ରଜ୍ଞା ପାଣି ଆଧୁନିକ ପରିଚାଳନା ବୃତ୍ତିରେ ଆବଶ୍ୟକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଡ. ସୁଶାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ମଞ୍ଜର୍ ୪.୦ କାର୍ଯ୍ୟକ୍ରମ ହୋଇଥିଲା। ଏହାର ମୁଖ୍ୟ ଆକର୍ଷଣ ଶିଳ୍ପ ଅନ୍ତର୍ଦୃଷ୍ଟି ଥିଲା। ଟିଭିଏସ୍ ଅଟୋମୋବାଇଲ ସଲ୍ୟୁସନ୍ସର ଗ୍ରୁପ ସିଏଫଓ ଟି.ଆର. ଶ୍ରୀନିବାସନ ଅଟୋମୋବାଇଲ କ୍ଷେତ୍ରର ଆର୍ଥିକ, ବଜାର ଚାହିଦା ଓ ପରିଚାଳନାଗତ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶନିବାର ଦ୍ୱିତୀୟ ଦିବସରେ 'ଷ୍ଟାର୍ଟ-ଅପ ଟ୍ୱିଷ୍ଟ', 'ପଜଲ-ଏକ୍ସ' ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦଯାପନୀ ସମାରୋହ ହେବ ବୋଲି ସିୟୁଟିଏମ ପକ୍ଷରୁ କୁହାଯାଇଛି।

# କଂଗ୍ରେସର ଶୋଭାଯାତ୍ରା, ଧାରଣା

ପାରଳାଖେମୁଣ୍ଡି,୬।୨(ଗିରିଧାରୀ ପରିଚ୍ଛା)

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ବଦଳାଇବାକୁ ବିରୋଧ

ଏମ୍‌ଜିଏନଆରଇଜିଏସ୍‌ର ନାମ ବଦଳାଇ କେନ୍ଦ୍ର ସରକାର ଭିଭିଜି-ରାମଜୀ କରିବା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ଜାରି ରହିଛି। ଶୁକ୍ରବାର ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ଓ ଧାରଣା କାର୍ଯ୍ୟକ୍ରମ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ସେଠାରେ କଂଗ୍ରେସ ନେତୃବୃନ୍ଦ କହିଥିଲେ, ଦେଶରେ ଉପା ସରକାର ୨୦୦୫ ରେ କାର୍ଯ୍ୟକାରୀ କରିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନ(ଏମ୍‌ଜିଏନଆର୍‌ଇଜିଏସ୍)କୁ ଦେଶରେ ଶାସନ କରୁଥିବା ଡବଲ ଇଞ୍ଜିନ ସରକାର ଗରିବଙ୍କଠାରୁ ଛଡାଇ ନେଇଛି। ଏହା ପ୍ରତିବର୍ଷ ୫-୬ କୋଟି ଗ୍ରାମୀଣ ପରିବାରକୁ ମଜୁରିଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଆସିଥିଲା। ହିତାଧିକାରୀ ଦାବି ପରେ ୧୫ ଦିନ ମଧ୍ୟରେ ଜିବିକା ଯୋଗାଇବା ରାଜ୍ୟର ଆଇନଗତ କର୍ତ୍ତବ୍ୟ ଥିଲା। ତାହା ବିଫଳ ହେଲେ ବେରୋଜଗାର ଭତ୍ତା ଦେବାକୁ ପଡୁଥିଲା । ଏହା ବିଶେଷକରି ମହିଳା, ଦଳିତ, ଆଦିବାସୀ ଓ ପ୍ରାନ୍ତବର୍ତ୍ତୀ ସମୁଦାୟଙ୍କୁ ଲାଭ ଦେଉଥିଲା। କେନ୍ଦ୍ର ସରକାର ଏହାକୁ ବଦଳାଇ ନୂତନ ଭିବି-ଜିଆରଏଏମ-ଜି ଯୋଜନା କରିଛନ୍ତି। ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ହାତରେ ନିଷ୍ପତ୍ତିକୁ କେନ୍ଦ୍ରୀଭୂତ କରୁଛି। ଗ୍ରାମସଭା ଓ ପଞ୍ଚାୟତକୁ ଦୁର୍ବଳ କରୁଛି। କେନ୍ଦ୍ରର ମଜୁରି ଅଂଶଦାନକୁ ପ୍ରାୟ ୯୦ରୁ ୬୦ କମାଇ ରାଜ୍ୟ ଓ ଶ୍ରମିକଙ୍କ ଉପରେ ଆର୍ଥିକ ଭାର ଲଦିଦେଉଛି। କାର୍ଯ୍ୟକ୍ରମରୁ ଜାତିରଜନକ ମହାତ୍ମାଗାନ୍ଧୀଙ୍କ ନାମ ହଟାଯିବା ଶ୍ରମର ମର୍ଯ୍ୟାଦା ପ୍ରତି ଅପମାନ ବୋଲି କଂଗ୍ରେସ ଅଭିଯୋଗ କରିଥିଲା। ଶୋଭାଯାତ୍ରାରେ ଯାଇ କଂଗ୍ରେସ ନେତାକର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ ଏକ ସ୍ମାରକପତ୍ର ଗଜପତି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ନଗର ସଭାପତି ବସନ୍ତ ପଣ୍ଡା, କଂଗ୍ରେସର ଏସିସେଲ୍ ସଭାପତି ପାପା ରାଓ, ଜନାର୍ଦ୍ଦନ ରାଓ, ଶ୍ରୀନିବାସ ରାଓ, ସୂର୍ଯ୍ୟ ନାରାୟଣ ପାତ୍ର, ପୁରଷୋତ୍ତମ ପାଣିଗ୍ରାହୀ, ଜାଖବ ରଇତ, ସଂଗ୍ରାମ ସାହୁ, ମମାଲି କାର୍ଜି, ଈଶ୍ୱରଚନ୍ଦ୍ର ମାଝୀ, ଜସ୍ମିନ ଶେଖ, ରଞ୍ଜିତା ପାଣିଗ୍ରାହୀଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଚତୁର୍ଥ ଦିନରେ ଶୀତ ମହୋତ୍ସବ ତୁଷାର
# ଯୋଗଦେଲେ ଜିଲା ପରିଷଦ ଅଧ୍ୟକ୍ଷା, ବିଧାୟକ




ଜି.ଉଦୟଗିରି,୬।୨(ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ଶୀତ ମହୋତ୍ସବ ତୁଷାର ଚତୁର୍ଥ ଦିନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଶୁକ୍ରବାର କାର୍ଯ୍ୟକ୍ରମକୁ ସ୍ଥାନୀୟ ବଣିକ ସଂଘ ପରିଚାଳନା କରୁଥିବା ବେଳେ ମନୋରଞ୍ଜନ କାର୍ଯ୍ୟକ୍ରମରେ ବ୍ରହ୍ମପୁର ହେଲୋମ୍ୟାନ୍ ଡ୍ୟାନ୍ସ ଗ୍ରୁପ, ନଟରାଜ କଳାମନ୍ଦିର ଫୁଲବାଣୀ ନୃତ୍ୟାଙ୍ଗନାଙ୍କ ସହ ସ୍ଥାନୀୟ ନୃତ୍ୟକଳା ମଧ୍ୟ ପରିବେଷଣ କରାଯାଇଛି। ସବୁଠାରୁ ମୁଖ୍ୟ ଆକର୍ଷଣ ଥିଲା ବାଲିଗୁଡ଼ାର କୁନି କଣ୍ଠ ଶିଳ୍ପୀ ସୁଶ୍ରୀ ସମୃଦ୍ଧି ପଟ୍ଟନାୟକ। ଯିଏ ସିଦ୍ଧାର୍ଥ ଟିଭିର ମୁଁ ବି ନମିତା ଅଗ୍ରୱାଲ ହେବି, ଭକ୍ତି କଣ୍ଠ ଓ ଓଡ଼ିଶାର ନୂଆଁ ସ୍ୱର ସଂଗୀତ କାର୍ଯ୍ୟକ୍ରମରେ କଣ୍ଠ ଦାନ କରି ନିଜ ଅଞ୍ଚଳ ଗୌରବ ଆଣିଛନ୍ତି। ତାଙ୍କ ସଙ୍ଗୀତରେ ଦର୍ଶକ ମୁଗ୍ଧ ହୋଇଛନ୍ତି। ସ୍ଥାନୀୟ ବ୍ୟବସାୟୀ ସଂଘ ସଭାପତି ସମୀର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲାପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜିକର୍ମୀ ଅବନୀ ନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, କନ୍ଧମାଳ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ, ସମାଜିକର୍ମୀ ଟୁନା ଦାସ, ବଣିକ ସଂଘ ସମ୍ପାଦକ ଅରୁଣ ଷଡଙ୍ଗୀ, ମହୋତ୍ସବ କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଜିଆଉଦ୍ଦିନ ଅହମ୍ମଦ, ବ୍ୟବସାୟୀ ସଂଘ ଉପସଭାପତି କାଳୁ ଚରଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ପୁଣି ସାମାଜିକ ବାସନ୍ଦ: ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ମା', ପୁଅ

ଛତ୍ରପୁର,୬।୨(ଦିଲୀପ ସାମଲ):ଗଞ୍ଜାମ ଜିଲାରେ ପୁଣି ଏକ ସାମାଜିକ ବାସନ୍ଦ ଘଟଣା ସାମନାକୁ ଆସିଛି। ଜମିଜମାକୁ କେନ୍ଦ୍ର କରି ମା' ଓ ପୁଅଙ୍କୁ ବାସନ୍ଦ କରାଯାଇଛି। ନ୍ୟାୟ ପାଇଁ ଉଭୟେ ଶୁକ୍ରବାର ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ରମ୍ଭା ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମର ଅସହାୟ ମହିଳା ଡି. ଲକ୍ଷ୍ମୀ ଏବଂ ତାଙ୍କ ପୁଅ ଡି. ଚିନ୍ତାମଣିଙ୍କୁ ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରୀୟ ଜାତିସଂଘ ମଲାଡ଼ ମଣ୍ଡଳ ପକ୍ଷରୁ ବାସନ୍ଦ କରାଯାଇଛି। ଜମିଜମାକୁ କେନ୍ଦ୍ରକରି ଡି. ଲକ୍ଷ୍ମୀଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବାରୁ ସେମାନେ ବହୁତ ଅସୁବିଧା ଏବଂ ମାନସିକ ଚିନ୍ତାରେ ରହି ଆସୁଛନ୍ତି । ଏନେଇ ମା' ଓ ପୁଅ ପୂର୍ବରୁ ରମ୍ଭା ଥାନାରେ ଅଭିଯୋଗ କରି ଘଟଣା ସମ୍ପର୍କ ଜଣାଇଥିଲେ ମଧ୍ୟ ସେମାନଙ୍କ କୌଣସି ସମାଧାନ ହୋଇନାହିଁ । ତେଣୁ ନ୍ୟାୟ ନିମନ୍ତେ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଏସପିଙ୍କୁ ଭେଟି ଗୁହାରି ଜଣାଇଛନ୍ତି । ସାମ୍ବିଧାନିକ ଅଧିକାର ନେଇ ସମାଜରେ ବଞ୍ଚିବା ପାଇଁ ଏହାର ସମାଧାନ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।


ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିବା ମା' ଓ ପୁଅ।

### ଡୁରା ପିଏମ ଶ୍ରୀ ନ୍ୟାସନାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ଡୁରା ସ୍ଥିତ ନ୍ୟାସନାଲ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା କ୍ରୀଡା ନିରକ୍ଷକ ଭାଗିରଥି ସ୍ୱାଇଁ ଯୋଗ ଦେଇ କ୍ରୀଡାର ମହତ୍ୱ ବିଷୟରେ ପିଲାଙ୍କୁ ବୁଝାଇ ଥିଲେ । ସମ୍ମାନନୀୟ ଅତିଥି ଭାବେ ଡୁରା ସରପଞ୍ଚ ବିଷ୍ଣୁପ୍ରିୟା ବେହେରା ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ୧୦୦,୨୦୦,୩୦୦,୪୦୦ ମିଟର ଦୌଡ଼ ପ୍ରତିଯୋଗିତା ସହିତ ସଟ ପୁଟ,ଡିସ୍କସ,ଲମ୍ଫଡ଼ିଆ ଆଦି ପରିଯୋଗୀତା ହୋଇଥିଲା । କ୍ରୀଡା ଶିକ୍ଷକ ଚନ୍ଦ୍ର କନ୍ଦେଶ୍ୱର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନିବେଦିତା ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଇକୋ କ୍ଲବ୍ ପକ୍ଷରୁ ପୋଖରୀ ଦଳ ସଫେଇ

ଆର. ଉଦୟଗିରି,୬।୨(ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ଆର. ଉଦୟଗିରି ମହେନ୍ଦ୍ରଗଡ଼ସ୍ଥିତ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ମହେନ୍ଦ୍ରଗଡ଼ ପଞ୍ଚାୟତର ଝାଡରଣ୍ଡିବା ଗ୍ରାମ ପୋଖରୀ ସଫେଇ କରାଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସାହ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଲୋକନାଥ ନାହାକ ଓ ସହକାରୀ ଶିକ୍ଷକ ରାଧାକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ଲୋକମାନେ ନିଜ ପରିବେଶକୁ ସଫା ରଖିବା, ପାଖରୀ ଜଳର ପରିଷ୍କାର ପରିଚ୍ଛନ୍ନତା ରଖିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

# ପରିବାର ଉପରୁ ଉଠିବ ବାସନ୍ଦ

ଛତ୍ରପୁର,୬।୨ (ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକରେ ଏକ ଠକେଇ ଘଟଣାରେ ଗୋଟିଏ ପରିବାର ବର୍ଷେ ହେଲା ଗ୍ରାମରୁ ବାସନ୍ଦ ହୋଇ ରହିଥିଲେ। ଏନେଇ ଖବର ପ୍ରକାଶ ପରେ ଛତ୍ରପୁର ଥାନା ପରିସରରେ ଶୁକ୍ରବାର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ବାସନାପଲ୍ଲୀ ଗ୍ରାମବାସୀ ଓ ପି. ନାରାୟଣଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଛି। ଥାନା ଅଧିକାରୀ ମଲ୍ଲଙ୍କ ସମ୍ମୁଖରେ ପି. ନାରାୟଣ ସମସ୍ତଙ୍କ ସହ ମିଶି ଚଳିବେ ଏବଂ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିବା ବାସନ୍ଦ ଉଠାଇବା ଲାଗି ନିଷ୍ପତ୍ତି ହୋଇଛି।

ଖବରରୁ ଜଣାପଡ଼ିଛି, ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମର କେତେଜଣ ମହିଳା ଏକାଠି କିଛିକିଛି ଟଙ୍କା ରଖି ଦରକାର ସମୟରେ ସୁଧରେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ନେଉଥିଲେ। ଏଥିପାଇଁ ସେମାନେ ପି. ନାରାୟଣଙ୍କ ଘରେ ବସି ଟଙ୍କାପଇସାର ହିସାବକିତାବ କରୁଥିଲେ। ୨୦୨୩ ଅକ୍ଟୋବରରେ ଗ୍ରାମର ବନ୍ଦନା ଚୌଧୁରୀ ପି. ନାରାୟଣଙ୍କ ଘରେ ଆଲୋଚନା ବେଳେ ତାଙ୍କର ଜରୁରୀ ଥିବାରୁ ୧୪ ଲକ୍ଷ ଟଙ୍କା ନେଇଥିଲେ। ପରେ ସେ ନେଇଥିବା ଟଙ୍କା ବାବଦ ସୁଧ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ତାଙ୍କୁ ଟଙ୍କା ପାଇଁ କହିବାରୁ ବନ୍ଦନା ଗ୍ରାମରୁ ଫେରାର ହୋଇଯାଇ ଏଯାଏ ଫେରିନାହାନ୍ତି।

### ୧୪ ଲକ୍ଷଠକେଇ ଘଟଣା

ପି. ନାରାୟଣଙ୍କୁ ୨୦୨୫ ନଭେମ୍ବରରେ ଗ୍ରାମବାସୀ ଟଙ୍କା ମାଗିଥିଲେ। ଏହି ଟଙ୍କା ଦେବାକୁ ପି. ନାରାୟଣ ଅସମର୍ଥ ପ୍ରକାଶ କରିଥିଲେ। ଗ୍ରାମବାସୀ ଟଙ୍କା ନ ପାଇବାରୁ ପି. ନାରାୟଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୬/୨୫ରେ ଏକ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଗ୍ରାମର କେତେଜଣ ବ୍ୟକ୍ତି ପି. ନାରାୟଣଙ୍କୁ ଆକ୍ରମଣ କରିଥିଲେ। ସେ ଛତ୍ରପୁର ଥାନାରେ ଅଭିଯୋଗ କରିବାରୁ ୭/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ଘଟଣା ଥାନାକୁ ଯିବା ପରେ ଏହାକୁ ଉଠାଇ ଆଣିବାକୁ ତାଙ୍କ ଉପରେ ଗ୍ରାମବାସୀ ଚାପ ପକାଇଥିଲେ। ତାଙ୍କ କଥାରେ ରାଜି ନ ହେବାରୁ ଗ୍ରାମବାସୀ ତାଙ୍କୁ ଗ୍ରାମରୁ ବାସନ୍ଦ କରିଥିଲେ। ଗ୍ରାମରେ କୌଣସି ଭୋଜିଭାତରେ ପି. ନାରାୟଣଙ୍କ ପରିବାରକୁ ସାମିଲ କରି ନ ଥିଲେ। ଏସମ୍ପର୍କରେ ଥାନା ଅଧିକାରୀ ମଲ୍ଲ ଜାଣିବା ପରେ ପି. ନାରାୟଣ ଓ ଗ୍ରାମବାସୀଙ୍କୁ ଥାନାକୁ ଡକାଇ ଆଲୋଚନା କରିଥିଲେ। ଦୀର୍ଘସମୟ ଆଲୋଚନା ପରେ ପି. ନାରାୟଣଙ୍କ ଉପରୁ ଗ୍ରାମବାସୀ ବାସନ୍ଦ ଉଠାଇବାକୁ ରାଜି ହୋଇଥିଲେ।

# ବନ୍ଧୁକ କିଣାବିକା ଡିଲ୍ ବେଳେ ୨ ଗିରଫ

ଧରାକୋଟ,୨।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଗଞ୍ଜାମ ଜିଲା ଧରାକୋଟ ଥାନା ଅଞ୍ଚଳରେବନ୍ଧୁକ କାରବାରଚାଲିଥିବା ସ୍ପଷ୍ଟ ହୋଇଛି। ଶୁକ୍ରବାର ବନ୍ଧୁକ କିଣାବିକା ବେଳେ ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଦେଶୀ ପିସ୍ତଲ, ୨ଟି ଜୀବନ୍ତ ଗୁଳି ଏବଂ ଏକ ମୋବାଇଲ ଫୋନ ଜବତ ହୋଇଛି। ଥାନା ଅଞ୍ଚଳରେ ଏହି କାରବାର ଦୀର୍ଘଦିନ ହେଲା ଚାଲିଥିବା ଏବଂ ପୋଲିସ ଆଜିଯାଏ ଧରିପାରୁ ନ ଥିବା ନେଇ ସାଧାଣରେ ଆଲୋଚନାର ବିଷୟ ହୋଇଛି। ଗୁରୁବାର ସନ୍ଧ୍ୟାରେ ଡ଼ଉଗାଁ ପେଟ୍ରୋଲ ପମ୍ପ ନିକଟରେ ଦୁଇ ଜଣ ଯୁବକ ବନ୍ଧୁକ କିଣା ବିକା ବିଷୟରେ କଥା ହେଉଥିବା ଧରାକୋଟ ପୋଲିସକୁ ଖବର ମିଳିଥିଲା। ସଙ୍ଗେ ସଙ୍ଗେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏସ୍ଆଇ ସୁସ୍ମିତା ପଣ୍ଡା ଓ ଅତିରିକ୍ତ ଆଇଆଇସି ଅଞ୍ଜଳି ବେହେରା ଏକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ୨ଯୁବକଙ୍କୁ ଧରିଥିଲେ। ସେମାନେ ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ଗ୍ରାମର ଉମେଶ ପାତ୍ର ଓ ନଳବଣ୍ଟା ଗ୍ରାମର ଅମର ସାହୁ ବୋଲି ଜଣାପଡିଛି। ବେଆଇନ ବନ୍ଧୁକ କିଣାବିକାରେ ସମ୍ପୃକ୍ତହେତୁ ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ନଂ. ୬୧/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଉତ୍ତମ ଶରୀର ଗଠନରେ କ୍ରୀଡ଼ା ଏକ ମାଧ୍ୟମ

ଗଞ୍ଜାମ,୬।୨(ବିଦ୍ୟାଧର ସାହୁ)

### ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଗଞ୍ଜାମ ଷ୍ଟେଶନ ରୋଡ଼ ଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶନ କୁମାର ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ବିଜୟ ବିଶ୍ୱାଳ, ସମ୍ମାନିତ ଅତିଥି ଏନ୍ଏସି ଉପନଗରପାଳ ସୁରେନ୍ଦ୍ର ବାରିକି, ପୂର୍ବତନ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ଉପସଭାପତି ରଶ୍ମିତା ବିଶ୍ୱାଳ, ସିଆର୍‌ସିସି ସନ୍ତୋଷ ଚୌଧୁରୀ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଧାନ ଶିକ୍ଷକ ଅନିଲ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଶିକ୍ଷକ ରବୀନ୍ଦ୍ର ନାଥ ନେପାକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ତମ ଶରୀର ଗଠନରେ କ୍ରୀଡା ଏକ ମାଧ୍ୟମ ବୋଲି ଶିକ୍ଷାବିତ ବିଶ୍ୱାଳ କହିଥିଲେ। ଚଳିତ ବର୍ଷ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ମାର୍କ ରଖି ପାସ କରିବାକୁ ଛାତ୍ରୀଙ୍କୁ ଆହ୍ୱାନ ଦିଆଯାଇଥିଲା। ବିଭିନ୍ନ କ୍ରୀଡାରେ କୃତି ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ପଟ୍ଟନାୟକ, ରୋଜାଲିନ ପଣ୍ଡା, ଛନ୍ଦାରାଣୀ ସାହୁ, ମନୋସ୍ୱିନୀ ସାହୁ, ଶିକ୍ଷକ ଧିରେନ ପଣ୍ଡା, ନିବେଦିତା ପ୍ରଧାନ, ରଞ୍ଜିତା କୁମାରୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ପାଙ୍ଗିଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିପଦର,୬।୨ (ବିଶିକେଶନ ସ୍ୱାଇଁ) ବୁଗୁଡ଼ା ବ୍ଲକ୍ ପାଙ୍ଗିଡି ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବୁଗୁଡ଼ା ବିଇଓ ଚିନ୍ମୟ ମହାପାତ୍ର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଗୋପବନ୍ଧୁ ଦାସ, ନୀଳକଣ୍ଠ, ଓ ଗୋଦାବରୀଶଙ୍କ ଶିକ୍ଷା ବ୍ୟବସ୍ଥାକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲିପଦର ଆଂଚଳିକ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନ୍ତରପଡ଼ା କ୍ଲଷ୍ଟର ସିଆରସିସି ସର୍ମିଷ୍ଠା କୁମାରୀ ଜେନା, ବିଦ୍ୟାଳୟର ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସରପଂଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ଅନ୍ତରପଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ଉପସ୍ଥିତ ଥିଲେ। ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିବରାମ ପାତ୍ର, ଭାରତୀ ଦାଶ, ସସ୍ମିତା ମହାନ୍ତି, ଭାରତୀ ରଣା, ରାଜଶ୍ରୀ ମାଝି, ରୋଜି ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ। ପାଚିକା ରେବତୀ ଡାକୁଆ, ରିଙ୍କି ବାରିକ, ପ୍ରତିମା ସାହୁ, ବିଦ୍ୟାଳୟ ପରିଚାଳନା ପରିଷଦର ସଭ୍ୟମାନେ ସହଯୋଗ କରିଥିଲେ। ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତୃତୀୟ ଶ୍ରେଣୀ ଛାତ୍ରୀ କେ.ରାଣୀ ଦୋରା ମେଧାବୃତ୍ତି ପରୀକ୍ଷାରେ ଶ୍ରେଷ୍ଠ ମନୋନୀତ ହୋଇ ଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷକ ଅଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।


## ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍ନାଲିଙ୍ଗର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) : 8,83,773.56, EMD (₹): 17,700,00 ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

କାର୍ଯ୍ୟର ବିବରଣୀ : କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,40,61,147.39, EMD (₹): 2,20,300,00 ।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-1092/Q/25-26


# ସିପିଆଇ ପକ୍ଷରୁ ଖଲ୍ଲିକୋଟ ତହସିଲ କାର୍ଯ୍ୟାଳୟ ଘେରାଉ

ଖଲ୍ଲିକୋଟ,୬।୨(ପ୍ରଶାନ୍ତ କୁମାର ମିଶ୍ର)



୧୨ ଦଫା ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁକ ଶୁକ୍ରବାର ଖଲ୍ଲିକୋଟ ତହସିଲ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଭୋଗ କରୁଥିବା ସମସ୍ୟା, ଯଥା ଦଖଲ ଜମିର ପଟ୍ଟା, ବାସହୀନଙ୍କୁ ଘର ଡିହ ପଟ୍ଟା, ସେଟେଲମେଣ୍ଟ ଅଧିକାରୀଙ୍କ ଭୁଲ୍ ଯୋଗୁ ରୟତି ଜମି ସରକାରୀ ଖାତା ଚାଲିଯାଇଥିବା ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହିତ ସାବୁଲିଆ ପଞ୍ଚାୟତର ମୁଖ୍ୟ ସଡ଼କ ପାର୍ଶ୍ୱରେ ଦେଶୀ ମଦ ଦୋକାନ ଉଚ୍ଛେଦ କରିବା ପାଇଁ ଦାବି କରାଯାଇଛି। ଖଲ୍ଲିକୋଟ ମେଡିକାଲ ଛକ ଠାରୁ ସିପିଆଇର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସିପିଆଇର ଅଞ୍ଚଳ ସମ୍ପାଦକ ସିମାଞ୍ଚଳ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ସିପିଆଇ ସମ୍ପାଦକ ସାଥୀ ଶ୍ରୀହର୍ଷ ରଥ ଜନ ଦାବି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ସାଥୀ ଦୁର୍ଗା ଚରଣ ପାତ୍ରଙ୍କ ସହିତ ବିକେଏମୟୁ ଜିଲା ସଭାପତି ସାଥୀ ରଘୁନାଥ ଗୌଡ଼, ବିଦ୍ୟାଧର ବେହେରା, କନ୍ଧ ପ୍ରଧାନ, ଲକ୍ଷ୍ମୀ ପାଣିଗ୍ରାହୀ, ସନ୍ତୋଷ ଦଳାଇ, ଗୁରୁଦେବ ଜାନୀ ପ୍ରମୁଖ ଥିଲେ। ଡିମିରିଆ ସରପଞ୍ଚ ପ୍ରତିନିଧି ତଥା ଯୁବ ନେତା ମନୋଜ କୁମାର ଗଉଡ ଏବଂ ରାଜେନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାଡ଼ି ଚୋରିକୁ ନେଇ ଧାରଣା ଦେଲେ ଛାତ୍ର

ବ୍ରହ୍ମପୁର, ୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଜୁନିୟର କଲେଜରେ ଶୁକ୍ରବାର ପରୀକ୍ଷା ଚାଲିଥିବା ବେଳେ କେତେଜଣ କଲେଜ ଛାତ୍ର ଫାଟକ ବାହାରେ ବସି ଆନ୍ଦୋଳନ କରୁଥିଲେ। କଲେଜ ଫାଟକର ଉଭୟ ପଟୁ ତାଲା ପଡ଼ିଥିବା ବେଳେ କିଛି ଛାତ୍ର ଗେଟ ବାହାରେ ଆନ୍ଦୋଳନ କରିଥିଲେ। ସାନଖେମୁଣ୍ଡି ବ୍ଲକ ଗୌତମୀର ଜଣେ ନାବାଳକ ଖଲ୍ଲିକୋଟ ଜୁନିଅର କଲେଜରେ ପାଠ ପଢୁଛନ୍ତି। ଶୁକ୍ରବାର ପରୀକ୍ଷା ଥିବାରୁ ସେ ଘରୁ ବାଇକରେ କଲେଜ ଆସିଥିଲେ। କଲେଜ ବାହାରେ ଗାଡ଼ି ରଖି ପରୀକ୍ଷା ଦେବାକୁ ଯାଇଥିଲେ। ଫେରିବାରେ ତାଙ୍କର ବାଇକ ସେଠାରେ ନଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। କିଛି ଛାତ୍ର କଲେଜ ଅଧ୍ୟକ୍ଷାଙ୍କୁ ଭେଟି ଗାଡ଼ି ଚୋରି ବିଷୟ ଜଣାଇ ଥିଲେ। ତେବେ ଏହା କଲେଜ ବାହାର ବିଷୟ କହ ଫେରାଇ ଦେଇଥିଲେ। ଏପରିକି ଗେଟରେ ତାଲା ପକାଗଲା। ତେଣୁ ବାହାରେ ଧାରଣାରେ ବସିଲୁ ବୋଲି ଛାତ୍ରମାନେ କହିଛନ୍ତି। କଲେଜ ଅଧ୍ୟକ୍ଷା ମନ୍ମୟୀ ପଣ୍ଡା କହିଛନ୍ତି, କଲେଜରେ ପରୀକ୍ଷା ଚାଲିଥିଲା। ସୁରକ୍ଷା ଦୃଷ୍ଟିରୁ ଗେଟ ଭିତର ପଟେ ତାଲା ପକାଯାଇଥିଲା। ଯେଉଁମାନେ କଲେଜ ଛାତ୍ର ସେମାନେ ନିଜର ପରିଚୟ ଦେଲେ କଲେଜ ଭିତରକୁ ଆସିବାକୁ ଅନୁମତି ମିଳୁଥିଲା। ଜଣେ ଛାତ୍ର ଆସି ସେ ଆଣିଥିବା ବାଇକ ଚୋରି ହୋଇଥିବା କହିଥିଲେ। ଏପରିକି କ୍ୟାମ୍ପସ ଭିତରେ ଗାଡ଼ି ରଖିବାକୁ ସୁଯୋଗ ନଦେବାରୁ ଚୋରି ହୋଇଥିବା ଆକ୍ଷେପ କରିବା ସହ ବାଇକକୁ କ୍ୟାମ୍ପସରେ ରଖିବାକୁ ସୁଯୋଗ ଦେବାକୁ କହିଥିଲେ। ନାବାଳକ ଗାଡ଼ି ଚଲାଇବା ମନା। ତେଣୁ ଆମେ କ୍ୟାମ୍ପସ ପରିସରକୁ ଛାତ୍ରୀଛାତ୍ରଙ୍କୁ ବାଇକ ଓ ସ୍କୁଟର ଆଣିବାକୁ ମନା କରିଛୁ। ଏହାପରେ ସେମାନେ ଗେଟରେ ତାଲା ପକାଇଥିଲେ। ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚିବା ସମୟରେ ସେମାନେ ଆନ୍ଦୋଳନ ଭାଙ୍ଗି ଚାଲି ଯାଇଥିଲେ ବୋଲି ସେ କହିଛନ୍ତି। ଅନ୍ୟପଟେ ଜୈନିକ ଛାତ୍ରଙ୍କ ଏକ ମୋଟର ସାଇକେଲ ଚୋରି ହୋଇଥିବା ଯୋଗୁ ଆନ୍ଦୋଳନ କରିଥିଲୁ ବୋଲି ଛାତ୍ର ମାନେ କହିଛନ୍ତି ।


ଧାରଣାରତ ଛାତ୍ରମାନେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269

କାର୍ଯ୍ୟର ନାମ : "ସମ୍ବଲପୁରରେ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA)ର ବ୍ୟବସ୍ଥା" ସମ୍ପର୍କିତ ବିଦ୍ୟୁତ୍ କାର୍ଯ୍ୟ ସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 6,02,868.62, EMD/ବିଡ୍ ସୁରକ୍ଷା ଜମା (₹) : 12,100.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ(06) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍ସରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ଼୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(Elect-G)/ ସମ୍ବଲପୁର

PR-1090/Q/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓସାଫିର ୭ମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ଓଡ଼ିଶାର ଅପହଞ୍ଚ ଅଞ୍ଚଳଗୁଡ଼ିକରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ବିଭିନ୍ନ ଆର୍ଥିକ ସେବା ଯୋଗାଇ ରାଜ୍ୟର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ରଖିପାରିଛନ୍ତି। ଋଣସେବା ସହ ଆର୍ଥିକ ଓ ଡିଜିଟାଲ ସାକ୍ଷରତା, ସାମାଜିକ ସୁରକ୍ଷା ଇତ୍ୟାଦି ସେବା ପ୍ରଦାନ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଓସାଫି ପକ୍ଷରୁ ଅନୁଷ୍ଠିତ ଏକ କର୍ମଶାଳାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରି ଏହି ବିଷୟ ଉଲ୍ଲେଖ କରିଥିଲେ। ସେ ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକର ଅବଦାନ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଓସାଫିର ସଭାପତ ଦିବ୍ୟଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷତାକରି କହିଥିଲେ, ରାଜ୍ୟରେ ଗ୍ରାମୀଣ ମହିଳାମାନଙ୍କ ଆୟ ବୃଦ୍ଧିପାଇଁ ବିଭିନ୍ନ କ୍ଷୁଦ୍ରବ୍ୟବସାୟ, ଘରୋଇ ଉଦ୍ୟୋଗ, ଜଳପରିମଳ ଓ ଗୃହନିର୍ମାଣ ଭଳି କ୍ଷେତ୍ରରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ମୋଟ ୧୮ହଜାର କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନ ଏହି ସଂସ୍ଥାଗୁଡ଼ିକରେ ୧୫ହଜାରରୁ ଅଧିକ ଯୁବତୀଯୁବକ କର୍ମନିଯୁକ୍ତି ପାଇଛନ୍ତି। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ କହିଥିଲେ, ଓସାଫି ରାଜ୍ୟରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଡିବି, ନାବାର୍ଡ ଆଦି ସଂସ୍ଥା ସହ ମିଳିତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଚଳାଇ ଆସୁଛି। ଅନ୍ୟମାନଙ୍କ ମଧ୍ୟରେ ଆକ୍ସିଅନର ସଭାପତି ମାଇକେଲ ସ୍କଲେନ, ମିଶନ ଶକ୍ତିରୁ ପଦ୍ମଲୋଚନ ରାଉତରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କେ. ବାଲାଜୀ, ସିଡିବିରୁ ପ୍ରଦ୍ୟୁମ୍ନ କୁମାର ଚୌଧରୀ, ସାଧନରୁ ଚନ୍ଦନ ଠାକୁର, କ୍ରେଡିଟ ଏକ୍ସେସ୍ ଗ୍ରାମୀଣରୁ ଗଣେଶ ନାରାୟଣ, ୟୁଏନ୍‌ଡିପି ଆଭା ମିଶ୍ର, ଇସାଫ ସ୍ମଲଫାଇନାନ୍ସ ବ୍ୟାଙ୍କରୁ ସାଇବୁ, ଜନକଲ୍ୟାଣସଂସ୍ଥାରୁ ଏସ୍.କେ. ମିଶ୍ର, କିଟରୁ ଡା. ଦେବାଶିଷ ମହାପାତ୍ର, ପ୍ରମୁଖ ଯୋଗଦେଇଥିଲେ।




# ବେଦାନ୍ତର ବିଲେଟ ଉତ୍ପାଦନ କ୍ଷମତା ୮୩୦ କେଟିପିଏକୁ ବୃଦ୍ଧି




ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ବିଲେଟ ଉତ୍ପାଦନ କ୍ଷମତାକୁ ୮୩୦ କେଟିପିଏକୁ ବୃଦ୍ଧି କରିବା ସହିତ ବିଶ୍ୱସ୍ତରରେ ସର୍ବବୃହତ୍ ବିଲେଟ ଉତ୍ପାଦନ କାର୍ଯ୍ୟ ମଧ୍ୟରେ ସ୍ଥାନିତ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ସ୍କେଲ-ଅପ କମ୍ପାନୀର ବିଶ୍ୱବ୍ୟାପୀ ଗ୍ରାହକମାନଙ୍କୁ ଉଚ୍ଚ-ଗୁଣବତ୍ତା ଉତ୍ପାଦ ଯୋଗାଣ କରିବାର କ୍ଷମତାକୁ ସୁଦୃ କରିବା ସହିତ ମୂଲ୍ୟଯୁକ୍ତ ଉତ୍ପାଦ (ଭିଏପି) ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାରକରେ ଏବଂ ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ଏକ୍ସଟ୍ରୁସନ ଏବଂ ଡାଉନଷ୍ଟ୍ରିମ କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରିଛି। ୫ରୁ ୧୨ ଇଞ୍ଚ ବ୍ୟାସରେ ଉପଲବ୍ଧ ବେଦାନ୍ତ ଆଲୁମିନିୟମର ବିଲେଟ ହେଉଛି ପ୍ରମୁଖ ଅର୍ଦ୍ଧ-ସମାପ୍ତ ଉତ୍ପାଦ ଯାହା ସଠିକ ଇଞ୍ଜିନିୟର୍ଡ ପ୍ରୋଫାଇଲ ସୃଷ୍ଟି କରିବା ପାଇଁ ଏକ୍ସଟ୍ରୁସନ ପ୍ରକ୍ରିୟାରେ ବ୍ୟବହୃତ ହୁଏ। କମ୍ପାନୀର ସମ୍ପ୍ରସାରଣ ବିଦ୍ୟମାନ ୫୮୦ କେଟିପିଏ ବିଲେଟ ଭିତ୍ତିଭୂମି ସହ ଅତିରିକ୍ତ ଭାବରେ ୨୫୦ କେଟିପିଏକୁ ନୂତନ କ୍ଷମତା ସହିତ ଯୋଡିଛି, ଯାହାକି ମୋଟ ୮୩୦ କେଟିପିଏକୁ ପହଞ୍ଚାଇଛି। ବିଲେଟ ସୁବିଧା ବିଶ୍ୱସ୍ତରୀୟ ନେତା ୱାଗଷ୍ଟାଫ (ଯୁକ୍ତରାଷ୍ଟ୍ର) ଏବଂ ହର୍ଟୱିଚ (ଅଷ୍ଟ୍ରିଆ)ଠାରୁ ଉନ୍ନତ କାଷ୍ଟିଂ ଏବଂ ସମନ୍ୱୟ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ । ଏହାସହ ଏହି ସ୍ଥାନରେ ଏକ ନୂତନ ୧୨୦ କେଟିପିଏ ପ୍ରାଥମିକ ଫାଉଣ୍ଡ୍ରି ଆଲୟ ସୁବିଧା ସ୍ଥାପନ କରାଯାଇଛି, ଯାହା କମ୍ପାନୀର ପିଏଫ୍‌ଏ ଉତ୍ପାଦନ କ୍ଷମତାକୁ ଆହୁରି ବିସ୍ତାର କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆତ୍ମନିର୍ଭରଶୀଳ ଆଲୁମିନିୟମ ଉତ୍ପାଦନ ଭିତ୍ତିଭୂମି ନିର୍ମାଣ କରିବାକୁ ପ୍ରତିବଦ୍ଧ।

# 'ଭାବିଜୀ ଘର୍ ପର୍ ହେଁ' ସହ ପେଟ୍‌ସଫାର ସହଭାଗିତା

ଭୁବନେଶ୍ୱର,୬।୨

ଲୋକପ୍ରିୟ ଟେଲିଭିଜନ ଶୋ 'ଭାବିଜୀ ଘର୍ ପର୍ ହେଁ' ଉପରେ ଆଧାରିତ ଏକ ଚଳଚ୍ଚିତ୍ର ଦର୍ଶକଙ୍କୁ ହସ ଏବଂ ମଜା ସହିତ ମନୋରଞ୍ଜନ କରିବାକୁ ପ୍ରସ୍ତୁତ। ଏହି ଚଳଚ୍ଚିତ୍ରଟି ଶଶାଙ୍କ ବାଲି ଏବଂ ରାଜନ ୱାଘଧାରେଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏଥିରେ ପ୍ରସିଦ୍ଧ ଅଭିନେତା ରବି କିଶନ, ଆସିଫ ଶେଖ, ରୋହିତାଶ୍ୱ ଗୌର, ଶୁଭାଙ୍ଗୀ ଆତ୍ରେ ଏବଂ ବିଦିଶା ଶ୍ରୀବାସ୍ତବ ଅଭିନୟ କରିଛନ୍ତି। ଉଦ୍ୟୋଗୀ ଏବଂ ନିବେଶକ ଡ. ସଞ୍ଜୀବ ଜୁନେଜା 'ଭାବିଜୀ ଘର୍ ପର୍ ହେଁ' ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ଦଳକୁ ଏହାର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଅଭିନେତାମାନେ ଏହା ମଧ୍ୟ କହିଛନ୍ତି, ମନ ଖୁସି ହେଲେ ଏବଂ ଶରୀର ହାଲୁକା ଏବଂ ସୁସ୍ଥ ଅନୁଭବ କଲେ ହିଁ ପ୍ରକୃତ ଉପଭୋଗ ଏବଂ ମନୋରଞ୍ଜନ ଅନୁଭୂତ ହୋଇପାରିବ। ଏହି ଚିନ୍ତାଧାରାକୁ ମନରେ ରଖି, ଡିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ମୁଖପାତ୍ର କହିଛନ୍ତି, ଫିଲ୍ମର ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ଫିଲ୍ମର ପ୍ରଚାର ପାଇଁ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟ୍ୟାବଲେଟ୍ସ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଆପଣଙ୍କୁ ଆରାମ ଏବଂ ଖୁସି ସହିତ ଜୀବନ ଉପଭୋଗ କରିବାକୁ ଅନୁମତି ଦିଏ। ପେଟ୍ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟାବ୍‌ଲେଟ୍ସ ସୋନାମୁଖୀ, କଳା ଲୁଣ, ଜୁଆଣି ଆଦି ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରୁ ପ୍ରସ୍ତୁତ।

# ଯଖପୁରାରେ ରହଣି କରିବନି ୩ ମେମୁ ଟ୍ରେନ୍

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଯଖପୁରା-ଯାଜପୁର କେନ୍ଦୁଝର ରୋଡ୍ ମଧ୍ୟରେ ତୃତୀୟ ରେଳ ଲାଇନର କାର୍ଯ୍ୟକ୍ଷମତା ସହିତ ଯଖପୁରା ଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ ଏବଂ କାର୍ଯ୍ୟାନୁଷ୍ଠାନଗତ ପ୍ରତିବନ୍ଧକ ହେତୁ କିଛି ଯାତ୍ରୀବାହୀ ଟ୍ରେନ ସୀମିତ ସମୟ ପାଇଁ ଯଖପୁରା ଷ୍ଟେଶନରେ ରହଣି କରିବନାହିଁ। ଶନିବାରରୁ ୧୨ ତାରିଖ ପର୍ଯ୍ୟନ୍ତ ୬୮୪୪୩/୬୮୪୪୪ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ୬୮୪୦୭/୬୮୪୦୮ ବାଲେଶ୍ୱର-ଭୁବନେଶ୍ୱର-ବାଲେଶ୍ୱର ମେମୁ, ୬୮୪୪୭/୬୮୪୪୮ କେନ୍ଦୁଝରଗଡ଼-ପାରାଦୀପ-କେନ୍ଦୁଝରଗଡ଼ ମେମୁ ଏହି ଷ୍ଟେଶନରେ ରହଣି କରିବ ନାହିଁ।

# ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଏସ୍‌ଏଲ୍‌ବିସିର ଦାବିପତ୍ର

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଏକ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର କଳିଙ୍ଗ ସେନା ପକ୍ଷରୁ ପ୍ରଦାନ କରାଯାଇଛି। ଓଡ଼ିଆ ଯୁବକମାନେ ସହଜ ଓ ସରଳ ଉପାୟରେ କିଭଳି ଋଣ ପାଇପାରିବେ ସେ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ସହ ବ୍ୟାଙ୍କମାନେ ଓଡ଼ିଶାରୁ ୫ବର୍ଷରେ ୩୦ ଲକ୍ଷ କୋଟି ଟଙ୍କା ଜମା ସଂଗ୍ରହ କରିଛନ୍ତି ବୋଲି ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି । ଦାବିପତ୍ରରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି, ଓଡ଼ିଶାରୁ ଜମା ଅନୁପାତରେ ବେକାର ଯୁବତୀଯୁବକଙ୍କୁ ଋଣ ଦିଆଯାଉନାହିଁ । ପ୍ରତି ପଞ୍ଚାୟତର ୧୦୦ଜଣଙ୍କୁ ଋଣ ପ୍ରଦାନ, ବିନା ବନ୍ଧକ ଏବଂ ବିନା ଆଇଟିଆରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବାକୁ , ଜମା ସଂଗ୍ରହ ଓ ଋଣ ଯୋଗାଣ ଉପରେ ପଞ୍ଚାୟତୱାରି ଶ୍ୱେତପତ୍ର ପ୍ରକାଶ କରିବା, ଓଡ଼ିଶା ଜମାକୁ ଅନ୍ୟ ରାଜ୍ୟରେ ବିନିଯୋଗ ନ କରିବା, ଶିଳ୍ପ ନାମରେ ଟଙ୍କା ନେଇ ଶିଳ୍ପ ବନ୍ଦ କାରି ଚାଲି ଯାଇଥିବା ଶିଳ୍ପପତିଙ୍କ ନାମରେ ଏତଲା ଦେବା, କୃଷି ଋଣ ଅଧିକ ପରିମାଣରେ ପ୍ରଦାନ କରିବା, ସମସ୍ତ ଋଣ ପାଇଁ ଯୁବତୀଯୁବକମାନେ କିଭଳି ସହଜରେ ଓ ସରଳ ଭାବେ ଋଣ ପାଇବେ ବ୍ୟାଙ୍କ ସେଥିପାଇଁ ବ୍ୟବସ୍ଥା କରିବା ଏବଂ ଗତ ୫ବର୍ଷ ମଧ୍ୟରେ ରାଜ୍ୟର କେଉଁ ବ୍ୟାଙ୍କ କେଉଁ ଜିଲାର କେତେ ଯୁବତୀଯୁବକଙ୍କୁ ଋଣ ପ୍ରଦାନ କରିଛନ୍ତି ତାହା ଉପରେ ବ୍ୟାଙ୍କର୍ସ କମିଟି ଏକ ଶ୍ୱେତପତ୍ର ଜାରି କରିବା ସହ ଓଡ଼ିଶାରୁ ସଂଗ୍ରହ ପୁଞ୍ଜି କେଉଁ କେଉଁ ରାଜ୍ୟରେ ବିନିଯୋଗକରାଯାଉଛି ରାଜ୍ୟବାସୀଙ୍କୁ ତାହା ବ୍ୟାଙ୍କର୍ସ କମିଟ ଜଣାଇବା ସହ ସରକାରୀ ସ୍କିମ୍ ମୁଦ୍ରା ଯୋଜନା ସମେତ ବିନା ବନ୍ଧକରେ ଋଣ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଦଳ ପକ୍ଷରୁ ଉପ ସଭାପତି ସବ୍ୟସାଚୀ ମହାପାତ୍ର, ତୁଳସୀ ନାରାୟଣ ଦାସ, ଅବଦୁଲ କୟୁମ ଖାନ, ସାଧାରଣ ସମ୍ପାଦକ ବିଜୟ ରାଜ, ଅମୂଲ୍ୟ ନାୟକ, ସୁମନ୍ତ ସ୍ୱାଇଁ, ରାଧାମୋହନ ପଟ୍ଟନାୟକ, ଅଶୋକ ସାହୁ, ମଧୁସୂଦନ ସାହୁ ଏବଂ ନାରୀ ନେତ୍ରୀ ମୋନାଲିସା ବିଶ୍ୱାଳ ପ୍ରମୁଖ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ୟୁକୋ ବ୍ୟାଙ୍କରେ ଥିବା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟରେ ଦାବିପତ୍ର ପ୍ରଦାନ କରିଥିଲେ ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ**

ଓଡ଼ଶିଙ୍ଗା, ନରସିଂହପୁର, କଟକ
ଆବିର୍ଭାବ : ୦୪।୧୦।୧୯୪୭
ତିରୋଧାନ : ୨୮।୦୧।୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।

ଧ-୩୩୨୦

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଉପଲକ୍ଷେ



**୰ସୁଷମା ଦେବୀ**

ଆବିର୍ଭାବ: ୦୪।୦୧।୧୯୨୦
ତିରୋଧାନ: ୧୮।୦୨।୨୦୨୫
ସେରପୁର, ଦେଓଦା, ଧର୍ମଶାଳା

ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆଜି ସେଇଦିନ ଯେଉଁଦିନ ଆମ ଜୀବନର ଆଲୋକ ନୀରବରେ ଅନ୍ଧକାର ହୋଇଗଲା। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ଦିଅର- ରାମଚନ୍ଦ୍ର ପାଣିଗ୍ରାହୀ, ପୁତ୍ର-ପତ୍ରବଧୂ: ନିରଞ୍ଜନ- ଅଜନ୍ତା, କିଶୋର କୁମାର-ରଞ୍ଜିତା, କ୍ଷୀରୋଧ-ପ୍ରଭାତୀ, ଦିଲ୍ଲିପ-ସ୍ୱାଗତିକା, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୩୩୨୧

# Classified Everyday

0674-2580101, 9692975378




## REAL ESTATE SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University / ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178


ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271



## CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190



## FOR RENT

3BHK with car parking, ground floor and second floor for residential office, godown at Gangotrinagar near Nuagan petrolpump. Contact: 6370641665. D-3308



## Healthcare

Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3245

Newly open Jyoti SPA positively health benefits (Expert therapist). Contact- 8458067955. D-76955

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit, I Jyotsnarani Nanda, D/o- Raghunath Nanda of Kaitha, Mahanga, Cuttack, declare that in Aadhaar Card bearing No. xxxx xxxx 7602 my name has been recorded as Jyotsna Nanda instead of Jyotsnarani Nanda. That Jyotsnarani Nanda and Jyotsna Nanda is one and same person. Hence this declaration. D-3322

By virtue of an affidavit sworn before the Executive Magistrate, Boudh, No.114, Dtd.- 05.02.26, I, Rajeev Biswal, S/o. Raghupati Biswal, R/o. Village- Rengalpali, P.O.- Sarasara, Dist.- Bargarh, Odisha, PIN- 768028 declare that I have changed my name from Rajib Biswal to Rajeev Biswal. Henceforth, I shall be known as Rajeev Biswal for all purposes.
Rajeev Biswal D-3319

I, Santosh Kumar Khandelwal, previously known as Santosh Kumar Khandelwalla have changed my name to Santosh Kumar Khandelwal and my father's name from Sambhu Nath Khandelwalla to Sambhu Dayal Khandelwal, via affidavit dated 24.12.2025 at Baripada for all purposes. D-3318

Before the Executive Magistrate, Bhawanipatna, Kalahandi, I, Ashok Kumar Achary, S/o. S.S. Achary, R/o. Ward No. 09, Jagannathpada, Kesinga, P.O./P.S.- Kesinga, Dist.- Kalahandi declared that I have changed my son's name from Sai Krishna to Saridevi Swastik. Henceforth, he shall be known as Saridevi Swastik for all future purposes. D-3317

Before the Executive Magistrate, Kesinga, Kalahandi, I, Lila Bai Agrawal, w/o. Bishwanath Agrawal formerly called Liladevi Agrawal, At- Kesinga, Ward No.12, P.O./P.S.- Kesinga, Dist.- Kalahandi declared that I have changed my name from Liladevi Agrawal to Lila Bai Agrawal. Henceforth, I shall be known as Lila Bai Agrawal for all future purposes. D-3316


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

IN THE COURT OF JUDGE FAMILY COURT, SAMBALPUR
CIVIL PETITION CASE NO. 61 OF 2025
Abhipsha Mishra ......Petitioner
Versus
Lokesh Kumar Purohit ....Respondent

TO
Lokesh Kumar Purohit, aged about 37 years, Son of Late Jagadish Chandra Purohit, Resident of Patarpada (Near Hanuman Mandir), Dist.- Sundargarh- 770001.

NOTICE U/O 5 RULE 20 OF C.P.C.

The above petitioner has filed the above case against you for dissolution of marriage and you are avoiding to receive the notices.

You are hereby directed to appear in this court in person or by a pleader duly instructed on the 27th day of February 2026 at 10.30 A.M. in the fore noon to show cause against the said petitioner failing which the said petition will be heard and determined exparte.

Given under my hand and seal of the court this the 28th day of January 2026.

Sd./- Judge
D-3323

Letter No.- 60, Date- 04.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୨, ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍. (ଏସ୍.ଏ.ଜି) ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା, ଓଡ଼ିଶା

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୧୦୪୯/୨୦୨୧

ସ୍ୱୟଂପ୍ରଭା ସ୍ୱାଇଁ ...........ବାଦୀ/ଦରଖାସ୍ତକାରୀ
ବନାମ
ରାଜ୍ୟ ସରକାର ଓ ଅନ୍ୟମାନେ ........ପ୍ରତିବାଦୀମାନେ/ ଅପରପକ୍ଷ

ନୋଟିସ୍ ଅଣ୍ଡର ଅର୍ଡର- ୫, ରୁଲ୍- ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀମାନେ: ୧. ସଞ୍ଜୟ କୁମାର ସାହୁ, ମ୍ୟାନେଜିଂ ଡିରେକ୍ଟର, କୋଣାର୍କ ହାଉସିଂ ସୋସାଇଟି, ଏସ୍‌ଡି- ୨, ଭିଏସ୍‌ଏସ୍ ନଗର, ପୋ- ବାଣୀବିହାର, ଥାନା- ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା-ଖୋର୍ଦ୍ଧା। ୨. ନୃସିଂହନାଥ ବିଜେ, ଜଳିପାଟଣା, ହାଲ୍- ଜରିପାଟଣା, ପୋ- ବରିମୁଣ୍ଡ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର- ୭୫୧୦୩୧, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ୍

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା. ୦୬.୦୩.୨୦୨୬ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା - ଭୁବନେଶ୍ୱର, ସହର ୟୁନିଟ୍ ନଂ. ୩୯ ଗାଡ଼କଣ, ହାଲ୍ ଖାତା- ୪୫୭୩, ହାଲ୍ ପ୍ଲଟ୍ ନଂ. ୩୮୯୩/୯୯୭୨, ରକବା ଏ ୦.୧୦୦ ଡେସିମିଲ ଯାହାର ସେଟେଲମେଣ୍ଟ ଖାତା ନଂ.୪୦୨୮, ପ୍ଲଟ୍ ନଂ.- ୩୮୯୩/୯୯୭୩, ରକବା - ଏ୦.୦୩୦ ଡେସିମିଲ ଓ ଯାହାର ସାବିକ ଖାତା ନଂ.୨୨, ସାବିକ ପ୍ଲଟ୍ ନଂ.୧୧୨୬ (ପି), ଏରିଆ ଏ.୦.୨୯୦ ଡେସିମିଲ ସ୍ୱଧରୁ ଏ.୦.୧୦୦ ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର

ଧ-୭୫୮୭୨

# ବନ୍ଧାହେଲେ ନକଲି ଡାକ୍ତର

## ମହିଳା ମେଡିକାଲ ଅଫିସରଙ୍କଠାରୁ ୧.୩୦ ଲକ୍ଷ ଠକିଥିଲେ

ଭୁବନେଶ୍ୱର, ୬/୨(ତ୍ରିନାଥ ମହାନ୍ତି)

ନିଜକୁ ଡାକ୍ତର ପରିଚୟ ଦେଇ ବିବାହ ବାହାନାରେ ସମ୍ପର୍କ ସ୍ଥାପନ କରିବା ପରେ ଟଙ୍କା ଠକିନେଉଥିବା ଜଣେ ଠକଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଗିରଫ ନକଲି ଡାକ୍ତର ହେଲେ ଅନୁଗୋଳ ଜିଲା ଖଲରୀ ଅଞ୍ଚଳର ସରୋଜ କୁମାର ମିଶ୍ର ଓରଫ ଭବାନୀ ସିକର୍ଡ ଶଙ୍କର। ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଓ ୬୭୦୦ ଟଙ୍କା ଜବତ କରାଯାଇଛି। ସରୋଜ ପୁନେରେ ଡାକ୍ତର ଥିବା କହି ଲୋକଙ୍କ ମନରେ ବିଶ୍ୱାସ ଜମାଉଥିଲେ। ବିଶେଷକରି ମାଟ୍ରିମୋନିଆଲ ସାଇଟ୍ରୁ ନମ୍ବର ଓ ତଥ୍ୟ ନେଇ ବିବାହ ପାଇଁ ସମ୍ପର୍କ ଯୋଡି ଯୁବତୀମାନଙ୍କୁ ପସାଉଥିଲେ ପରେ ବିଭିନ୍ନ ଆଳ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଠକିନେଉଥିଲେ। ସରୋଜଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା ଜଣେ ମହିଳା ମେଡ଼ିକାଲ ଅଫିସର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।



ସରୋଜ କୁମାର ମିଶ୍ର

ଅଭିଯୋଗକାରିଣୀ ମହିଳା ଜଣକ ପେସାରେ ଜଣେ ଡାକ୍ତର। ସେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ କଲେଜରେ ମେଡିକାଲ ଅଫିସର ଭାବରେ କାର୍ଯ୍ୟରତ ଅଛନ୍ତି। ବିବାହ ପାଇଁ ଏକ ବ୍ରାହ୍ମଣ ବିବାହ ୱେବ୍ସାଇଟ୍ର ନାମ ପଞ୍ଜୀକୃତ କରିଥିଲେ। ଗତ ଡିସେମ୍ବର ୮ରେ ସେ ଉକ୍ତ ୱେବ୍ସାଇଟ୍ରେ ଅଭିଯୁକ୍ତ ସରୋଜଙ୍କ ସଂସ୍ପର୍ଶରେ ଆସିଥିଲେ। ସରୋଜ ନିଜ ପ୍ରକୃତ ନାମ ଲୁଚାଇ ଅଭିଜିତ ମିଶ୍ର ନାମରେ ମିଥ୍ୟା ପରିଚୟ ଦେଇ ପୁନେରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା କହିଥିଲେ। ସେ ତାଙ୍କ ପିତାଙ୍କ ନାମ ସରୋଜ ମିଶ୍ର ବୋଲି କହିବା ସହ ଡାକ୍ତରାଣୀଙ୍କ ପରିବାର ସଦସ୍ୟଙ୍କ ସହ ବିବାହ ବିଷୟରେ କଥା ହୋଇ ବିଶ୍ୱାସ ଜନ୍ମାଇଥିଲେ। ଏଥିସହ ମୋବାଇଲ କଲ ଓ ହ୍ୱାଟ୍ସଆପ ମେସେଜ ମାଧ୍ୟମରେ ସେ ଅଭିଯୋଗକାରିଣୀ ଡାକ୍ତରାଣୀଙ୍କ ସହ ନିରନ୍ତର ଯୋଗାଯୋଗ ରଖି ନାନା ପ୍ରାଲୋଭନ ଓ ବିଶ୍ୱାସ ସୃଷ୍ଟି କରିଥିଲେ। ଡିସେମ୍ବର ୧୫ରେ ଅଭିଯୁକ୍ତ ସରୋଜ ତାଙ୍କ ବନ୍ଧୁଙ୍କ ମାଆଙ୍କ ଅନ୍ତିମ ସଂସ୍କାର ପାଇଁ ଜରୁରୀ ଖର୍ଚ୍ଚ ବାହାନାରେ ଅଭିଯୋଗକାରିଣୀଙ୍କୁ ଦେଢ଼ ଲକ୍ଷ ଟଙ୍କା ମାଗିଥିଲେ। ଡାକ୍ତରାଣୀ ଜଣକ ଫୋନ ପେ ମାଧ୍ୟମରେ ତିନୋଟି କିସ୍ତିରେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ଦେଇଥିଲେ। ଜାନୁଆରୀ ୬ରେ ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ସରୋଜ ତାଙ୍କୁ ଖରାପ ଭାଷାରେ ଗାଳି ଦେବା ସହ ହତ୍ୟା ଧମକ ଦେଇଥିଲେ। ତେବେ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ। ଏପରି ମିଥ୍ୟା ପରିଚୟ ଦେଇ ବିଭିନ୍ନ ମାଟ୍ରିମୋନି ପ୍ଲାଟ୍ଫର୍ମରେ କେତେବେଳେ ନିଜକୁ ଡାକ୍ତର ପୁଣି ଆଉ କେତେବେଳେ ବଡ଼ ଅଫିସର ପରିଚୟ ଦେଇ ଯୁବତୀ ଓ ସେମାନଙ୍କ ପରିବାର ସହ ସମ୍ପର୍କ ଯୋଡି ଟଙ୍କା ଠକିନେଉଥିଲେ। ତେବେ ସିସିଟିଏନ୍ଏସ୍ ଯାଞ୍ଚରୁ ତାଙ୍କ ନାମରେ ପୂର୍ବରୁ ଛତ୍ରପୁର ଥାନାରେ ସମାନ ପ୍ରକାରର ଏକ ମାମଲା ରହିଥିବା ଜଣାପଡ଼ିଛି।

# ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଓଡଗାଁ, ୬/୨
(ଆଦର୍ଶ କୁମାର ପଟ୍ଟନାୟକ)

## ୨୦୨୨ରେ ମାରଣାସ୍ତ୍ର ଧରି ସଂଘବଦ୍ଧ ଆକ୍ରମଣ ଘଟଣା

୨୦୨୨ରେ ନୟାଗଡ଼ ଜିଲା ଓଡଗାଁ ଥାନା ମାଣିକପାଟଣା ହାଟ ଛକ ନିକଟରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଶୁକ୍ରବାର ଓଡଗାଁ ଅତିରିକ୍ତ ସହକାରୀ ବିଚାରପତି ଜନ୍ମେଜୟ ଦାଶ ରାୟ ଶୁଣାଇବା ସହ ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୬/୪/୨୦୨୨ ରାତି ୧୦ଟାରେ ଏତଲାକାରିଣୀ ରଞ୍ଜିତା ସାହୁଙ୍କ ସ୍ୱାମୀ ଜନାର୍ଦ୍ଦନ ସାହୁ ଓ ଅନ୍ୟମାନେ ବନ୍ଧାମୁହଁଠାରୁ ଏକ ମାରୁତି ଗାଡ଼ିରେ କୁରୁମବାଙ୍କତରା ଯାଉଥିଲେ। ମାଣିକପାଟଣା ହାଟ ଛକ ଶିବାନୀ ବସ୍ତ୍ରାଳୟଠାରେ ଓଡଗାଁ ଥାନା ଅନ୍ତର୍ଗତ ବନ୍ଧାମୁହଁ ଓ ଜୟପୁର ଗାଁର ଅଭିଯୁକ୍ତ ସଞ୍ଜୟ ସାହୁ, ବାଙ୍କନିଧି ସାହୁ, ପ୍ରଭାତ ସାହୁ, ରବୀନ୍ଦ୍ର ସାହୁ ଓ ତ୍ରିନାଥ ସାହୁ ପୂର୍ବ ଯୋଜନା ମୁତାବକ ସଂଘବଦ୍ଧ ହୋଇ ହାତରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ରାସ୍ତା ଉପରେ କାର୍କୁ ଅଟକାଇ ଜନାର୍ଦ୍ଦନଙ୍କୁ ଜୋର ଜବରଦସ୍ତ ଗାଡି ଭିତରୁ ଟାଣିଆଣି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଏକ ଧାରୁଆ ଖଣ୍ଡାରେ ମୁଣ୍ଡ, ଗୋଡ଼ ଓ ହାତକୁ ହାଣିବା ସହିତ କାରରେ ଥିବା ସମସ୍ତ ଲୋକଙ୍କୁ ଧାରୁଆ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଜନାର୍ଦ୍ଦନ ଓ ଅନ୍ୟମାନେ ପ୍ରଥମେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ଜନାର୍ଦ୍ଦନ ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ପରେ ଅଧିକ ସଂକଟାପନ୍ନ ହେବାରୁ ଡାକ୍ତର ଭୁବନେଶ୍ୱର ପଠାଇଥିଲେ। ଏହାକୁ ନେଇ ଜନାର୍ଦ୍ଦନଙ୍କ ସ୍ତ୍ରୀ ରଞ୍ଜିତା ୧୭/୪/୨୦୨୨ ସକାଳେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ଘଟଣାର ବିଚାରକରି ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ସହକାରୀ ଦୌରାଜକ୍ ବିଚାରପତି ଦାଶ ୫ ଅଭିଯୁକ୍ତଙ୍କୁ ଦଫା ୩୪୧ ମତେ ୧ ମାସ, ଦଫା ୩୨୩ ମତେ ୧ ବର୍ଷ, ଦଫା ୩୨୪ ମତେ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏ ନେଇ ମକଦ୍ଦମାକୁ ପରିଚାଳନା କରୁଥିବା ସରକାରୀ ଓକିଲ ବଟକୃଷ୍ଣ ମିଶ୍ର ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ରାଜସ୍ଥାନ ପୋଲିସ

ସମ୍ବଲପୁର, ୬/୨(ପ୍ରମୋଦ ବହିଦାର)

## ■ରିମାଣ୍ଡରେ ରାଜସ୍ଥାନ ଗଲେ ମନପୁରମ୍ ସୁନା ଚୋରି ଅଭିଯୁକ୍ତ
## ■୧୫ ଦିନିଆ ରିମାଣ୍ଡରେ ନେଲା ରାଜସ୍ଥାନ ପୋଲିସ

ଜଣେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ସମ୍ବଲପୁରରେ ରାଜସ୍ଥାନ ପୋଲିସ। ସହରର ବ୍ୟସ୍ତବହୁଳ ଅଞ୍ଚଳ ବୁଢ଼ାରଜାସ୍ଥିତ ମନପୁରମ୍ ସୁନା ଋଣ ନାମକ ଏକ ଅର୍ଥଲଗାଣ ସଂସ୍ଥାରୁ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂ(୨୮)ଙ୍କୁ ରାଜସ୍ଥାନ ପୋଲିସ ୧୫ ଦିନିଆ ରିମାଣ୍ଡରେ ନେଇଥିବା ସୂଚନା ମିଳିଛି। ରାଜସ୍ଥାନ ଜୟପୁର ଥାନାର ୩ଜଣ ଅଧିକାରୀଙ୍କ ସହ ଏକ ପ୍ଲାଟୁନ୍ ଫୋର୍ସ ୨ଟି ଗାଡ଼ିରେ ଶୁକ୍ରବାର ସମ୍ବଲପୁରରେ ପହଞ୍ଚି ଜିଲା ଅଦାଲତର ଅନୁମତି କ୍ରମେ ସୁବୋଧଙ୍କୁ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୩ରେ ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପୁରମ ସୁନା ଋଣ ସଂସ୍ଥାରୁ ସଶସ୍ତ୍ର ଡକାୟତମାନେ ୩୦ କେଜି ସୁନା ଓ ନଗଦ ପ୍ରାୟ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଅଇଁଠାପାଲି ପୋଲିସ ତନାଘନା ଆରମ୍ଭ କରି ବିଭିନ୍ନ ସମୟରେ ଏଥିରେ ସମ୍ପୃକ୍ତ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପ୍ରଥମେ ୨୦୨୫ ଜାନୁଆରୀ ୧୬ରେ ବିହାର ହାଜିପୁରରୁ ପଙ୍କଜ ପାଶ୍ୱାନ(୨୬) ଓ ଅଜୟ ପାଶ୍ୱାନ(୨୪) ଓ ୨୦୨୫ ଫେବୃଆରୀ ୧ରେ ଆସାମର ଗୁଆହାଟୀରୁ ବିହାର ବୈଶାଳୀ ଜିଲା ହାଜିପୁର ଦିଘିକୋଲା ପଶ୍ଚିମର ଉତ୍ତମ ପାଶ୍ୱାନ(୨୨)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଲୁଟ୍ ସୁନା ବା ଟଙ୍କା ଉଦ୍ଧାର ହୋଇ ନ ଥିଲା। ଏମାନଙ୍କ ସୂଚନା ଆଧାରରେ ପରବର୍ତ୍ତିକାଳରେ ଗତ ମାର୍ଚ୍ଚ ୨୭ରେ କୋଲକାତା ପ୍ରେସିଡେନ୍ସି ଜେଲ୍ରେ ଥିବା ଏହାର ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂଙ୍କୁ ଅଇଁଠାପାଲି ପୋଲିସ ରିମାଣ୍ଡରେ ସମ୍ବଲପୁର ଆଣିଥିଲା। ସୁବୋଧ ଅନ୍ୟ ଏକ ଡକାୟତି ମାମଲାରେ ପ୍ରେସିଡେନ୍ସି ଜେଲ୍ରେ ଥିଲେ। ସେହି ମାସ ୨୮ ତାରିଖରେ ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେଇ ପୋଲିସ ପଚାରଉଚରା କରିଥିଲା। ସେ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ତେବେ ରିମାଣ୍ଡ ଅବଧି ସରିଲା ପରେ ସୁବୋଧ ସେହିଦିନଠାରୁ ସମ୍ବଲପୁର ମଣ୍ଡଳ ଜେଲ୍ରେ ରହିଥିଲେ। ଏହି ସମୟରେ କୌଣସି ଆପରାଧିକ ଘଟଣାର ସମ୍ପୃକ୍ତିକୁ ନେଇ ରାଜସ୍ଥାନର ଉଦୟପୁର ପୋଲିସ ଦଳ ସମ୍ବଲପୁରରେ ପହଞ୍ଚି ସ୍ଥାନୀୟ ଜିଲା କୋର୍ଟରେ ସୁବୋଧଙ୍କ ରିମାଣ୍ଡ ଆବେଦନ କରିଥିଲେ। ଜିଲା ଅଦାଲତଙ୍କ ଅନୁମତି କ୍ରମେ ତାଙ୍କୁ ରାଜସ୍ଥାନ ପୋଲିସ ୧୪ ଦିନିଆ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି।

# ଚିକିତ୍ସାଧୀନ ଅବସ୍ଥାରେ ୨ ଆଖି ବୁଜିଲେ

## ଗୋଷ୍ଠୀ ସଂଘର୍ଷ ଘଟଣା

### ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ବରଗଡ଼, ୬/୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନାଠାରୁ କିଛିଦୂରରେ ଥିବା ହାଟପଦା ସାଇ ମନ୍ଦିର ପାଖ ବିଟ୍ ରାସ୍ତା ଉପରେ ଗୁରୁବାର ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ କଲେଜ ରୋଡ୍ ବାସିନ୍ଦା ଦିଲୀପ ଲୁହା(୨୪) ଏବଂ ଗୋବିନ୍ଦପାଲି ନିବାସୀ ସୁରଜ ବାରିକ(୨୪)। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ଦିଲୀପଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ସକାଳେ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ସୁରଜଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ଋତ୍ୱିକ୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ଟାଉନ ଥାନା ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ



ଦିଲୀପ ଲୁହା



ସୁରଜ ବାରିକ

ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାହେବା ସୁଦ୍ଧା(ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ) ଅଭିଯୁକ୍ତମାନେ ଧରାପଡ଼ି ନାହାନ୍ତି। ସେହିପରି କେଉଁ କାରଣରୁ ଏଭଳି ହତ୍ୟାକାଣ୍ଡ ଘଟିଲା, ତାହା ଜଣାପଡ଼ି ନାହିଁ। ପୂର୍ବ ଶତ୍ରୁତା କିମ୍ବା ନିଶା କାରବାର ଏହାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଦିଲୀପ, ସୁରଜ, ଋତ୍ୱିକ ହାଟପଦା ସାଇ ମନ୍ଦିର ପାଖରେ ଥିଲେ। ସେଠାକୁ ଅନ୍ୟ ଏକ ଗୋଷ୍ଠୀ ହଠାତ୍ ଭୁଜାଲି, ଛୁରି ଆଦି ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ସେଠାରେ ସାମାନ୍ୟ ବଚସା ଆରମ୍ଭ ହେବା ପରେ ଅଭିଯୁକ୍ତମାନେ ଲୋକ ଗହଳି ସତ୍ତ୍ୱେ ଜଣେ ପରେ ଜଣଙ୍କୁ ଭୁଜାଲି, ଛୁରିରେ ଆକ୍ରମଣ କରି ଚାଲିଥିଲେ। ପରେ ଅଭିଯୁକ୍ତମାନେ ନିର୍ଭୟରେ ସେଠାରୁ ଖସି ଯାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଦିଲୀପଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ୨ଜଣଙ୍କୁ ରାତାରାତି ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

# ଯାତ୍ରା କଳାକାର ନିଶା ମହାରଣାଙ୍କୁ ଆଗୁଆ ଜାମିନ

କଟକ,୬/୨(କାର୍ତ୍ତିକ ସାହୁ)

ଯାତ୍ରା କଳାକାର ନିଶା ମହାରଣାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ ମଞ୍ଜୁର କରିବା ପରେ ନିଶା ଯାତ୍ରା ମଞ୍ଚରେ ପୁଣି ନୃତ୍ୟ ପରିବେଷଣ କରିବାର ରାସ୍ତା ଉନ୍ମୁକ୍ତ ହୋଇଛି ବୋଲି ଚର୍ଚ୍ଚା ହୋଇଛି। ସୂଚନାନୁସାରେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟିଠାରେ ଆୟୋଜିତ ଏକ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବାରୁ ନିଶାଙ୍କ ନାମରେ ବଲାଙ୍ଗୀର ସଦର ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ଘଟଣାରେ ସମ୍ଭାବ୍ୟ ଗିରଫଦାରିକୁ ଏଡ଼ାଇବା ଲାଗି ନିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଯୋଗୁ ମଞ୍ଚ ତଳେ ବସିଥିବା ଦର୍ଶକମାନେ ଚେୟାର ଫିଙ୍ଗିଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ବଲାଙ୍ଗୀର ସଦର ଥାନା ପୋଲିସ ନିଜଆଡୁ ଏତଲା ରୁଜୁ କରିଥିଲା।

# ନିଖୋଜ ଯୁବତୀଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ମାର୍ଶାଘାଇ, ୬/୨
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଲୁଣାନଦୀରୁ ଶୁକ୍ରବାର ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତା ଯୁବତୀ ଜଣକ ହେଲେ ଡେରାବିଶ ଥାନା ଅଧୀନ ପଲେଇ ପଞ୍ଚାୟତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ହରପ୍ରସାଦ ସାମଲଙ୍କ ଝିଅ ସ୍ୱାତୀ ସ୍ୱରୂପା (୨୧)। ମାର୍ଶାଘାଇ ପୋଲିସଠାରୁ ଖବର ପାଇ ପରିବାର ଲୋକ ତାଙ୍କୁ ଚିହ୍ନିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଏ ନେଇ ହରପ୍ରସାଦ ଶୁକ୍ରବାର ସକାଳେ ଡେରାବିଶ ଥାନାରେ କରିଥିବା ନିଖୋଜ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସ୍ୱାତୀ ଗୁରୁବାର ସକାଳ ୮ଟାରୁ କେନ୍ଦ୍ରାପଡ଼ାସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରକୁ କୋଚିଂ ନେବା ପାଇଁ ଯାଇଥିଲେ। ମାତ୍ର ଆଉ ଫେରି ନ ଥିଲେ। ତେବେ ଝିଅର ଫେରିବା ବିଳମ୍ବ ଦେଖି ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ପରେ ଥାନାରେ ଏକ ନିଖୋଜ ଅଭିଯୋଗ କରିଥିବା ହରପ୍ରସାଦ କହିଛନ୍ତି। ତେବେ ଝିଅ କେଉଁ ପରିସ୍ଥିତିରେ ମାର୍ଶାଘାଇ ଥାନା ଅଞ୍ଚଳକୁ ଆସିଲା ଏବଂ ତା'ର ମୃତଦେହ ଶୁକ୍ରବାର ମିଳିବା ନେଇ ସମ୍ପୂର୍ଣ୍ଣ ସନ୍ଦେହ ଘେରରେ ପରିବାର ରହିଥିବା ହରପ୍ରସାଦ କହିଛନ୍ତି। ତାଙ୍କ ଝିଅକୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ବାପା ହରପ୍ରସାଦ ମାର୍ଶାଘାଇ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।


**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Tele/Fax - 06821-241015, E-mail: dfo.ghumsursouth@odisha.gov.in
**TENDER CALL NOTICE FOR RATE CONTRACT FOR SUPPLY AND INSTALLATION OF CHILDREN PLAYING EQUIPMENT AND OPEN-AIR GYM EQUIPMENT.**
ADVERTISE

**No.8001/17/2526** : Sealed tenders are invited from the Original Manufacturer/ Authorised Distributor / Authorised Supplier for Supply and Installation of Children Playground Equipment and Open-Air Gym Equipment (Including for Specially Abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badgada Range. The value of procurement to be made by Ranges is likely to be Rs. 33.32 lakh (approx.).

The Divisional Forest Officer, Ghumsur South Division, Bhanjanagar hereby invites reputed Original Equipment Manufacturer (OEM) / Authorised Distributor/ Authorised Supplier for Empanelment for Supply, Installation and Maintenance of Children Playground and Open-Air Gym equipment as per details mentioned in the Scope of Work in the Tender document. Interested agency, for further details, may download the Tender document from website: https://ganjam.odisha.gov.in/or and https://odishaforest.in/ and submit their Tender in a sealed envelope by Registered Post /Courier/Hand delivery on or before **11.02.2026** on or before 5:00 PM to the Divisional Forest Officer, Ghumsur South Division, Bhanjanagar.

Bids received on offline shall be opened at **3.30 P.M of 13.02.2026**.

Sd./- Divisional Forest Officer
Ghumsur South Division
OIPR-8001/8051/1/25-26/0017



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Weir on Bridge Work**
**Identification No.- Online Tender- Weir on Bridge N.C.B. No.406 for 2025-26.**
No.25001/27/2526 **Letter No.768/Date. 29.01.2026//**

1. Name of the work : Construction of Weir adjacent to Bridge over Katra Nallah at 33th Km on Jharpokharia to Kulapata Road in the District of Mayurbhanj for the year 2024-25, 2. Total No. of work : 1 No. (One), 3. Estimated Cost : **Rs.200.45 Lakhs (approximately)**, 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.406 | Dt.10.02.2026 at 11.00 A.M. | Dt.25.02.2026 up to 5.00 P.M. | Dt.24.02.2026 up to 5.00 P.M. | Dt.26.02.2026 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.
• Any Corrigendum / Addendum will be displayed in the above e_tender website only.

Sd./- Er. A.K Naik
Chief Construction Engineer, R.W. Circle, Baripada
OIPR-25001/25130/1/25-26/0027



**DIRECTORATE OF AVIATION**
**GOVERNMENT OF ODISHA**
**JOB OPPORTUNITIES**

**No.9001/4/2526:** Directorate of Aviation, Odisha wishes to fill in purely temporary contractual posts for existing and upcoming Aviation projects & state-owned Airports as well as for regular operation of Directorate of Aviation. Indian Nationals who meet the requirements stipulated herein may apply for the following posts on a purely Contractual engagement /temporary engagement Basis [Contract Period: two years) which may be renewed subject to their performance and as per the requirement. Preference will be given to candidates with experience in Airport Management & Operations and Aviation Sectors. Number of vacancies given below is indicative as per operational requirements.

| Sl. No. | Post | Vacancy | Remuneration per month | Essential Educational Qualification and Experience |
|---|---|---|---|---|
| 1 | DY. DIRECTOR (OPERATION & PROTOCOL) | 1 | Rs,1,20,000/- | Graduate/ Post graduate in Science/ Engineering with 10+ years In Airport Operation, Airport infrastructure development, Change Management, Aerodrome Safe guarding, Safety Management, ARFF. |
| 2 | DY. DIRECTOR (ENGINEERING & MAINTENANCE) | 1 | Rs.1,20,000/- | Graduate/Postgraduate in Civil Engineering with at least 10 years of experience in airport infrastructure, maintenance of aviation facilities, utilities and compliance with DGCA/BCAS standards. Experience in project management and vendor supervision preferred. |
| 3 | ASST. DIRECTOR (AERO SAFE GUARD) | 1 | Rs.80,000/- | Graduate in /Aerospace/Engineering/Science/ or any discipline with minimum 8 years of experience in airside operation, Aerodrome Safeguarding, runway/ taxiway operations, wildlife hazard management, and ICAO safety compliance. Certification on Aerodrome Safeguarding Desirable |
| 4 | ASST. DIRECTOR (FLIGHT OPERATION & BUSINESS DEVELOPMENT) | 1 | Rs.80,000/- | Bachelors in any discipline / Finance / Business / Science (MBA preferred) with 8-10 years working experience in Aviation, operation, finance, PPPS, knowledge in Public Procurement RFP/RFQ etc is essential |
| 5 | ASST. DIRECTOR (SAFETY & COMPLIANCE) | 1 | Rs.80,000/- | Graduate/Postgraduate /Engineering/Management/Science /or any discipline with 8-10 years of experience in regulatory compliance, DGCA/ICAO audits, safety, inspections and risk assessment. Change Management Prior exposure to Quality Management Systems and SMS implementation preferred. |
| 6 | ASST. DIRECTOR (SECURITY) | 1 | Rs.80.000/- | Graduate in any discipline with minimum 8 years of experience in aviation security operations, BCAS/DGCA compliance, AVSEC certification, CISF/ airport security agencies. Experience in crisis management and emergency response planning desirable. |
| 7 | SENIOR EXECUTIVE (MIS) | 1 | Rs.50,000/- | Graduate in any discipline with Diploma in Computer or equivalent certification and having more than 5 years working experience with Government (preferably aviation) |

**AGE: Age of the candidates (35-60) YR as on 01.01.2026. Preference will be given for ex-AAI, ex-Defence Officials/ Pilots /persons having knowledge of Airlines/flight operation/NSOP/Airport Management etc.**
**PLACE OF POSTING:** O/o Directorate of Aviation, Odisha, BPI Airport, Bhubaneswar - Deputy Director (Operation & Protocol), Deputy Director (Engineering & Maintenance), Asst Director (Aero Safe Guard), Assistant Director (Business Development & Flight Operation), Assistant Director (Safety & Compliance), Assistant Director (Security) and Senior Executive-MIS.
**GENERAL INSTRUCTION:** Interested candidates are requested to submit their detailed CVs with cover letter, self-attested certificates (degrees, aviation experience, achievements) and two recent passport size photos via Speed/Registered Post or email (transcivilaviation@gmail.com or orissa_aviation@yahoo.co.in) by **28.02.2026.**
• Application after due date shall not be entertained. • Only short listed candidates will be contacted for Interview. • Candidates are advised to visit the official website of the Commerce and Transport Department at https://ct.odisha.gov.in/to obtain detailed information about the aforementioned vacancies. Queries may be submitted via the provided email address
**ADDRESS:-** Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, Pin- 751020, E-mail:-transcivilaviation@gmail.com or orissa_aviation@yahoo.co.in

Sd./- Deputy Director
Directorate of Aviation, Bhubaneswar
OIPR-9001/9003/1/25-26/0004



See Career Appointment on every Wednesday & Saturday



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE:C/2, NAYAPALLI, BHUBANESWAR-751012
CIN: U51211OR1980SGC000894
Tel No:0674-2395391, Fax No:0674-2395291, Website:www.oscsc.in
**Request for Proposal (RFP) for Empanelment of manufacturers to supply FORTIFIED RICE KERNEL (FRK) for the KMS 2025-26 in the State of Odisha**
File No.OSCSC-PROC-PROC-0042-2025
**RFP Advt.No. 2051/ OSCSC Ltd., Date: 05.02.26**

No.7001/3/2526: Proposals are invited from interested bidders registered under the Companies Act-1956/2013 or any other legal entity registered in India and having valid registration certificate and eligibility as per the criteria given in the Request for Proposal (RFP) published in the official website www.foododisha.in & www.oscsc.in & www.tendersodisha.gov.in for **"Empanelment of Manufacturers to supply FORTIFIED RICE KERNEL (FRK) for the KMS-2025-26** in the state of Odisha. The details of timetable of the RFP are as under.

| Sl. No. | Event Description | Date |
|---|---|---|
| 1 | Publication of RFP in website | 06/02/2026 at 18:00 hours |
| 2 | Pre-Bid Meeting | 17/02/2026 at 15:00 Hours at Office of OSCSC Ltd., C/2, Nayapalli, Bhubaneswar-751012 |
| 3 | Last Date and time for submission of Proposal | 02/03/2026 at 17:00 Hours through online at **www.tendersodisha.gov.in** |
| 4 | Opening of Technical Proposal | 05/03/2026 by 11:00 Hours at Office of OSCSC Ltd. C/2, Nayapalli, Bhubaneswar-751012 |
| 5 | Opening of Financial Bid | 09/03/2026, 11:00 Hours<br>Any Change to the aforementioned scheduled date, the same will be intimated through online and registered e-mail id for the technical qualified bidders |

Any amendment in the tender document due to decision in pre-bid meeting/ extension of bid, if any, shall be notified in the websites mentioned above. The proposals shall be submitted through online mode at **www.tendersodisha.gov.in.** The authority reserves the right to cancel any or the entire selection process without assigning any reason thereof.

Sd./- Managing Director
OIPR-7001/7002/1/25-26/0003 Odisha State Civil Supplies Corporation Limited



**GOVERNMENT OF ODISHA**
**DEPARTMENT OF HIGHER EDUCATION**
**RE-OPENING OF PORTAL FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDGABI CHHATRA PROTSAHAN YOJANA" 2025-26 FROM FRESH STUDENTS FOR REMAINING VACANCIES**
No.11001/10/2526

| Sl. No. | Scheme & sub-Scheme | | Dateline for submission of online application by students from fresh students (no further extension) | Dateline for validation of scholarship application (fresh) by Heads of Institutions / Principals concerned (no further extension) |
|---|---|---|---|---|
| 1 | e-Medhabruti | UG merit | 06.02.26 to 26.02.26 | Up to 06.03.26 |
| 2 | | PG merit | 06.02.26 to 26.02.26 | Up to 06.03.26 |
| 3 | | Technical & Professional merit | 06.02.26 to 26.02.26 | Up to 06.03.26 |
| 4 | Vyasakabi Fakir Mohan Bhasabruti Scheme | | 06.02.26 to 26.02.26 | Up to 06.03.26 |
| 5 | Gopabandhu Shikhya Sahayata Yojana | | 06.02.26 to 26.02.26 | Up to 06.03.26<br>Up to 19.03.26<br>(only at DWO level) |
| | Important Note for Non-SAMS Students | | **Uploading of documents through Digilocker has been made mandatory** | |

***Separate merit list will be prepared for the students whose applications will be received after 06.02.26 at Department level against the remaining vacancies.**
In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department - **0674(2396550), 0674(2391126), 0674(2391127), 0674(2391128),** (on all working days from 10.30 A.M. to 5.30 P.M.) or e-mail on scholarshiphed@gmail.com.

OIPR-11001/11001/1/25-26/0010 Sd./- Joint Secretary to Government



No.32001/17/2526

Government of Odisha, Department of Water Resources
**OFFICE OF THE SUPERINTENDING ENGINEER**
**GAJAPATI IRRIGATION DIVISION, PARALAKHEMUNDI**
Phone/Fax : 06815-223249, Email Id : eepkdgpt@gmail.com
**e-Procurement Notice No. SE-GID-05/2025-26**

1. Nature of work : Flood protection works
2. Number of works : 02 (Two)
3. Approximate amount put to tender : Rs.84.04 Lakh each
4. Period of completion : 11 Calendar months
5. Date & Time of availability of Bid document in the portal : Dt.10.02.2026 at 10.00 hours to 25.02.2026 at 17.30 hours
6. Last date & time of seeking Tender Clarification : Dt.10.02.2026 at 10.00 hours to 16.02.2026 at 17.30 hours
7. Last date & time of receipt of Bids in the portal : Dt.25.02.2026 at 17.30 hours
8. Date, time & place of opening of Technical Bid : Dt.26.02.2026 at 11.00 hours in the Office of the Superintending Engineer, Gajapati Irrigation Division, Paralakhemundi
9. Date, time & place of opening of Financial Bid : To be intimated to qualified bidders after evaluation of technical bid.
10. Name & address of the officer inviting bid : Superintending Engineer, Gajapati Irrigation Division, Paralakhemundi, Dist.-Gajapati
11. Any corrigendum required will be made available in Govt. website only. Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
OIPR-32001/32523/1/25-26/0017 Gajapati Irrigation Division, Paralakhemundi



**GOVERNMENT OF ODISHA, DEPARTMENT OF WATER RESOURCES**
Office of the Engineer-In-Chief,
Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com
No.32001/18/2526 **e-Procurement Notice**
**- Bid Identification No. - CEM/MDB-15/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDB - 15/2025-26
5. Estimated Cost : Rs.74,92,068.00
6. Period of Completion : 30 days
7. Date & time of availability of bid documents in the Portal : From Dt.07.02.2026 (10.00 A.M.) to Dt.13.02.2026 (5.30 P.M.)
8. Last date / time for receipt of bid in the portal : Dt.13.02.2026 (up to 5.30 P.M.)
9. Date and Place of opening of Technical Bid : Dt.16.02.2026 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o - Engineer-In-Chief, Secha Sadan, Bhubaneswar
OIPR-32001/32520/1/25-26/0018

# ରେକର୍ଡ ବୁକ୍‌ରେ ବୈଭବ ସୂର୍ଯ୍ୟବଂଶୀ




**ବୈଭବ**
**୧୭୫ ରନ**
**୮୦ ବଲ**
**୧୫ ଚୌକା**
**୧୫ ଛକା**

ବୈଭବ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେ ଟୁର୍ନାମେଣ୍ଟରେ ମୋଟ ୪୩୯ ରନ କରିବା ସହ ଗୋଟିଏ ଉଇକେଟ ନେଇଥିଲେ।

**୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ୮୦ ବଲ୍‌ରୁ ୧୭୫ ରନର ଇନିଂସ ଖେଳିଛନ୍ତି। ଏହା ମଧ୍ୟରେ ୧୫ ଚୌକା ଓ ୧୫ ଛକା ସାମିଲ...**

● **୧୭୫:** ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ ଫାଇନାଲ କିମ୍ବା ଯୁଥ୍ ଦିନିକିଆ ନକ୍‌ଆଉଟ ଗେମ୍‌ରେ ଏହା ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୫ ଏସିଆ କପ୍ ଫାଇନାଲରେ ପାକିସ୍ତାନର ସମୀର ମିନହାସ ଭାରତ ବିପକ୍ଷରେ ସର୍ବାଧିକ ୧୭୨ ରନକରି ରେକର୍ଡର ଅଧିକାରୀ ଥିଲେ। କୌଣସି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ମଧ୍ୟ ୧୭୫ ରନ ସର୍ବାଧିକ ସ୍କୋର। ଏହା ୧୯ ବର୍ଷରୁ କମ୍ ହେଉ କି ସିନିୟର ସ୍ତରର। ୨୦୨୨ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲରେ ଭାରତ ବିପକ୍ଷରେ ଇଂଲଣ୍ଡର ଆଲିସା ହିଲି ସ୍କୋର କରିଥିବା ୧୭୦ ରନ ସର୍ବାଧିକ ଥିଲା।

● **୧:** ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ୨୦୨୨ରେ ଭାରତର ରାଜ ବାୱା ଉଗାଣ୍ଡା ବିପକ୍ଷରେ ୧୬୨ ରନରେ ଅପରାଜିତ ରହି ରେକର୍ଡର ଅଧିକାରୀ ଥିଲେ।

● **୧୫:** ନିଜର ୧୭୫ ରନର ଇନିଂସ ମଧ୍ୟରେ ସୂର୍ଯ୍ୟବଂଶୀ ୧୫ ଛକା ମାରିଛନ୍ତି। କୌଣସି ଯୁଥ୍ ଦିନିକିଆ ଇନିଂସରେ ଏହା ସର୍ବାଧିକ। ଗତ ଡିସେମ୍ବରରେ ସେ ୟୁଏଇ ବିପକ୍ଷରେ ୧୪ ଛକା ମାରିଥିଲେ। ଏବେ ସେ ନିଜ ରେକର୍ଡ ଭାଙ୍ଗିଛନ୍ତି।

● **୧୫୦:** ସୂର୍ଯ୍ୟବଂଶୀ କେବଳ ବାଉଣ୍ଡରି (୧୫ ଚୌକା, ୧୫ ଛକା)ରୁ ୧୫୦ ରନ ସ୍କୋର କରିଥିଲେ। ଯୁଥ୍ ଦିନିକିଆରେ ଏହା ହେଉଛି ଅନ୍ୟ ଏକ ରେକର୍ଡ। ପୂର୍ବରୁ ଶ୍ରୀଲଙ୍କାର ହସିଥା ବୋୟାଗୋଦା ୨୦୧୮ରେ କେନିୟା ବିପକ୍ଷରେ ବାଉଣ୍ଡରିରୁ ସର୍ବାଧିକ ୧୨୪ ରନ ସଂଗ୍ରହ କରିଥିଲେ। ସେ ଏହି ମ୍ୟାଚରେ ୧୯୧ ରନ କରିଥିଲେ। ହସିଥା ସେତେବେଳେ ୨୮ ଚୌକା ଓ ୨ ଛକା ମାରିଥିଲେ।

● **୭୧:** ସୂର୍ଯ୍ୟବଂଶୀ ୧୫୦ ରନ ପୂରଣଲାଗି ୭୧ଟି ବଲ୍‌ର ସହାୟତା ନେଇଥିଲେ। ଏହା ଯୁଥ୍ ଦିନିକିଆରେ ଦ୍ରୁତତମ। ନିକଟରେ ସେ ଏସିଆ କପ୍‌ରେ ୟୁଏଇ ବିପକ୍ଷରେ ୮୪ ବଲ୍‌ରୁ ୧୫୦ ରନ ପୂରଣ କରିଥିଲେ। ଏଥର ସେ ନିଜ ରେକର୍ଡ ଭାଙ୍ଗିଛନ୍ତି। ଯୁଥ୍ ଦିନିକିଆରେ ଏକାଧିକଥର ୧୫୦+ ସ୍କୋର କରିବାରେ ସେ ଶ୍ରୀଲଙ୍କାର ପୁଲିନ୍ଦୁ ପେରେରା ଓ ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍କୱିକ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି।

● **୨:** ସୂର୍ଯ୍ୟବଂଶୀଙ୍କ ୫୫ ବଲ୍ ଶତକ ୧୯ ବର୍ଷରୁ କମ୍ ବିଶ୍ୱକପରେ ଦ୍ୱିତୀୟ ଦ୍ରୁତତମ। ଅଷ୍ଟ୍ରେଲିଆର ୱିଲ୍ ମାଲାଜୁକ୍ ଜାପାନ ବିପକ୍ଷରେ ୫୧ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ଅଛନ୍ତି।

● **୧୧୦:** ଯୁଥ୍ ଦିନିକିଆର ଶେଷ ୨୫ଟି ଇନିଂସରେ ସୂର୍ଯ୍ୟବଂଶୀ ୧୧୦ ଛକା ମାରି ନିଜ ରେକର୍ଡକୁ ଅଧିକ ମଜଭୁତ କରିଛନ୍ତି। ବାଂଲାଦେଶର ଜୱାଦ ଆର୍ବାର ତାଙ୍କ ଅଧା ଅର୍ଥାତ୍ ୫୫ଟି ଛକାମାରି ଦ୍ୱିତୀୟରେ ରହିଛନ୍ତି।

● **୧୪୧୨:** ଯୁଥ୍ ଦିନିକିଆରେ ବୈଭବ ମୋଟ ୧୪୧୨ ରନ ପୂରଣ କରିଛନ୍ତି। ଭାରତ ପାଇଁ ଏହା ସର୍ବାଧିକ ଏବଂ ଓଭରଅଲ୍ ଚତୁର୍ଥ ସର୍ବାଧିକ। ପୂର୍ବରୁ ବିଜୟ ଜୋଲ୍ ୧୪୦୪ ରନକରି ଜଣେ ଭାରତୀୟ ଭାବେ ଏହି ରେକର୍ଡର ଅଧିକାରୀ ଥିଲେ।



୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ରେକର୍ଡ

**▶▶ ଗୋଟିଏ ଇନିଂସରେ ସର୍ବାଧିକ ଛକା**
**୧୫:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
**୧୨:** ମାଇକେଲ ହିଲ୍ (ଅଷ୍ଟ୍ରେଲିଆ) ବନାମ ନାମ୍ବିୟା, ପେନାଙ୍ଗ, ୨୦୦୮
**୧୧:** କ୍ରେଗ୍ ସିମନ୍ସ (ଅଷ୍ଟ୍ରେଲିଆ), ବନାମ କେନିୟା, ଡୁନେଡିନ, ୨୦୦୨

**▶▶ ଫାଇନାଲରେ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର**
**୧୭୫:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
**୧୧୫:** କାଲେବ ଫାଲ୍କନର (ଇଂଲଣ୍ଡ) ବନାମ ଭାରତ, ହରାରେ, ୨୦୨୬
**୧୧୧*:** ଉନ୍ମୁକ୍ତ ଚାନ୍ଦ (ଭାରତ), ବନାମ ଅଷ୍ଟ୍ରେଲିଆ, ଟାଉନ୍ସଭିଲେ, ୨୦୧୨
**୧୦୮:** ବ୍ରେଟ୍ ୱିଲିୟମ୍ସ (ଅଷ୍ଟ୍ରେଲିଆ), ବନାମ ପାକିସ୍ତାନ, ଆଡିଲେଡ, ୧୯୮୮

**▶▶ ଦ୍ରୁତତମ ୧୫୦**
**୭୧ ବଲ୍:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
**୯୮ ବଲ୍:** ବେନ୍ ମାୟେସ (ଇଂଲଣ୍ଡ), ବନାମ ସ୍କଟଲାଣ୍ଡ, ହରାରେ, ୨୦୨୬

## ଭାରତ-ଇଂଲଣ୍ଡ ଫାଇନାଲ ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୪୧୧/୯ (ବୈଭବ ସୂର୍ଯ୍ୟବଂଶୀ–୧୭୫, ଅଭିଜ୍ଞାନ କୁଣ୍ଡୁ–୪୦, କନିଷ୍କ ଚୌହାନ ଅପରାଜିତ–୩୭, ବେଦାନ୍ତ ତ୍ରିବେଦୀ–୩୨, ଭିହାନ ମାଲହୋତ୍ରା–୩୦, ଜେମ୍ସ ମିଣ୍ଟୋ–୩/୬୩, ସେବାଷ୍ଟିଆନ ମୋର୍ଗାନ–୨/୭୪, ଆଲେକ୍ସ ଗ୍ରୀନ୍–୨/୪୯, ମାନି ଲୁମ୍ସଡେନ–୧/୮୧)। ଇଂଲଣ୍ଡ ୪୦.୨ ଓଭରରେ ୩୧୧/ଅଲ୍‌ଆଉଟ (କାଲେବ ଫାଲ୍କନର–୧୧୫, ବେନ୍ ଡକିନ୍ସ–୬୬, ବେନ୍ ମାୟେସ–୪୫, ଥୋମାସ ରିଉ–୩୧, ଆର.ଏସ. ଆମ୍ବ୍ରିସ–୩/୫୬, ଦୀପେଶ ଦେବେନ୍ଦ୍ରନ–୨/୬୪, କନିଷ୍କ ଚୌହାନ–୨/୬୩, ଖିଲାନ ପଟେଲ–୧/୬୬, ଆୟୁଷ ମାହାତ୍ରେ–୧/୩୧)।

## ୧ ସ୍ୱର୍ଣ୍ଣ ସମେତ ଓଡ଼ିଶାକୁ ୧୧ ପଦକ

**ଜାତୀୟ କାନୋଇ ସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍**

କଟକ,୬।୨ (କୁମାରଶ୍ରୀ)

ଜାତୀୟ କାନୋଇସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜଳକ୍ରୀଡ଼ାବିତ୍‌ମାନେ ଉଚ୍ଚକୋଟୀର ପ୍ରଦର୍ଶନ ବଜାୟ ରଖିଛନ୍ତି। ଭୋପାଳର ଛୋଟହ୍ରଦରେ ଶେଷ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ପଦକ ସମେତ ୧୧ଟି ପଦକ ମିଳିଛି। ୨୦୦ମିଟର ଇଭେଣ୍ଟ କାନୋଇଂ–୧ ମହିଳା ବର୍ଗରେ ସୋଫିଆ ଦେବୀ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟର ପୁରୁଷ କାୟାକିଂ–୨ରେ କିଶାନ ସିଂହ ଏବଂ ଦେବ ଚୌଧୁରୀ ବ୍ରୋଞ୍ଜ, ମହିଳା କାନୋଇଂ–୨ରେ ସଞ୍ଜନା କେରକେଟା ଏବଂ ସ୍ମିତା ବେଗ୍ ବ୍ରୋଞ୍ଜ , ମହିଳା କାନୋଇଂ–୪ରେ ସ୍ମିତା ବେଗ୍, ବଂଶିକା ପ୍ରିୟଦର୍ଶିନୀ ବେହେରା, ସଞ୍ଜନା କେରକେଟା, ଆକାଂକ୍ଷା ବ୍ରୋଞ୍ଜ ପଦକ ଜିତିଥିଲେ। ୫୦୦ମିଟର ମହିଳା କାୟାକିଂ–୪ରେ କୋନସମ ଦେବୀ, ଆଞ୍ଚଳ ସାହାରେ, ଜି. ଉର୍ବଶୀ, ଶ୍ରୁତି ଚୌଗୁଲେଙ୍କ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ମହିଳା ୫ ହଜାର ମିଟର କାୟାକିଂ–୨ ଇଭେଣ୍ଟରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଥିଲା। ଫୁଲମଣି ଖାଖା ଏବଂ ଏଲିନ ଟପ୍ପୋ ଏହି ସଫଳତା ଦେଇଥିଲେ। ୧ହଜାର ମହିଳା କାୟାକିଂ–୪, ୫ଶହ ମିଟର ମହିଳା କାନୋଇଂ–୨, ୫ଶହ ମିଟର ପୁରୁଷ କାୟାକିଂ–୨, କାୟାକିଂ–୪, ୫୦୦ମିଟର ମହିଳା କାୟାକିଂ–୪ରେ ଓଡ଼ିଶାକୁ ଅବଶିଷ୍ଟ ୫ଟି ବ୍ରୋଞ୍ଜ ପଦକ ମିଳିଥିଲା। ଓଡ଼ିଶା କାୟାକିଂ ଏବଂ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଶାର ବିଜୟ ଅଭିଯାନ

କଟକ,୬।୨(କୁମାରଶ୍ରୀ)

ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଲିଟ ଗ୍ରୁପ–ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ରାଜକୋଟର ସନୋସାରା କ୍ରିକେଟ ଗ୍ରାଉଣ୍ଡ–ବି'ରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରିଥିବା ଓଡ଼ିଶା ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ସରିତା ମେହେରଙ୍କ ୮୪ରନ ଏବଂ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫୭ରନ ସହାୟତାରେ ଦଳ ୯ ଉଇକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ୨୫୮ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମଧ୍ୟପ୍ରଦେଶର ଇନିଂସ୍ ୨୨୨ରନରେ ସୀମିତ ରହିଥିଲା। ଅନନ୍ୟା ଦୁବେ ସର୍ବାଧିକ ୮୫ରନ କରିଥିଲେ। ଅଧିନାୟିକା ସୁଶ୍ରୀ ଏବଂ ଏସ୍‌ବି ଲରେନ୍ସ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୁଶ୍ରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ସୁଶୀଲଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ, ୬।୨ (ପି.ଟି.)

ସ୍ଥାନୀୟ ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜାତୀୟ ଜୁନିୟର କୁସ୍ତି ଚାମ୍ପିୟନ ସାଗର ଧନକରଙ୍କ ହତ୍ୟା ମାମଲାରେ ଗିରଫ ଅଲିମ୍ପିଆନ ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ କୋର୍ଟ ଖାରଜ କରିଦେଇଛନ୍ତି। ସେଲିବ୍ରିଟି ଅଲିମ୍ପିଆନ ରେସ୍‌ଲରଙ୍କ ଜାମିନ ଆବେଦନର ଶୁଣାଣି କରୁଥିଲେ ଅତିରିକ୍ତ ସେସନ ଜଜ୍ ସୁଶୀଲ କୁମାର। ୨୦୨୧ ମେ ମାସରେ ଏକ ସମ୍ପତ୍ତି ବିବାଦକୁ ନେଇ କୁମାର ଓ ତାଙ୍କ ସହଯୋଗୀମାନେ ଧନକର ଓ ତାଙ୍କ ସାଥୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ଆକ୍ରମଣରେ ଧନକରଙ୍କ ମସ୍ତିଷ୍କ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ତାଙ୍କର ଅନ୍ୟ ଦୁଇ ସାଥୀ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲେ। କୁମାର ୨୦୨୧ ମେ'ରେ ଗିରଫ ହୋଇଥିଲେ। ୨୦୨୩ ଜୁଲାଇ ୧୯ରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ପାଇଁ ଏକ ସେସନ କୋର୍ଟ କୁମାରଙ୍କୁ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ଧମକ ଓ ମାରାତ୍ମକ ଅସ୍ତ୍ର ସହ ହଙ୍ଗାମା କରିବା ଆଦି ଅଭିଯୋଗରେ ଭାରତୀୟ ପିଙ୍ଗଳ କୋର୍ଡ (ଆଇପିସି)ର ଧାରା ଅନୁସାରେ କୁମାରଙ୍କ ବିରୋଧରେ ୨୦୨୨ ଅକ୍ଟୋବରରେ ଏକ ଟ୍ରାଏଲ୍ କୋର୍ଟ ଚାର୍ଜଫ୍ରେମ୍ କରାଯାଇଥିଲା। ଅସ୍ତ୍ରଶସ୍ତ୍ର ଆଇନ ଅନୁସାରେ ମଧ୍ୟ ଚାର୍ଜଫ୍ରେମ୍ କରାଯାଇଥିଲା। ଟ୍ରାଏଲ କୋର୍ଟ ଉଲ୍ଲେଖ କରିଥିଲେ ଯେ, ଧନକର ଓ ତାଙ୍କ ସାଥୀମାନଙ୍କୁ ଅପହରଣ କରି ସେମାନଙ୍କୁ ଷ୍ଟାଡିୟମ ଭିତରକୁ ଅଣାଯାଇଥିଲା। ବେସ୍‌ବଲ୍ ଏବଂ ହକି ଷ୍ଟିକ୍‌ରେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା।

## ହାଜେଲଉଡ୍ ଖେଳିବେନି

**ମେଲବୋର୍ନ, ୬।୨ (ପି.ଟି.):** ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ଶନିବାରଠାରୁ ଆରମ୍ଭ ହେବାକୁଥିବା ବେଳେ ଅଷ୍ଟ୍ରେଲିଆ ଦଳକୁ ଆଉ ଏକ ଶକ୍ତ ଧକ୍କା ଲାଗିଛି। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀରୁ ମୁକ୍ତି ପାଇବା ପାଇଁ ଦଳର ପ୍ରମୁଖ ପେସ୍ ବୋଲର ଜୋଶ ହାଜେଲଉଡ୍‌ଙ୍କୁ ଆହୁରି କିଛି ଦିନ ଲାଗିବ। ତେଣୁ ସେ ଟି୨୦ ବିଶ୍ୱକପ୍‌ରେ ଆଦୌ ଖେଳି ପାରିବେନି। ଅଷ୍ଟ୍ରେଲିଆ ଏହି ୩୫ ବର୍ଷୀୟଙ୍କ ବଦଳ ଖେଳାଳିଙ୍କ ନାମ ଏପର୍ଯ୍ୟନ୍ତ ଘୋଷଣା କରିନାହିଁ। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ପୂର୍ବରୁ ସୂଚନା ଦିଆଯାଇଥିଲା ଯେ, ହାଜେଲଉଡ୍ ଭାରତ ଓ ଶ୍ରୀଲଙ୍କାରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ମଧ୍ୟମ ଭାଗ କିମ୍ବା ପରବର୍ତ୍ତୀ ଭାଗ ପାଇଁ ଉପଲବ୍ଧ ହେବେ। ବଦଳ ଖେଳାଳିଙ୍କ ନାମ କେତୋଟି ମ୍ୟାଚ ଖେଳାଯିବା ପରେ ସ୍ଥିର କରାଯିବ ବୋଲି ଚୟନକର୍ତ୍ତା ଟୋନି ଡୋଡ୍‌ମେଡ୍ ପ୍ରକାଶ କରିଛନ୍ତି।

## ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ

କଟକ,୬।୨(କୁମାରଶ୍ରୀ)

ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇ ଦିନିଆ ଏହି ରାଜ୍ୟ ଚାମ୍ପିୟନଶିପ୍‌ରେ କେବଳ ୨୩ବର୍ଷରୁ କମ୍, ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ଇଭେଣ୍ଟ ଖେଳାଯାଇଥିଲା।

୨୩ବର୍ଷରୁ କମ୍ ପୁରୁଷ ୫୭ କେଜି ବର୍ଗରେ ଅମିତ କୁମାର ପ୍ରଧାନ, ୬୧ କେଜି ବର୍ଗରେ ଅଜିତ ଭୂୟାଁ, ୬୫ କେଜି ବର୍ଗରେ ଦୀପକ ନାୟକ, ୭୦ କେଜି ବର୍ଗରେ ଅଭିଷେକ ଗୁରୁ, ୭୫ କେଜି ବର୍ଗରେ ଆର୍ୟ୍ୟନ ସାହୁ, ୭୯ କେଜି ବର୍ଗରେ ଦେବାଶିଷ ପାଣିଗ୍ରାହୀ, ୮୬ କେଜି ବର୍ଗରେ ସାହିଲ ସୁନ୍ଦର ବେହେରା, ୯୨ କେଜି ବର୍ଗରେ ଶୁଭଙ୍କର ଷଡ଼ଙ୍ଗୀ, ମହିଳା ୫୩କେଜି ବର୍ଗରେ ଶୁଭଲକ୍ଷ୍ମୀ ପାଲ, ୫୫କେଜି ବର୍ଗରେ ସୋନିଆ ନାୟକ, ୫୭ କେଜି ବର୍ଗରେ ଶାନ୍ତିଲତା ସୁବୁଦ୍ଧି, ୫୯ କେଜି ବର୍ଗରେ ରୋଜାଲିନ ଜେନା, ୬୨କେଜି ବର୍ଗରେ ଗାୟତ୍ରୀ ପାଣି, ୬୫ କେଜି ବର୍ଗରେ ରୋନାଲି ଗିରି, ୬୮କେଜି ବର୍ଗରେ ଭବାନୀ ସେନାପତି, ୫୦କେଜି ବର୍ଗରେ ଶୁଭଶ୍ରୀ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ସିନେ କଳାକାର ତଥା ଭାଜପା ନେତା ଶ୍ରୀତମ ଦାସ, ଓଡ଼ିଶା ଆଥଲେଟିକ ସଂଘ ସଭାପତି ଜିଏସ୍ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମୀରଞ୍ଜନ ସାମନ୍ତରାୟ, କଟକ ସ୍ପୋର୍ଟସ ହଷ୍ଟେଲ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




ରାଜ୍ୟ କୁସ୍ତି ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୨ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୨୧ ଜିଲାରୁ ୨୬୦ ପ୍ରତିଯୋଗୀ ଓ ୫୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ପୁରୁଷ ୫୩, ୫୯ ଓ ୬୬ କେଜି ବର୍ଗରେ ସବ୍‌ଜୁନିୟର, ଜୁନିୟର ସିନିୟର ଓ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀମାନେ ହେଲେ ନେମାଲ ପୁରୀ ତରୁନ, ବିଶ୍ୱଜିତ ମହାପାତ୍ର, ଅବିନାଶ ହିମିରିକା, ଏସ.କେ. ସାହିଲ, ତେଜାବ କୁମାର ସୁନା, ହରେକୃଷ୍ଣ ମହାନ୍ତି, ସୁଜିତ କୁମାର ଗିରି, ବିକ୍ରମ କୁମାର ସିଂ, ସୌମେନ ସେନାପତି, ପ୍ରଦ୍ୟୁମ୍ନ ବେଉରା, ଭୀମ ମାଝି ଓ ଜୟରାମ ମଲିକ।




ପ୍ରଥମ ଦିବସରେ ଜଣେ ପ୍ରତିଯୋଗୀ ଶକ୍ତି ଉତ୍ତୋଳନ କରୁଛନ୍ତି।

# କୁନ୍ତଳା କୁମାରୀ ଥିଲେ ଅସଲରେ 'ଭାରତ-ଭାରତୀ'

ରୀତା ସ୍ୱାଇଁ

୮ ଫେବୃଆରୀ ୧୯୦୦ ମସିହାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତର ଜିଲାର ଜଗଦଲପୁରଠାରେ ପିତା ଦାନିଏଲ୍ ସାବତ ଓ ମାତା ମନିକା ସାବତଙ୍କର ଜ୍ୟେଷ୍ଠା କନ୍ୟାଭାବେ ଜନ୍ମଗ୍ରହଣ କରିଥିଲେ କୁନ୍ତଳା କୁମାରୀ। କୁନ୍ତଳାଙ୍କ ଜନ୍ମର ବର୍ଷେ ନ ପୂରୁଣୁ ପିତା ଦାନିଏଲ୍ ବୃତ୍ତି ଦାୟରେ ସପରିବାର ବର୍ମାକୁ ଚାଲିଯାଇଥିଲେ। ବର୍ମାରେ କୁନ୍ତଳାଙ୍କର ଚଉଦବର୍ଷର ରହଣି ପରେ ୧୯୧୫ରେ ସେ ଖୋର୍ଦ୍ଧାରେ ରହୁଥିବା ତାଙ୍କ ଜେଜେବାପା ଓ ଜେଜେମା'ଙ୍କ ପାଖକୁ ଚାଲିଆସିଥିଲେ। ସ୍କୁଲ ଶିକ୍ଷା ପରେ କୁନ୍ତଳା ୧୯୧୮ରେ କଟକ ମେଡିକାଲ ସ୍କୁଲରେ ନାମ ଲେଖାଇଥିଲେ। ମେଡିକାଲ ସ୍କୁଲର ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଲାଭ କରିବା ସହ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କୁନ୍ତଳା 'ଉତ୍କଳ ସାହିତ୍ୟ' ପତ୍ରିକାର ୧୯୨୨, ୨୫/୩ ସଂଖ୍ୟାରେ 'ତାରା ପ୍ରତି' ପ୍ରଥମ କବିତା ଲେଖି ଓଡ଼ିଆ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପରେ 'ଶେଫାଳି ପ୍ରତି', 'କମଳ ପ୍ରତି', 'ପୂଜା', 'ଛଳନା', 'ମଣିକାଞ୍ଚନ', 'ପୌଷମାସେ', 'ସ୍ୱାଗତ', 'ଜାତୀୟ ସଂଗୀତ', 'ଯୌବନ', 'ନବବର୍ଷେ', 'ତରୁଣର ଆବାହନ' ପ୍ରଭୃତି କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ଲଭି ତାଙ୍କୁ କବି ଭାବରେ ପରିଚୟ ପ୍ରଦାନ କରିଥିଲା।



[୧୯୦୦ – ୧୯୩୮]

ଅବଲୋକନ

୧୯୨୭ରେ କଟକଠାରେ ନିଜସ୍ୱ ପ୍ରଚେଷ୍ଟାରେ 'ଭାରତୀ ତପୋବନ' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଢ଼ିବା ସହ କୁନ୍ତଳା ଚାକିରିରୁ ଇସ୍ତଫା ଦେଇଥିଲେ। ୧୯୨୮ ଜୁଲାଇରେ ସେ ଓଡ଼ିଶା ଛାଡ଼ି ଦିଲ୍ଲୀ ଚାଲିଯାଇଥିଲେ। ସେଠାରେ ସେହିବର୍ଷ ଅଗଷ୍ଟ ୮ରେ ଶ୍ରୀ କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ସେ ବିବାହ କରିଥିଲେ। ଅନାବିଳ ପ୍ରଣୟ ଚେତନାର ଦୁର୍ବାର ପ୍ରଣୟ ସ୍ରୋତରେ ଭାସିଭାସି ସେ ୧୯୨୮ ପରେ ଲେଖିଥିଲେ 'ପ୍ରେମ ଚିନ୍ତାମଣି'।

କୁନ୍ତଳା ଓଡ଼ିଆ ସାହିତ୍ୟରେ ମାନବବାଦ ଓ ବିପ୍ଳବର କବି ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ କବିତା ସଂକଳନଗୁଡ଼ିକ ହେଉଛି ଅଞ୍ଜଳି (୧୯୨୨), ଉଚ୍ଛ୍ୱାସ (୧୯୨୩), ଅର୍ଚ୍ଚନା (୧୯୨୭), ସ୍ଫୁଲିଙ୍ଗ (୧୯୨୯), ଆହ୍ୱାନ (୧୯୩୦), ପ୍ରେମ ଚିନ୍ତାମଣି (୧୯୩୦), ଓଡ଼ିଆଙ୍କ କାନ୍ଦଣା (୧୯୩୬), ଗଡ଼ଜାତ କୃଷକ (୧୯୩୯) ଓ ମଣିକାଞ୍ଚନ କାବ୍ୟ। ଉପନ୍ୟାସଗୁଡ଼ିକ ହେଉଛି 'ଭ୍ରାନ୍ତି', ପରଶମଣି (୧୯୨୪), ନଅତୁଣ୍ଡୀ (୧୯୨୫), କାଳୀବୋହୂ (୧୯୨୭), ରଘୁ ଅରକ୍ଷିତ (୧୯୨୮)। ଅନ୍ୟ ଦୁଇଟି ଅସମ୍ପୂର୍ଣ୍ଣ ଉପନ୍ୟାସ 'ଚିତ୍ରପଟ' କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର୍ସ ଦ୍ୱାରା ଏବଂ 'ମାଆ ଓ ପୁଅ' ଭାରତୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ।


ତାଙ୍କ ସାହିତ୍ୟ କର୍ମପ୍ରବଣତା ଓ ପରୋପକାରୀ ଜୀବନର ଯଥାର୍ଥ ପ୍ରତିଛବି। ପ୍ରାରମ୍ଭିକ ପର୍ଯ୍ୟାୟର କବିତାରେ ବିଶ୍ୱଚେତନା, ପ୍ରେମ ଓ ଆତ୍ମୋତ୍ସର୍ଗର ଭାବ ବିଶେଷଭାବେ ସବଳିତ। ପ୍ରେମ ଓ ସତ୍ୟରେ ହିଁ ସୃଷ୍ଟିର ସଫଳତା ନିହିତ। ତାଙ୍କ ରଚନାରେ ପ୍ରେମ, ପ୍ରକୃତି, ଆଶା, ନିରାଶା, ଦେଶାତ୍ମବୋଧ, ସ୍ୱାଧୀନତାବୋଧ, ସାମାଜିକ ଚେତନା, ଧର୍ମୀୟ ଉଦାରତା ଓ ନାରୀ ପ୍ରତି ସମ୍ବେଦନଶୀଳତାର ସ୍ୱର ପ୍ରତିଫଳିତ। ସେ 'ଶେଫାଳି ପ୍ରତି' କବିତାରେ କହନ୍ତି– ''ତୋହ ପରି ତୁଚ୍ଛ ମୁହିଁ ତୋହ ପରି କ୍ଷଣିକ/ ହସେ ବାସେ ରସେ ମାତ୍ର ଫୁଟିଅଛି ଘଡ଼ିକ/ ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ/ ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି/ ଏଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି।'' ହିନ୍ଦୀରେ ସେ ଦୁଇଟି କବିତା ବହି ରଚନା କରିଥିଲେ– 'ବରମାଳା' ଓ 'ସପନା'। ସତ୍ୟବାଦୀ ବନ ବିଦ୍ୟାଳୟରେ ତାଙ୍କ ରଚିତ 'ପୂଜା ପଦ୍ଧତି' ପ୍ରାର୍ଥନା ସଂଗୀତ ରୂପେ ବୋଲାଯାଉଥିଲା।

ବୃତ୍ତିଗତ ସମସ୍ତ ବ୍ୟବସ୍ଥା ମଧ୍ୟରେ ବ୍ୟସ୍ତ ଥାଇ ବି 'ମହାବୀର', 'ଜୀବନ', 'ମନମୌଜି', 'ନାରୀ' ଓ 'ଭାରତୀ' ଆଦି ହିନ୍ଦୀ ପତ୍ରିକାର ସେ ସାମୟିକ ସମ୍ପାଦନା କରିଥିଲେ। କଲିକତାରୁ ପ୍ରକାଶିତ 'ପ୍ରବାସୀ ଓଡ଼ିଆ' ପତ୍ରିକା ଓ ହିନ୍ଦୀ ସାପ୍ତାହିକ 'ସ୍ତ୍ରୀ ଭୂଷଣ' ପତ୍ରିକାର ସେ ଥିଲେ ସମ୍ପାଦିକା। ହିନ୍ଦୀ ସାହିତ୍ୟ ସଭାର କର୍ମକର୍ତ୍ତାବୃନ୍ଦ ତାଙ୍କୁ ସଭାର ଉପସଭାପତି ଭାବେ ମନୋନୀତ କରିଥିଲେ। ପରେ ସେ ହିନ୍ଦୀ ନାଟ୍ୟ ପରିଷଦର ସଭାପତି ଆସନ ଲାଗି ମନୋନୀତ ହୋଇଥିଲେ। ହିନ୍ଦୀରେ ଉଚ୍ଚକୋଟୀର ଲେଖା ଲେଖି ସେ ହିନ୍ଦୀ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ତାଙ୍କର ଜୀବନ ଓ ସାହିତ୍ୟର ବୈଚିତ୍ର୍ୟମୟ ରୂପ ସନ୍ଦର୍ଶନ କରି ହିନ୍ଦୀ ଔପନ୍ୟାସିକ ଜୈନେନ୍ଦ୍ର ତାଙ୍କ ଜୀବନୀ ଆଧାରରେ 'କଲ୍ୟାଣୀ' (୧୯୩୯) ଉପନ୍ୟାସ ରଚନା କରିଥିଲେ।

କୁନ୍ତଳା କୁମାରୀ କେବଳ ପ୍ରାଦେଶିକ ସ୍ତରରେ ନୁହେଁ, ଜାତୀୟ ସ୍ତରରେ ମଧ୍ୟ ନିଜର କର୍ମପ୍ରବଣତା ଓ ସାରସ୍ୱତ କୃତି ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ଦିଲ୍ଲୀ ପ୍ରାଦେଶିକ ହିନ୍ଦୀ ପ୍ରଚାରିଣୀ ସଭାର ସେ ଥିଲେ ସଭାନେତ୍ରୀ। ଆଲାହାବାଦର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତଥା ଉତ୍ତର ଭାରତର ଅନ୍ୟ କେତେକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କ ଅଭିଭାଷଣ ଖୁବ୍ ପ୍ରଭାବୀ ଥିଲା। ୧୯୨୪ରେ ସେ କେଶବ ଚନ୍ଦ୍ର ସେନ୍‌ଙ୍କ ପ୍ରତିଷ୍ଠିତ 'ନବବିଧାନ' ବ୍ରାହ୍ମ ସମାଜର ସଭ୍ୟପଦ ଗ୍ରହଣ କରିଥିଲେ। ୧୯୨୫ରେ ମହିଳାବନ୍ଧୁ ସମିତି ଦ୍ୱାରା ସେ 'ଉତ୍କଳ ଭାରତୀ' ପଦବୀରେ ଭୂଷିତା ହୋଇଥିଲେ। ସେହିବର୍ଷ ସେପ୍ଟେମ୍ବର ୧୧ରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତସଭା ତରଫରୁ ତାଙ୍କୁ ଭ୍ରାନ୍ତି, ପରଶମଣି, ଅଞ୍ଜଳି ଓ ଉଚ୍ଛ୍ୱାସ ଗ୍ରନ୍ଥ ପାଇଁ ସ୍ୱତନ୍ତ୍ର ପ୍ରଶଂସାପତ୍ର ମିଳିଥିଲା। ୧୯୩୧ରେ କରାଚୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ସେ ଯୋଗଦେଇଥିଲେ। ବାଲେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା ଅଧିବେଶନରେ ପୌରୋହିତ୍ୟ କରିଥିଲେ। ୧୯୩୨ରେ ବରେଲି ସମ୍ମିଳନୀରେ ୪୦ପୃଷ୍ଠା ସମ୍ବଳିତ 'ନାରୀ ସ୍ୱରାଜ୍ୟ' ସମ୍ପର୍କରେ ତାଙ୍କ ହିନ୍ଦୀ ବକ୍ତବ୍ୟ ଚିନ୍ତା ଉଦ୍ରେକକାରୀ ସାବ୍ୟସ୍ତ ହୋଇଥିଲା। ଦିଲ୍ଲୀଠାରେ ହିନ୍ଦୀ ପ୍ରଚାରିଣୀ ସଭା ତାଙ୍କୁ 'ଭାରତ କବୟିତ୍ରୀ' ଉପାଧି ପ୍ରଦାନ କରିଥିଲେ। 'ସହକାର'ରେ ପ୍ରକାଶିତ ତାଙ୍କର ୯ଟି 'ଦିଲ୍ଲୀ ଚିଠି' ଓଡ଼ିଆଙ୍କୁ ଦେଶାତ୍ମବୋଧରେ ଅନୁପ୍ରାଣିତ କରିଥିଲା। ଓଡ଼ିଆ ନରନାରୀ ନିଜକୁ 'ବୀରଶ୍ରୀ' ଓ 'ବୀରଶ୍ରୀମତୀ' ଭାବେ ସମ୍ବୋଧିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ତାଙ୍କର ଏହି ଉଦ୍‌ବୋଧନ 'ଓଡ଼ିଶା ପ୍ରଦେଶ ଗଠନ'ରେ ବିଶେଷ ସହାୟକ ହୋଇଥିଲା। କେବଳ କବି ନୁହନ୍ତି, ବରଂ ଜଣେ ଦେଶହିତୈଷୀ ମାନବବାଦୀ ଓ ଅଧ୍ୟାତ୍ମବାଦୀ ଲେଖିକା ଭାବେ ସେ ସମଗ୍ର ଭାରତରେ ପରିଚିତ ଥିଲେ।

୨୩ ଅଗଷ୍ଟ ୧୯୩୮ରେ ତାଙ୍କର ପରଲୋକ ହୋଇଥିଲା। ସେ ଥିଲେ ଏକାଧାରରେ ପ୍ରେମିକା, ଗୃହିଣୀ ଓ ବିପ୍ଳବିଣୀ। ତାଙ୍କ ଜୀବନ ଓ ବ୍ୟକ୍ତିତ୍ୱ ଆଧୁନିକ ଓଡ଼ିଆ ନାରୀର ମାର୍ଗ ପ୍ରଦର୍ଶକ ଥିଲା। ଜୀବନକୁ ବୁଝିବା, ନିଜକୁ ବୁଝିବା, ନିଜର ମୂଲ୍ୟ ଉପଲବ୍ଧି କରିପାରିବାର ସାମର୍ଥ୍ୟ ସମ୍ପର୍କରେ ପ୍ରଥମେ ସେ ହିଁ ନାରୀମାନଙ୍କୁ ସଚେତନ କରିଥିଲେ। ସେ କେବଳ 'ଉତ୍କଳ-ଭାରତୀ' ନ ଥିଲେ, ଅସଲରେ ଥିଲେ 'ଭାରତ-ଭାରତୀ'। ପବିତ୍ର ଜନ୍ମଦିନ ଅବକାଶରେ ତାଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

– ଖଜୁରା, କସର୍ଦା, କଟକ
ମୋ: ୯୪୩୭୨୫୬୧୭୬




## ପୁସ୍ତକ ପରିଚୟ


### ଅମନ ମନ୍ଦିରେ ବାସ



**ଲେଖକ:** କ୍ଷୀରୋଦ ପରିଡ଼ା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/–

ବହିର ଆଦ୍ୟାଂଶ (ଇନର)କୁ ବାଦ୍ ଦେଲେ ୧/୮ ଡିମେଇ ସାଇଜ୍‌ରେ ଆଲୋଚ୍ୟ 'ଚରିତ ଉପନ୍ୟାସ'ଟିର ମୁଖ୍ୟ ପାଠ୍ୟାଂଶ ୨୩୯ ପୃଷ୍ଠାର। ଏହି ଧରଣର ଅନ୍ୟ ଦୁଇଟି ଉପନ୍ୟାସ 'ଅଭିନବ ଚୈତନ୍ୟ' ଓ 'ଅବଧୂତିକା' ପ୍ରକାଶ ପାଇବା ପରେ ଏହା ହେଉଛି ଲେଖକଙ୍କର ତୃତୀୟ ଉପନ୍ୟାସ, ଯାହା ମହାକବି ଭୀମଭୋଇଙ୍କ ଜୀବନ ଓ ରଚନାକୁ ଆଧାର କରି ପରିକଳ୍ପିତ। ଏହି ଉପନ୍ୟାସ ରଚନାର ପ୍ରେରଣା ସେ ନିଜ ପିତାଙ୍କଠାରୁ ପାଇଥିବା କଥା 'ପ୍ରାକ୍‌କଥନ'ରେ କହିଛନ୍ତି। ଉପନ୍ୟାସଟି ସମ୍ପର୍କରେ ଲେଖକଙ୍କର ବକ୍ତବ୍ୟ: ''କବି ତାଙ୍କ ଜୀବନକଥା ବା ବୃତ୍ତାନ୍ତ ଲେଖି ନାହାନ୍ତି, ଯାହା କେତେ ଧାଡ଼ି ରହିଛି, ତାହା ତାଙ୍କ ପରଲୋକର ମାତ୍ର ୩ ବର୍ଷ ପୂର୍ବରୁ ରଚିତ 'ସ୍ତୁତି ଚିନ୍ତାମଣି' କବିତା ସଂକଳନରେ ରହିଛି– ଯାହାର ବହୁ ପୂର୍ବରୁ ତାଙ୍କ ଗୁରୁଙ୍କର ପରଲୋକ ହୋଇଯାଇଛି। ସେହି କେତୋଟି 'ବୋଲି'ର ଅଳ୍ପ କେତୋଟି ପଦ ହିଁ ଆମ ପାଇଁ ତାଙ୍କ ଜୀବନ ଚରିତ। ବାକି ସବୁ କବିଙ୍କ ମୃତ୍ୟୁପରେ ବର୍ଣ୍ଣିତ ଜନଶ୍ରୁତି ଆଧାରରେ ଲିଖିତ। ଗଢ଼ିଉଠିଛି ଅନେକ କିମ୍ବଦନ୍ତୀ– ତାଙ୍କ ସପକ୍ଷରେ କମ୍, ବିପକ୍ଷରେ ବେଶି। ଏଇ ଚରିତ ଉପନ୍ୟାସରେ ମୁଁ ଯଥାସମ୍ଭବ କିମ୍ବଦନ୍ତୀଗୁଡ଼ିକୁ ବାଦ ଦେଇଛି ବା ସାମାନ୍ୟ ସୂଚନା ପ୍ରାୟ ବ୍ୟବହାର କରିଛି।'' ଏହି ଉଲ୍ଲେଖକୁ ସ୍ମରଣରେ ରଖି ପାଠିକାପାଠକମାନଙ୍କୁ ଉପନ୍ୟାସଟି ପଢ଼ିବାକୁ ହେବ। ଭୀମ ଭୋଇଙ୍କ ସ୍ୱରଚିତ ଗୀତ, ଭଜନ, ଜଣାଣ ଓ ତତ୍ତ୍ୱବଖାଣକୁ ଆଧାର କରି ଲେଖକ କାହାଣୀ କଥନ ଭଙ୍ଗୀରେ କହିଚାଲିଛନ୍ତି କବି ଚରିତ ; ତାହା ପୁଣି ମିଥ୍ୟା ନୁହେଁ, ସତ୍ୟ ଆଧାରିତ। ଭୀମ ଭୋଇଙ୍କ ଆବିର୍ଭାବରୁ ବ୍ରହ୍ମଲୀନ ପର୍ଯ୍ୟନ୍ତ ବୃତ୍ତାନ୍ତ ରୂପ ଘେନିଛି ଉପନ୍ୟାସରେ। ଏହା ଉପନ୍ୟାସ ନା ଗଦ୍ୟରେ ଲେଖା ହୋଇଥିବା କବିତା ? – ଏପରି ଏକ ଅନୁଭବ ବହିଟି ପଢ଼ିସାରିଲା ପରେ ଅନୁଭୂତ ହୁଏ। ଭୀମ ଭୋଇଙ୍କ ୧୭୫ତମ ଜନ୍ମବର୍ଷ ଓ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରୂପ ନେବାର ଶତବର୍ଷରେ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସର ପରିପ୍ରକାଶ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ।

### ଆଦ୍ୟାକ୍ଷର




**କବି:** ତ୍ରିଲୋଚନ ବେହେରା
**ପ୍ରକାଶକ:** ଅନୁପମା ମିଡିଆ ହାଉସ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/–

ମୋଟ ୭୩ଟି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ। ଆରମ୍ଭରେ ''ନିଜ କଥା ଦି'ପଦ'' ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି ତାଙ୍କ କବିତା ରଚନାର ଆରମ୍ଭ ଓ କ୍ରମ ପରିଣତ ଦିନଗୁଡ଼ିକର କଥା। ଜୀବନର ନାନା ଘାତ ପ୍ରତିଘାତ, ସଫଳତା ବିଫଳତା ଆଦି ମଧ୍ୟ ଦେଇ ତାଙ୍କ କବି ହେଇ ଉଠିବାର ଅନୁଭୂତି ସେ ବଖାଣିଛନ୍ତି। କବି ଆଶୁତୋଷ ପରିଡ଼ା ଲେଖିଛନ୍ତି ବହିର ପ୍ରଚ୍ଛଦଲେଖ ଓ କହିଛନ୍ତି: ''କାବ୍ୟ ରଚନା ପାଇଁ ଯେକୌଣସି ଉଚ୍ଚଶିକ୍ଷା ଅପରିହାର୍ଯ୍ୟ ନୁହେଁ, ଏହା କବି ତ୍ରିଲୋଚନ ବେହେରା ପ୍ରମାଣିତ କରିଛନ୍ତି ନିଜ କବିତା ମାଧ୍ୟମରେ। ନିଜ ଜୀବନର ଦୁଃଖ, ହତାଶା ଓ ବିଡ଼ମ୍ବନାକୁ ସେ ଭୋଗିଛନ୍ତି x x ଏସବୁ ଅନୁଭବ ଖୁବ୍ ମର୍ମସ୍ପର୍ଶୀ ଭାଷାରେ ତାଙ୍କ କବିତାରେ ରୂପାୟିତ ହୋଇଛି। x x ସମାଜରେ କାୟା ବିସ୍ତାର କରିଥିବା ଧନ-ଲାଳସା, କ୍ଷମତା- ଆଧିପତ୍ୟ, ଶୋଷଣ ଓ ପ୍ରତାରଣା ବିରୋଧରେ ସେ କେବଳ ପ୍ରତିବାଦ କରିନାହାନ୍ତି, ଅଧିକନ୍ତୁ ବିପ୍ଳବର ଆହ୍ୱାନ ମଧ୍ୟ ଦେଇଛନ୍ତି।'' କବିଙ୍କ କବିତାରୁ ଗୋଟିଏ ଯୋଡ଼ିଏ ଉଦାହରଣ ନେବା ତାଙ୍କ କବିତାର ଭାଷା ଓ ଭାବରୂପକୁ ଚିହ୍ନିବା ପାଇଁ: ୧. ''ଜୀବନ ଆକାଶରେ/ ମୁଁ ଏକ ଏମିତି ଖଣ୍ଡି କାକର ଯେ/ ନା ଦେଇହୁଏ କାହାକୁ ଟିକେ ବୋଲି ଭିଜାପଣ/ ନା କାହାର ହେଇପାରିଲି ଏ ଯାଏ/ ଆସ୍ଥାର ଭାଜନ ?'' (ଖଣ୍ଡି କାକର, ପୃ: ୧୩୪), ୨. ''ତୁମ ମନକୁ ଛୁଇଁଲା ଭଳି ଗାଇପାରିନାହିଁ/ ପଦେହେଲେ ମଧୁଗୀତି/ ବଖାଣି ନାହିଁ ପ୍ରେମ ଗପ/ କିନ୍ତୁ ନିତି ପଢ଼େ ଜୀବନ କବିତା x x କବିତା ଆଉ କ'ଣ କି ?'' (ଜଗତେ ମହତ, ପୃ: ୧୮୦)। ବହିର ପୃଷ୍ଠବନ୍ଧ ଲେଖିଛନ୍ତି କବି ଅକ୍ଷୟ ବେହେରା ଏବଂ ତ୍ରିଲୋଚନଙ୍କୁ ସେ 'ସତ୍ୟନିଷ୍ଠ କବି'ର ଆଖ୍ୟା ଦେଇଛନ୍ତି। ମାତ୍ର ସପ୍ତମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ଥିବା ଏହି ଗ୍ରାମୀଣ କବିଙ୍କ କାବ୍ୟ-ସ୍ୱାକ୍ଷର ପାଠିକାପାଠକଙ୍କୁ ବିସ୍ମୟ ଓ ଆନନ୍ଦ ଦେବ ବୋଲି ଆଶା।

## କବିତା

### ପ୍ରୀତି-ପଦାର୍ଥ

ସୂର୍ଯ୍ୟ ମିଶ୍ର

ଜଳିବା ପାଇଁ ସାରାଜୀବନ,
ସେତକ ଯଥେଷ୍ଟ।

ଛାଇ ଓ ଛତା ମୁକାଳିଦେଲେ
ଗୁଣୁଗୁଣଉଥାଏ ପକ୍ଷୀ ପରି ଛାତି ଭିତରେ,
ମହାକାଳର ସ୍ପନ୍ଦନ ହୋଇ
ହଜାର ଥର ଭାଙ୍ଗେ, ଗଢ଼େ ?

ପାଦ ତଳର ମାଟି ପାଲଟେ ମହିମାନ୍ୱିତ ଆକାଶ ତ
ଦେହର ପଳପଳ ମାଉଁସରୁ ନିଗିଡ଼େ
ମୋକ୍ଷର ଗୋପନ ଆକୁତି।

ଝାଳ, ଲୁହ, ରକ୍ତ, କ୍ରୋଧ, କାରୁଣ୍ୟ, କାମନା
ସବୁରିଙ୍କୁ ଆଉଟି ପାଉଟି
ଶୁଦ୍ଧ ସୁବର୍ଣ୍ଣ ପରି ଠିଆ କରାଏ ସଂସାର,
କରିନିଏ ଅମର।

ନାଇଁ ନାଇଁ ଏଥିରେ ମିଛ ଉତ୍ତାପ
କୁମ୍ଭୀରକାନ୍ଦଣା କି ପ୍ରତାରଣାର ପ୍ରଲେପ
ନିଆଁ, ପବନ, ପାଣି ପରି ଶୋହେ ଶରୀରେ
ଦୋ'ଦୋ'ପାଞ୍ଚ ନ୍ୟାୟରେ
ସମ୍ଭାଳି ହୁଏନି ତା'ର ପ୍ରତାପ।

ନଥାଏ ମୁଖମଣ୍ଡଳ କି ନାଭିମଣ୍ଡଳରେ,
ଦେଖିହୁଏନା, ସେ ଚାହିଁ ରହେ
ସଂସାରଯାକର କୋଳାହଳକୁ,
କାନରେ ଦେଖେ ତ ଆଖିରେ ଶୁଣେ,
ପାପ ପୁଣ୍ୟର ପାଚେରି ହାଣେ।

ଇଙ୍ଗିତେ ତା'ର ଚଳପ୍ରଚଳ
ସାରା ସଂସାର ଅବିରଳ:
ସାଇତି ରଖିବା ସ୍ୱପ୍ନ
ନିହାତି ଜଟିଳ।

– ୧୦୯, ବି ବ୍ଲକ୍, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର
ମୋ: ୬୩୭୧୪୩୫୨୮

### ବାମନ

ଗୌରୀଶଙ୍କର ସାହୁ

ଆଜିଯାଏ ଦେଖିପାରିଲିନି ତାଙ୍କ ତାଳୁରୁ ତଳିପା
ଛୋଟ, ଅତି ଛୋଟ
ଯେମିତି ଅଣୁ, ପରମାଣୁ, ଇଲେକ୍‌ଟ୍ରନ, ଆଲୋକ
ବାମନ ବାପୁଡ଼ା।

ଏଇତ ମାୟା, ମିଛ ଦୁନିଆ
ସତ ନୁହଁ ଗୋଟିପଣେ
ତମେ ଦେଖୁଛ, ଯାହା।

ଆଖି ଆଗରେ ପୃଥିବୀ
ମୁଣ୍ଡ ଉପରେ ଆକାଶ
ବେଶିରେ ବେଶି ଏତିକି ହେବ
ସ୍ରଷ୍ଟାଙ୍କ ସାମ୍ରାଜ୍ୟ
ତାଙ୍କ ରାଜ୍ୟ ତାଙ୍କର ଦେଶ।

ମୋର ବା କ'ଣ ଅଛି ସେଥିରେ
ମୁଁ ଦେହ, ଦେହାତୀତ।
ତିନି ପାଦ ଜମି ଦାନ ଦେବାବେଳେ
ପ୍ରଥମେ ମପାଗଲା ଦୁଇ ପାଦ ଭୂମି
ମୁଣ୍ଡ ଉପରେ ବାମନର ପାଦ
ପାତାଳ ପାଦତଳେ
ଭାଙ୍ଗି ଚୂର୍‌ମାର୍ ଦୁନିଆର ସବୁ
ଡେଙ୍ଗା ପୁରୁଷ।

ଏବେ ଦେଖାଯାଉଛନ୍ତି ପରିଷ୍କାର
ଆଗରେ, ପଛରେ, ନଭ ମଣ୍ଡଳରେ
ପାଣିରେ, ପାହାଡ଼ ଶିଖରେ
ଈଶ୍ୱର, ସର୍ବବ୍ୟାପୀ– ସର୍ବୋଚ୍ଚ।

ମୋ: ୭୯୭୮୪୨୧୮୩୫

### ଗୀତି-କବିତା

### କେହି ତ ଆସୁଛି ଫେରି

ମଞ୍ଜୁଲତା ସିଂହ


ସପନ ବୋଇତ ଭାସି ଭାସି ଆସେ
ପ୍ରୀତିର ବଣିଜ ସାରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ବେଳା ବୁକେ କେହି ଗଢ଼େ ନିତି ବସି
ସପନର ବାଲିଘର
ସଜାଇବା ପାଇଁ ସେ ବାଲିଘରକୁ
ଆଣେ କେ ପ୍ରୀତିର ଭାର
କା' ଉଦାସୀ ଆଖି ଚାହିଁଛି ତା' ବାଟ
କେହି ଜଣେ ଆସେ ଫେରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ବୋଇତରେ ଭରା ପ୍ରୀତିର ସଉଦା
ଆଣିଛି ସେ ମନ ଜାଣି
ସାଗର ସେପାରି ଲବଙ୍ଗ ଦ୍ୱୀପର
ବାସ୍ନା ଦେଉଅଛି ବୁଣି
ଆଞ୍ଜୁଳା ଆଞ୍ଜୁଳା ଅନୁରାଗ ନେଇ
କେହି ତ ଆସୁଛି ଫେରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ମୋ: ୮୮୪୭୮୫୨୯୧୭

## କାଳକାଳକୁ



''ମୋର ଏପରି ଲୋକ ପସନ୍ଦ ନୁହନ୍ତି,
ଯେଉଁମାନେ କେବେ ପତନ ବା
ପ୍ରତାରଣାର ସ୍ୱାଦ ଚାଖିନାହାନ୍ତି।
ଏପରି ଜୀବନର କିଛି ଖାସ୍ ମୂଲ୍ୟ ନାହିଁ।
ଜୀବନ ଏମାନଙ୍କ ନିକଟରେ
ତା'ର ସୌନ୍ଦର୍ଯ୍ୟ ଉନ୍ମୋଚନ କରିନାହିଁ।''
– ବୋରିସ୍ ପାସ୍ତରନାକ୍

**ବୋରିସ୍ ପାସ୍ତରନାକ୍‌ଙ୍କ** ଜନ୍ମ ୧୦ ଫେବୃଆରୀ ୧୮୯୦ରେ ରୁଷ୍‌ର ମସ୍କୋରେ ଓ ପରଲୋକ ୩୦ ମେ ୧୯୬୦ରେ ରୁଷ୍‌ର ପେରେଡେଲକିନୋରେ। ସେ ଏକାଧାରରେ କବି, ଔପନ୍ୟାସିକ ଓ ଅନୁବାଦକ। ୧୯୨୨ରେ ବର୍ଲିନ୍‌ରୁ ପ୍ରକାଶିତ ତାଙ୍କର ପ୍ରଥମ କବିତା ବହି 'My Syster, Life'। ପ୍ରକାଶ ମାତ୍ରେ ବହିଟିକୁ ମିଳେ ସୋଭିଏଟ୍ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କବିତାଗ୍ରନ୍ଥର ମାନ୍ୟତା। ୧୯୫୭ରେ ପ୍ରକାଶ ପାଏ ତାଙ୍କର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ 'Doctor Zhivago' ଇଟାଲିରୁ ଏବଂ ୧୯୫୮ରେ ତାଙ୍କୁ ମିଳେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର, ଯାହା ସୋଭିଏଟ୍ ରୁଷ୍ କମ୍ୟୁନିଷ୍ଟ ପାର୍ଟିର ବିରାଗକୁ ଏଡ଼ାଇବା ପାଇଁ ସେ ଗ୍ରହଣ କରନ୍ତି ନାହିଁ। ମୃତ୍ୟୁ ପରେ ତାଙ୍କ ପୁଅ ୧୯୮୯ରେ ପିତାଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରନ୍ତି। ଗ୍ୟେଟେ ଓ ସେକ୍ସପିୟରଙ୍କ ସାହିତ୍ୟର ସବୁଠୁଁ ଜନପ୍ରିୟ ଅନୁବାଦକ ଏହି ଲେଖକ।

## କାନ୍ଦୁଥିବା ଝିଅର ଠିକଣା

କଥାଟିଏ

ଶିବ ମିଶ୍ର

ବେଳ ବୁଡ଼ିନଥିଲା, ବୁଡ଼ିବ ବୁଡ଼ିବ ହେଉଥିଲା। ଚିଲିକାକୂଳର ସେହି ଦୀପ ମୁଣ୍ଡିଆ ତଳେ ଖଣ୍ଡେ ପଥର ଉପରେ ବସିଥିଲି ମୁଁ। କିଛି ଦୂରରେ ଥିବା ଭାଲେରି ପାହାଡ଼ର ମଥାନରେ ମେଲାଣି ନେଉଥିବା ସୂର୍ଯ୍ୟ ତା'ର ଲୋହିତ କିରଣ ପସରା ମେଲି ଦେଇଥିଲା ନୀଳାମ୍ବୁ ଚିଲିକାର ଏ ମୁଣ୍ଡରୁ ସେ ମୁଣ୍ଡ। ମୁଁ ଦେଖୁଥିଲି, କୁନି କୁନି ଲହରିଗୁଡ଼ିକର ମନ ଉଲୁସିଆ ନୃତ୍ୟ। ଅତି ସୁନ୍ଦର ଥିଲା ସେଇ ଦୃଶ୍ୟ। ମନ ଡାକିଲା କବିତାଟିଏ ଲେଖିବା ପାଇଁ। କାନ୍ଧ ଝୁଲାମୁଣିରୁ କାଗଜକଲମ ବାହାରକଲାବେଳକୁ ହଠାତ୍ ଅନ୍ଧାର ଘୋଟିଗଲାଆକାଶରୁ ମାଟିଯାଏଁ। ବଡ଼ ଆଚମ୍ବିତ କଥା! ସଞ୍ଜ ନଇଁ ନାହିଁ, ନିତି ବେଳବୁଡ଼ିବା ପରେ ସେ କାଳର ରାଜା ମହାରାଜାଙ୍କ ଭାଟ ପରି ଯେଉଁ ଗୋଟିକିଆ ତାରାଟି ରାତି ଆସୁଥିବା ଖବର ନେଇ ସବା ଆଗ ଆସୁଥିଲା, ତା'ର ଦେଖାନାହିଁ। ଏମିତି ଅନ୍ଧାର ଘୋଟିଲା କେମିତି! ମୁଁ ଚକିତ ଅବାକ୍ ହୋଇ ଚାହୁଁଥିଲି ଚତୁର୍ଦ୍ଦିଗକୁ। ଏତିକିବେଳେ ଶୁଭିଲା ଜଣେ ମହିଳାର ବିକଳ କାନ୍ଦଣା। ସେଇ ପାଖରେ କୋଉଠି କାନ୍ଦୁଥିଲା ସିଏ।

କିଏ ସେ ମହିଳା, କାହିଁକି କାନ୍ଦୁଛି ଜାଣିବା ପାଇଁ ସେଇ ଶବ୍ଦକୁ ଲକ୍ଷ୍ୟ କରି ମୁଁ ଅନ୍ଧାର ଭିତରେ ସତର୍କରେ ଆଗେଇଲି। ଚାରି ଛଅ ପାହୁଣ୍ଡ ଯିବା ପରେ ଲାଗିଲା ଚିଲିକା ପାଣିରେ ଗୋଡ଼ ରଖି ପନ୍ତା ବାଲିରେ ବସିଥିଲା କିଏ ଜଣେ। ଅନ୍ଧାରରେ ତା'ର ଚେହେରା ସ୍ପଷ୍ଟ ଦେଖାଯାଉ ନ ଥିଲେ ବି ମୁଁ ଅନୁମାନ କରିନେଲି ଯେ, ସିଏ ଜଣେ ଝିଅ। ପଚାରିଲି– ତମେ କାହିଁକି କାନ୍ଦୁଛ ? ମୋ' କଥାର ଉତ୍ତର ଦେଲାନି କି କାନ୍ଦ ବନ୍ଦ କଲାନି ସେ ଝିଅ। ମୁଁ ତା' ପାଖକୁ ଯାଇ ପୁଣି ପଚାରିଲି– କ'ଣ ହୋଇଛି ତୁମର ? ସିଏ ଚଟ୍‌କିନା ଠିଆ ହୋଇପଡ଼ି କହିଲା– ମୋର କିଛି ହୋଇନାହିଁ, ଯାହା ହୋଇଛି ତମର ହୋଇଛି। ମୁଁ ପଚାରିଲି– ତମେ ମୋତେ ଜାଣିଛ ? ଚିହ୍ନିଛ ? ଝିଅଟି କହିଲା– ହଁ, ମୁଁ ତମକୁ ଚିହ୍ନିଛି ଆଉ ଜାଣିଛି ଯେ ତମର ଆଖି ଥାଇ ତମେ ଦେଖିପାରୁନ, କାନ ଥାଇ ଶୁଣିପାରୁନ ଆଉ ମୁଣ୍ଡରେ ମଗଜ ଥାଇ ବି କିଛି ବୁଝିପାରୁନ।

ମୁଁ କହିଲି– ତମେ ଏମିତି କ'ଣ କହୁଛ ? ଏଇ ଅନ୍ଧାରରେ ତମ ଚେହେରା ଠିକ୍ ଦେଖାଯାଉ ନ ଥିଲେ ମଧ୍ୟ ମୁଁ ଜାଣିପାରୁଛି ତମେ ଜଣେ ଝିଅ, ମାନେ ତମେ ଜଣେ ଯୁବତୀ। ମୋ' କଥା ଉପରେ କଥା ମଡ଼େଇ ସିଏ କହିଲା– ପୁଣି ତମେ ଜାଣିପାରୁଥିବ ମୁଁ ଖୁବ୍ ସୁନ୍ଦରୀ, ମୋ' ଚେହେରାରେ ଚମକ ଅଛି, ଚାହାଣିରେ ମାଦକତା ଅଛି। ଆହୁରି ବି ଜାଣିପାରୁଥିବ ଯେ, ମୁଁ ହସିଲାବେଳେ ଜେଜୀମା' କାହାଣୀର ସେଇ ରାଜକୁମାରୀ ପରି ମୋ' ଓଠରୁ ଫୁଲ ଝରୁଥିବ।

ମୁଁ କହିଲି– ତମେ ଏ ସବୁ କାହିଁକି କହୁଛ ? ସିଏ କହିଲା– କାହିଁକି କହୁଛି ନା ଆଗରୁ ଯେତେବେଳେ ତମେ ମୋ' ପାଖକୁ ଆସିଛ, ମୋତେ ଦେଖିଛ, ସେତେବେଳେ ଏମିତି କେତେ କ'ଣ ସାଉଁଟିବା ପାଇଁ ମୋ' ଦେହସାରା ତମ ମୁନିଆଁ ନଜର ଘୂରେଇଛ ଆଉ ତମ ମନ ବୋଧ ହୋଇଗଲା ପରେ ମୋ' ପାଖରୁ ଦୂରେଇଯାଇଛ। କିନ୍ତୁ ଯେଉଁମାନେ ତାଙ୍କ ସ୍ୱାର୍ଥର ଶାଣଦିଆ ନଖରେ ମୋ' ଦେହକୁ ବିଦାରି ଖିନ୍‌ଭିନ୍ କରି, ମୋ' ରକ୍ତ ଶୋଷି, ମାଂସ ଝୁଣି, ମୋତେ କଙ୍କାଳସାର, କଦାକାର, ବୀଭତ୍ସ କରିବାରେ ଲାଗିଛନ୍ତି ; ସେମାନଙ୍କୁ ଦେଖିପାରୁନାହିଁ ତମ ଆଖି। ଶୁଣି ପାରୁନାହିଁ ତମ କାନ ମୋର ବୁକୁଫଟା ବିକଳ ଆର୍ତ୍ତନାଦ।

ମୁଁ କହିଲି– ତମେ କ'ଣ କହୁଛ ବୁଝି ହେଉନାହିଁ। ତମେ ପ୍ରଥମେ କୁହ ତମ ନାଁ କ'ଣ ? ତମ ଘର କେଉଁଠି ? ସେ ଝିଅ କିଛି ନ କହି ପୁଣି କାନ୍ଦିବା ଆରମ୍ଭ କରିଦେଲା। ଏଥର ସିଏ ଏତେ ଜୋର୍‌ରେ କାନ୍ଦିଲା ଯେ, ମୋ' ଆଖି ବୁଜି ହୋଇଗଲା। ଟିକିଏ ପଛକୁ ଠେଲି ହୋଇଗଲା ପରି ଲାଗିଲା ମୋତେ।

କ୍ଷଣକ ପରେ ମୋର ମୁଦାଆଖି ଖୋଲିଲା ବେଳକୁ ସେ ଅନ୍ଧାର ରାତି ନ ଥିଲା। ଭାଲେରି ପାହାଡ଼ ଶିଖରରେ ଥାଇ ଅସ୍ତଗାମୀ ସୂର୍ଯ୍ୟ ସେମିତି ବିଞ୍ଚୁଥିଲା ନାରଙ୍ଗୀ ଆଲୁଅ। ଦୀପ ମୁଣ୍ଡିଆ ତଳର ସେଇ ପଥର ଖଣ୍ଡ ଉପରେ ମୁଁ ବସିଥିଲି ସେମିତି ଏକୁଟିଆ। ସେ ଝିଅ ନଥିଲା କି ସେ ଆଖପାଖରେ ଆଉ କେହି ବି ନ ଥିଲେ। କେଜାଣି କୁଆଡ଼େ ଗଲା ସେ ଝିଅ! ମୁଁ ମୁହଁ ଫେରାଇ ଚିଲିକା ଆଡ଼କୁ ଚାହିଁଲାବେଳକୁ ମୋତେ ଲାଗିଲା ସତେ ଯେମିତି ଚିଲିକା କାନ୍ଦୁଥିଲା ସେଇ ଝିଅପରି ବିକଳ କାନ୍ଦଣା। ସେତେବେଳେ ସେଇ ବାଟ ଦେଇ ଯାଉଥିବା ସୁଲୁସୁଲିଆ ପବନ ଟିକିଏ ଅଟକି ଯାଇ ମୋ' କାନ ପାଖରେ କହିଲା– ବୋଧହୁଏ ଏବେ ତୁମକୁ ମିଳି ଯାଇଥିବ ସେଇ କାନ୍ଦୁଥିବା ଝିଅର ଠିକଣା।

– ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮






# ଭାରତ ପ୍ରଥମେ ଆମେରିକାକୁ ଭେଟିବ

**ମୁମ୍ବାଇ, ୬।୨ (ପି.ଟି.)**

ଆଇସିସି ପୁରୁଷ ଟି୨୦ କ୍ରିକେଟ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ଭାରତ ନିଜର ପ୍ରଥମ ମ୍ୟାଚରେ ଆମେରିକାକୁ ଭେଟିବ। ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବା ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ରହିଛି। ଗ୍ରୁପ୍ 'ଏ'ରେ ଭାରତ ଓ ଆମେରିକା ବ୍ୟତୀତ ନାମ୍ବିୟା, ନେଦରଲାଣ୍ଡ ଓ ପାକିସ୍ତାନ ସ୍ଥାନ ପାଇଛି।

୨୦୨୪ରେ ଭାରତ ଚାମ୍ପିୟନ ହେବାବେଳେ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦଳର ସଦସ୍ୟ ଥିଲେ। ଏଥର ଯଦିଓ ଏହି ଦୁଇ ଖେଳାଳି ନାହାନ୍ତି ତେବେ ପ୍ରମୁଖ ଟାଇଟଲ ଦାବିଦାର ରହିଛି ଟିମ୍ ଇଣ୍ଡିଆ। ୨୦୨୪ ପରଠାରୁ ଭାରତ ଓଭରଅଲ୍ ୯ଟି ସିରିଜ ଜିତିଥିବାବେଳେ ଗତବର୍ଷ ଏସିଆ କପ୍ ଚାମ୍ପିୟନ ହୋଇଛି। ୨୦୨୫ରେ ଖରାପ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ଏବେ ନିଜ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ବିସ୍ଫୋରକ ବ୍ୟାଟିଂ ମାଧ୍ୟମରେ ଇଶାନ କିଶନ ଭାରତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହ ଓପନର ସ୍ଥାନ ଦଖଲ କରିଛନ୍ତି। ଇଶାନଙ୍କ ଓପନିଂ ପାର୍ଟନର ହେବେ ଅନ୍ୟତମ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା। ସୂର୍ଯ୍ୟକୁମାର ଫର୍ମକୁ ଫେରିବା ସହ ମିଡିଲ ଅର୍ଡରରେ ତିଲକ ବର୍ମା ଅଲ୍ ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଉପ ଅଧିନାୟକ ଅକ୍ଷର ପଟେଲ ଓ ଶିବମ ଦୁବେଙ୍କୁ ନେଇ ଗଠିତ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ। ଫିନିଶର ଭୂମିକା ତୁଲାଇବାକୁ ପ୍ରସ୍ତୁତ ଥିବା ଅନ୍ୟତମ

### ଆଜିଠୁ ଟି୨୦ ବିଶ୍ୱକପ୍

ଧୂଆଁଧାର ବ୍ୟାଟର ହେଲେ ରିଙ୍କୁ ସିଂ।

ଯଶପ୍ରୀତ୍ ବୁମ୍‌ରା ଭାରତୀୟ ବୋଲିଂ ବିଭାଗର ନେତୃତ୍ୱ ନେବେ। ଇଞ୍ଜୁରି ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ତାଙ୍କ ଯତ୍ନ ନିଆଯାଉଛି। ଅର୍ଶଦୀପ ସିଂ ତାଙ୍କ ସହ ନୂଆବଲ ପାର୍ଟନର ହେବା ଆଶା କରାଯାଉଛି। ଆହତ ସମସ୍ୟା ଦୃଷ୍ଟିରୁ ଅନ୍ୟତମ ଦ୍ରୁତ ବୋଲର ହର୍ଷିତ ରାଣା ଖେଳିବେ ନାହିଁ ବୋଲି ସୂଚନା ମିଳିଛି। ଦଳରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ରୂପରେ ବିଶ୍ୱର ଦୁଇ ଶ୍ରେଷ୍ଠ


ଅଭ୍ୟାସ ଅବସରରେ ଅର୍ଶଦୀପ ସିଂ।

ସ୍ପିନର ଅଛନ୍ତି। ତେବେ ପିଚ୍ କଣ୍ଡିଶନକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ଏକାଦଶରେ କିଏ ସ୍ଥାନ ପାଇବେ କିମ୍ବା ଦୁଇଜଣ ଖେଳିବେ ତାହା ନିର୍ଭର କରିବ। ଦଳରେ ଶୁବମନ ଗିଲ୍ କିମ୍ବା ଯଶସ୍ୱୀ ଜୟସ୍ୱାଲ ନ ଥିବାରୁ ସଞ୍ଜୁ ସାମସନଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିପାରେ।

ଆଗାମୀ ମ୍ୟାଚରେ ୟୁଏସ ଜର୍ସି ପରିହିତ କେତେକ ପରିଚିତ ଖେଳାଳିଙ୍କୁ ସମ୍ମୁଖୀନ ହେବେ ସୂର୍ଯ୍ୟକୁମାର। ଏକଦା ସୂର୍ଯ୍ୟକୁମାର ୱାଙ୍ଖେଡେ ଷ୍ଟାଡିୟମରେ ଶୁଭମ୍ ରଞ୍ଜନେ, ହରମିତ ସିଂ ଓ ସୌରଭ ନେତ୍ରାଭଲକରଙ୍କ ସହ ଡ୍ରେସିଂରୁମ୍ ଶେୟାର କରିଥିଲେ। ପଡ଼ିଆ ଓ ପିଚ୍ ସମ୍ପର୍କରେ ଅଭିଜ୍ଞତା ଥିବାରୁ ଏହି ତିନି ଭ୍ରମଣକାରୀ 'ମୁମ୍ବାଇକର'ଙ୍କୁ ଆମେରିକା ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିପାରେ। ଆମେରିକା ବିପକ୍ଷ ମ୍ୟାଚକୁ ଭାରତ ହାଲ୍‌କାଭାବେ ନେଇ ପାରିବନି। କାରଣ ଏହି ଦଳ ଗତବର୍ଷ ଖେଳିଥିବା ୯ ମ୍ୟାଚରୁ ୮ଟି ବିଜୟ ସହ ବିଶ୍ୱକପ ଖେଳିବାକୁ ଆସିଛି। ଶ୍ରୀଲଙ୍କାରେ ଏହି ଦଳ ୩ ସପ୍ତାହଧରି କ୍ୟାମ୍ପ ମଧ୍ୟ କରିଛି। ଅଧିନାୟକ ମୋନାଙ୍କ ପଟେଲ ଦଳର ମୁଖ୍ୟ ବ୍ୟାଟର ହୋଇଥିବାବେଳେ ସାଇତେଜା ମୁକ୍କାମାଲ୍ଲା ଓ ମିଲିନ୍ଦ କୁମାର ତାଙ୍କୁ ସହଯୋଗ କରିବେ। ନେତ୍ରାଭଲକର, ହରମିତ ଓ ରଞ୍ଜନେ ବୋଲିଂ ବିଭାଗର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୱାଙ୍ଖେଡେ ଷ୍ଟାଡିୟମ ଶର୍ଟ ବାଉଣ୍ଡରି ବିଶିଷ୍ଟ ହୋଇଥିବାରୁ ଭାରତକୁ ହରାଇ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ରହିବ ଆମେରିକା।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଇଶାନ କିଶନ, ସଞ୍ଜୁ ସାମସନ, ଅଭିଷେକ ଶର୍ମା, ତିଲକ ବର୍ମା, ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ।

ଆମେରିକା ଦଳ: ମୋନାଙ୍କ ପଟେଲ (ଅଧିନାୟକ), ଆନ୍ଦ୍ରେସ ଗୋଉସ, ସାଇତେଜା ମୁକ୍କାମାଲ୍ଲା, ଶାୟନ ଜାହାଙ୍ଗୀର, ହରମିତ ସିଂ, ଶୋହାନ ଜୟସୂରିୟା, ସଞ୍ଜୟ କ୍ରିଷ୍ଣାମୂର୍ତ୍ତୀ, ମିଲିନ୍ଦ କୁମାର, ମହମ୍ମଦ ମୋହସିନ, ଶୁଭମ ରଞ୍ଜନେ, ଶେଡଲେ ଭାନ୍ ଶାଲକଓ୍ୱିକ, ଅଲି ଖାଁ, ଯଶଦୀପ ସିଂ, ନୋସ୍ଥୁଶ କେଞ୍ଜିଗେ, ସୌରଭ ନେତ୍ରାଭଲକର।

### ଆଜିର ମ୍ୟାଚ

**ପାକିସ୍ତାନ ବନାମ ନେଦରଲାଣ୍ଡ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**ୱେଷ୍ଟଇଣ୍ଡିଜ ବନାମ ସ୍କଟଲାଣ୍ଡ**
ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଆମେରିକା**
ସ୍ଥାନ: ମୁମ୍ବାଇ, ସମୟ: ସନ୍ଧ୍ୟା ୭ଟା

**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

# ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ହର୍ଷିତ ରାଣା

**ମୁମ୍ବାଇ, ୬।୨ (ପି.ଟି.)**

ଏକ ଏକ ଅଭ୍ୟାସ ମ୍ୟାଚରେ ଆଣ୍ଠୁରେ ଆଘାତ ଲାଗିଥିବାରୁ ଭାରତର ଯୁବ ସ୍ପିଡଷ୍ଟର ହର୍ଷିତ ରାଣା ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ମଅପ୍ ଗେମ୍‌ରେ ମାତ୍ର ଗୋଟିଏ ଓଭର ବୋଲିଂ କରିପାରିଥିଲେ ଏବଂ ୧୬ ରନ ଦେଇଥିଲେ। ସେ ଆଣ୍ଠୁରେ ଆଘାତପାଇ ପଡ଼ିଆ ବାହାରକୁ ଚାଲି ଆସିଥିଲେ। ହର୍ଷିତଙ୍କର ୯ଟି ଅନ୍ତର୍ଜାତୀୟ ଦିନିକିଆରେ ୧୦.୬୦ ଇକୋନୋମି ରେଟ୍ ରହିଛି। ତାଙ୍କ ସ୍ଥାନରେ ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ଦଳରେ ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି। ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୂଚନା ଦେଇଥିଲେ ଯେ, ହର୍ଷିତ ଟୁର୍ନାମେଣ୍ଟ ସମୟରେ ଆଘାତଜନିତ ସମସ୍ୟାରୁ ମୁକୁଳିବା ଭଳି ମନେ ହେଉ ନାହାନ୍ତି। ହର୍ଷିତଙ୍କର ଯଦିଓ ପ୍ରଥମ ଏକାଦଶରେ ସ୍ଥାନ ପାଇବା ଗ୍ୟାରେଣ୍ଟି ନ ଥିଲା କେତେକ କଣ୍ଡିଶନରେ ତାଙ୍କର ଆବଶ୍ୟକତା ରହିଥାଏ। ତାଙ୍କ ସ୍ଥାନ ପୂରଣ ଲାଗି ଦୌଡ଼ରେ ସିରାଜଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ରହିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ